



# ମନ୍ତ୍ର - ମହିମା

## (ସତ୍ୟ କି ଅସତ୍ୟ)


ରଚୟିତା : **ତ୍ରିମତ ଏକୈକ ଗୁରୁ**

ଆଧ୍ୟାତ୍ମିକ ସାମ୍ରାଜ୍ୟର ଚକ୍ରବର୍ତ୍ତୀ, (୧୦୦) ଶତାଧିକ ଗ୍ରନ୍ଥକର୍ତ୍ତା,

ଇନ୍ଦୁ ଜ୍ଞାନ ଧର୍ମପ୍ରଦାତା, ଗ୍ରଞ୍ଜଲ୍ୟ ସୃଷ୍ଟିକାରୀ ରଚୟିତା, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା

**ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

---

ଅନୁବାଦକ : **ରଘୁନାଥ ମାନସିଂହ**

---






ପ୍ରକାଶକ :

**ଇନ୍ଦୁ ଜ୍ଞାନବେଦିକା**

(Estd. in 1978 - Regd.No.: 168/2004)

ତ୍ରୈତ ଶକାବ୍ଦ - 46 ପ୍ରଥମ ମୁଦ୍ରଣ : June, 2024

ସଂଖ୍ୟା : 1000 ମୂଲ୍ୟ : /-

## ଯୋଗୀଶ୍ୱରଙ୍କ ଗ୍ରନ୍ଥାଳୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୧. ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା
୨. ଇନ୍ଦୁ ରୀତି
୩. ଇନ୍ଦୁତ୍ୱ ରକ୍ଷା କରିବା
୪. ଆଧ୍ୟାତ୍ମିକ ପ୍ରଶ୍ନ - ଉତ୍ତର
୫. ହିନ୍ଦୁ ମତରେ ଜାତିଆଣ ଭାବ
୬. ଗାଳିରେ ଜ୍ଞାନ - ଆଶିଷରେ ଅଜ୍ଞାନ
୭. ଶ୍ରୀକୃଷ୍ଣ ଈଶ୍ୱର ! କି ଭଗବାନ ! !
୮. ଯଜ୍ଞ (ସତ କି ମିଛ ?)
୯. କେଉଁ ମତରେ କେତେ ମତଦ୍ୱେଷ ?
୧୦. ହିନ୍ଦୁ ମତର ସିଦ୍ଧାନ୍ତକର୍ତ୍ତାମାନେ
୧୧. ଦୈବଗ୍ରନ୍ଥରେ ସତ୍ୟାସତ୍ୟ ବିବେଚନା
୧୨. କ’ଣ ଏହା ଈଶ୍ୱରଙ୍କ ଆଗମନର ସମୟ ନୁହେଁ !
୧୩. ତିନି ଗ୍ରନ୍ଥ, ଦୁଇ ଗୁରୁ
୧୪. ପ୍ରେତ-ଭୂତଙ୍କ ଯଥାର୍ଥ ସଂଘଟନା
୧୫. ପ୍ରତିମା× ବିଗ୍ରହ - ଦୈବ × ପ୍ରେତ
୧୬. ତ୍ରୈତକାର ରହସ୍ୟ (ତ୍ରୈତକାର ବେର୍ମୁଣ୍ଡା)
୧୭. ହେତୁବାଦ ପ୍ରଶ୍ନ- ସତ୍ୟବାଦ ଜବାବ
୧୮. ଜ୍ୟୋତିଷ୍ୟଶାସ୍ତ୍ର (ଶାସ୍ତ୍ର- ଅଶାସ୍ତ୍ର ?)
୧୯. ମନ୍ତ୍ର - ମହିମା(ସତ- ମିଛ ?)
୨୦. ଅନ୍ତିମ ଦୈବଗ୍ରନ୍ଥର ଜ୍ଞାନବାକ୍ୟାବଳୀ
୨୧. ଆମ ପର୍ବ (କିପରି ପାଳିବା ଜାଣନ୍ତି ?)
୨୨. କଳିଯୁଗ (କଦାପି ଯୁଗାନ୍ତ ହେବ ନାହିଁ)
୨୩. କୃଷ୍ଣମୁଷା (ଶ୍ରୀକୃଷ୍ଣଙ୍କ ମରଣୋତ୍ତର ଜୀବନ)
୨୪. ସ୍ୱର୍ଗ ଇନ୍ଦ୍ରଲୋକ ! ନରକ ଯମରାଜ୍ୟ ! !
୨୫. ତିନି ଦୈବଗ୍ରନ୍ଥ - ତିନି ପ୍ରଥମ ବାକ୍ୟ ।
୨୬. ନିଷ୍ପତି - ଈଶ୍ୱରଙ୍କ ନିଷ୍ପତି
୨୭. ଗୁତ୍ତା
୨୮. ପ୍ରବୋଧ
୨୯. ସୁବୋଧ
୩୦. ଆଦିତ୍ୟ
୩୧. ସମାଧି
୩୨. ମାତା - ପିତା
୩୩. କଷଟିପଥର
୩୪. ତ୍ରୈତାରାଧନା
୩୫. ଧର୍ମଚକ୍ର
୩୬. ପ୍ରସିଦ୍ଧ ବାଣୀ
୩୭. କର୍ମଗ୍ରନ୍ଥ
୩୮. ତୋ ପାଇଁ ମୋ ଲେଖା
୩୯. ଜଣେ ହିଁ ଦୁଇଜଣ
୪୦. ଦୈବମୁଦ୍ରା
୪୧. ଭାବ - ଭାଷା
୪୨. କାହାଣୀରେ ଜ୍ଞାନ
୪୩. ସତ୍ୟାନ୍ୱେଷୀ କଥା
୪୪. କୃଶ କଣ ଈଶ୍ୱର ?
୪୫. ଆତ୍ମଲିଙ୍ଗାର୍ଥ
୪୬. ପ୍ରାଥମିକ ଜ୍ଞାନ
୪୭. ବିଶ୍ୱବିଦ୍ୟାଳୟ
୪୮. ଜିହାଦ୍ କହିଲେ ଯୁଦ୍ଧ ?
୪୯. ଜନନ ମରଣ ସିଦ୍ଧାନ୍ତ
୫୦. ମତାତୀତ ଈଶ୍ୱରମାର୍ଗ
୫୧. ଦୈବ ଚିହ୍ନ
୫୨. ମତ-ପଥ
୫୩. ଦ୍ରାବିଡ ବ୍ରାହ୍ମଣ
୫୪. ପ୍ରବକ୍ତାମାନେ କିଏ ?
୫୫. ଧର୍ମଶାସ୍ତ୍ର କେଉଁଟି ?
୫୬. ଈଶ୍ୱରଙ୍କ ଚିହ୍ନ-୯୬୩
୫୭. ଇନ୍ଦୁ କଣ ଖ୍ରୀଷ୍ଟୀୟ ?
୫୮. ନାସ୍ତିକ-ଆସ୍ତିକ

# ଯୋଗୀଶ୍ୱରଙ୍କ ଶୃଙ୍ଖଳ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୫୯. ପ୍ରବୋଧ ତରଙ୍ଗ
୬୦. ଗୀତା ପରିଚୟ
୬୧. ତ୍ରୈତ ସିଦ୍ଧାନ୍ତ
୬୨. ବାର୍ତ୍ତିକ - ବର୍ତ୍ତିକ
୬୩. ଧର୍ମ - ଅଧର୍ମ
୬୪. ତତ୍ତ୍ୱରେ ଜ୍ଞାନ
୬୫. ମରଣ ରହସ୍ୟ
୬୬. ପୁନର୍ଜନ୍ମ ରହସ୍ୟ
୬୭. ଗୁରୁ ପ୍ରାର୍ଥନା ମଞ୍ଜରୀ
୬୮. ରଢିରେ ଜ୍ଞାନ
୬୯. ଦ୍ୱନ୍ଦାର୍ଥ କାହାଣୀ ଜ୍ଞାନ
୭୦. କେଉଁଟି ସତ୍ୟ ଜ୍ଞାନ ?
୭୧. ନିଗୁଢ ତତ୍ତ୍ୱାର୍ଥ ବୋଧିନି
୭୨. ଦେବାଳୟ ରହସ୍ୟ
୭୩. ପ୍ରବୋଧାନନ୍ଦ ନାଟକ
୭୪. ହେତୁବାଦ - ପ୍ରତିବାଦ
୭୫. ମତ ବଦଳାଇବା ଦୈବଦ୍ରୋହ
୭୬. ମୋର ଲୋଚନା-ତୋର ଆଲୋଚନା
୭୭. ଧ୍ୟାନ-ପ୍ରାର୍ଥନା-ନମାଜ୍
୭୮. ସାଇବାବା ଈଶ୍ୱର ! କି ନୁହନ୍ତି ?
୭୯. ଲୁ କହିଲେ କଅଣ ?
୮୦. ପ୍ରଥମେ ଗଛ ! କି ମଞ୍ଜି ?
୮୧. ଗୀତମ୍-ଗୀତା
୮୨. ମରଣ ପରେ ଜୀବନ
୮୩. ପ୍ରଥମ ଦୈବଗ୍ରନ୍ଥ ଭଗବଦ୍ଗୀତା
୮୪. ଦୈବ ଜ୍ଞାନ କବ୍ଜା ହୋଇଛି
୮୫. ଅଜ୍ଞାନ ହିଁ ଉଗ୍ରବାଦର ବୀଜ
୮୬. ଗୋଟିଏ ବାଣୀ ତିନି ଗ୍ରନ୍ଥ
୮୭. ତ୍ରୈତ ସିଦ୍ଧାନ୍ତ ଆଧ୍ୟାତ୍ମିକ ଘଣ୍ଟ
୮୮. ଯୀଶୁ ମୃତ୍ୟୁବରଣ କରିଥିଲେ ? କି ତାଙ୍କୁ ହତ୍ୟା କରାଯାଇଥିଲା ?
୮୯. କ'ଣ ସତ୍ୟ- କ'ଣ ଅସତ୍ୟ ?
୯୦. ଜଣେ ବ୍ୟକ୍ତି ଦୁଇ କୋଣ
୯୧. ଅନ୍ତିମ ଦୈବଗ୍ରନ୍ଥର ବଜ୍ର ବାକ୍ୟାବଳୀ
୯୨. ବ୍ରହ୍ମ-ରାବଣବ୍ରହ୍ମ-ଭଗବାନ୍ ରାବଣବ୍ରହ୍ମ
୯୩. ଦ୍ୱିତୀୟ ଦୈବଗ୍ରନ୍ଥର ରତ୍ନବାକ୍ୟାବଳୀ
୯୪. ହିନ୍ଦୁଧର୍ମର ରକ୍ଷଣ ଆବଶ୍ୟକ ?
୯୫. ବେଦ ମଣିଷର ଆବଶ୍ୟକ ?
୯୬. ଉପନିଷଦରେ ତ୍ରୁଟି
୯୭. କୋରାନ-ହଦିସ୍
୯୮. ସୁପ୍ରସିଦ୍ଧ ବାଣୀ
୯୯. ଭକ୍ତିରେ ତୁମେ ସଂସାରୀ ? କି ବ୍ୟଭିଚାରୀ ?
୧୦୦. ଶତମ୍ , ୧୦୦
୧୦୧. ସିଦ୍ଧ ବାଣୀ
୧୦୨. ସତ୍ୟାର୍ଥ ପ୍ରକାଶିକାରେ ସତ୍ୟ କେତେ ?
୧୦୩. ରୂପ ବଦଳିଥିବା ଗୀତା
୧୦୪. ପୋଲିସ୍ - ଅପରାଧୀ
୧୦୫- ଆଜି ମାନବର ପରିସ୍ଥିତି
୧୦୬. ତତ୍ତ୍ୱାର୍ଥ ଛବିଳ ଜ୍ଞାନ



**ଭାଷାରେ ପାଣ୍ଡିତ୍ୟକୁ ଛାଡି ଭାବରେ ପାଣ୍ଡିତ୍ୟକୁ ଦେଖୁଥିବା ପାତ୍ର ହିଁ ପ୍ରକୃତ ଜ୍ଞାନୀ ।**

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗୃଞ୍ଜଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)


୧. ଚିହ୍ନ ହେଉନଥିବା ପାତ୍ର ଗୁରୁ ।
୨. ଜନ୍ମଦିନ କାହାର ମଧ୍ୟ ଆସିନଥାଏ ।
୩. ଦ୍ୱିତୀୟ - ଅଦ୍ୱିତୀୟ
୪. ଏକ୍ ନିରଞ୍ଜନ୍ ଆଲେକ୍ ନିରଞ୍ଜନ୍ ।
୫. ମାୟିକ-ଅମାୟିକ
୬. ମାତା ପିତା-ଗୁରୁ ଦୈବ ।
୭. ଗୁରୁ ନଥିବା ବିଦ୍ୟା ଅନ୍ଧବିଦ୍ୟା ।
୮. ମତ ଗୁଡିକରେ ପବିତ୍ରଯୁଦ୍ଧ
୯. ପ୍ରପଞ୍ଚ ଶ୍ରଦ୍ଧା-ପରମାତ୍ମା ଶ୍ରଦ୍ଧା
୧୦. ଦେଶରେ ଠକାମି-ଦେହରେ ମୋହ ।
୧୧. ଛାତିର ଚିହ୍ନ-ମାତାପିତାଙ୍କ ଚିହ୍ନ ।
୧୨. ତିନି ଜନ୍ମ-ଦୁଇ ଜାଗା
୧୩. ଯୋଗୀଶ୍ୱରଙ୍କ ଜନ୍ମଦିନ ସନ୍ଦେଶ ।
୧୪. ତେଲୁଗୁରେ ତିନି-ଛଅ-ନଅ
୧୫. ମାୟା ମର୍ମ-ଆତ୍ମା ଧର୍ମ
୧୬. ବାହାର ସମାଜ - ଭିତର ସମାଜ
୧୭. ଈଶ୍ୱରଙ୍କ ଜ୍ଞାନ-ମାୟା ମାହାତ୍ମ୍ୟ
୧୮. ତିନି ନିର୍ମାଣ-ଏକ ପରିଶୁଦ୍ଧତା
୧୯. ସହଜ ମରଣ-ତାତ୍କାଳିକ ମରଣ
୨୦. ମେଘ ଏକ ଭୂତ-ରୋଗ ଏକ ଭୁତ
୨୧. କର୍ମ ନଥିବା କୃଷ୍ଣ-କର୍ମ ଥିବା କୃଷ୍ଣ
୨୨. ସ୍ୱାର୍ଥ ରାଜକୀୟ (ସ୍ୱ+ଅର୍ଥ ରାଜକୀୟ)
୨୩. ଶ୍ରୀକୃଷ୍ଣ ମୃତ୍ୟୁବରଣ କରିଥିଲେ ? କି ତାଙ୍କୁ ମାରି ଦିଆଯାଇଥିଲା ?
୨୪. ଅନ୍ତିମ ଗ୍ରନ୍ଥର ପ୍ରଥମ ବାକ୍ୟ
୨୫. ଇଚ୍ଛାଧିନ କାର୍ଯ୍ୟ-ଅନିଚ୍ଛାଧିନ କାର୍ଯ୍ୟ
୨୬. ଟକ୍କୁଟମାରା, ଇନ୍ଦ୍ରଜାଲ ମହେନ୍ଦ୍ରଜାଲ, ଗଜକର୍ଣ୍ଣ, ଗୋକର୍ଣ୍ଣ
୨୭. ଆତ୍ମା, ୨୮- ଜେଜେବାପା
୨୯. ମାତା
୩୦. ଭୟ
୩୧. ଆତ୍ମା କାର୍ଯ୍ୟ
୩୨. ଚନ୍ଦାମୁଣ୍ଡ
୩୩. ୟାଦବ୍
୩୪. ଜ୍ଞାନଶକ୍ତି
୩୫. ସମାଧି
୩୬. ୬-୩=୬
୩୭. ଦସ୍ତଖତ୍
୩୮. ପ୍ରଭୁ-ପ୍ରଜା
୩୯. ତ୍ରୈତ ଶକ
୪୦. ଗ୍ଳକ
୪୧. ମାତା ପିତା
୪୨. ଅଭିନେତା ଆତ୍ମା
୪୩. ସଞ୍ଚିତ କର୍ମ
୪୪. ଗୁରୁ ଚିହ୍ନ
୪୫. ଆସ୍ତି- ଦୋସ୍ତି
୪୬. ଭାଲୁ
୪୭. ଧର୍ମଚକ୍ର
୪୮. ଦୈବଗ୍ରନ୍ଥ
୪୯. ଭକ୍ତି-ଶ୍ରଦ୍ଧା
୫୦. ପୁରୁଷୋତ୍ତମ
୫୧. ମତଦ୍ୱେଷ
୫୨. ଗ୍ରାହ୍ୟଶକ୍ତି
୫୩. ଖେଳାଉଥିବା ଆତ୍ମା
୫୪. କଣ ଶାସ୍ତ୍ର ?
୫୫. ଭଗବାନ
୫୬. କଣ ଧର୍ମ ?
୫୭. ଗୁରୁ ପୌର୍ଣ୍ଣମୀ

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗୃଞ୍ଜଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)

୫୮. ଶ୍ରୀକୃଷ୍ଣାଷ୍ଟମୀ
୫୯. ନଖ - ଗୁରୁ
୬୦. ଦଶ- ଦିଶା
୬୧. କଥା - ପଥ୍
୬୨. ସୃଷ୍ଟି - ସୃଷ୍ଟିକର୍ତ୍ତା
୬୩. କଲିଯୁଗ
୬୪. ସେବା ପ୍ରତିଶତ
୬୫. ପ୍ରକୃତି-ବିକୃତି
୬୬. ପୈତ୍ୟ -ସୈତ୍ୟ
୬୭. ନିଜ-ସହଜ
୬୮. ଭକ୍ତି-ଭୟ
୬୯. ରୀତି
୭୦. ଶଙ୍କୋଚ-ଧମକ
୭୧. ଯେ ତୋ ପଛରେ ଥାଏ ।
୭୨. ଶବ-ଶିବ
୭୩. ଶୈବ-ବୈଷ୍ଣବ
୭୪. ଧର୍ମ-ଅଧର୍ମ
୭୫. ଦ୍ରାବିଡ-ଆର୍ଯ୍ୟ
୭୬. କଞ୍ଚା-ପାଚିଲା-କଞ୍ଚା
୭୭. ଯୁଗ-ଯୋଗ
୭୮. ଈଶ୍ୱରଙ୍କର ମତ ଅଛି ?
୭୯. କର୍ମ ମର୍ମ
୮୦. ଜନମ-ମରଣ
୮୧. ଏକତା-ଏକାଗ୍ରତା
୮୨. ଚମତ୍କାର ଆତ୍ମା
୮୩. ନିଦର୍ଶନ-ନିରୂପଣ
୮୪. ଗୁରୁ କିଏ ?
୮୫. ତ୍ରୈତ ସିଦ୍ଧାନ୍ତ
୮୬. ସ୍ତ୍ରୀ/ପୁଂ - ଲିଙ୍ଗ
୮୭. ଜୀର୍ଣ୍ଣ+ଆଶୟ
୮୮. ଶ୍ରୀକୃଷ୍ଣ କିଏ ?
୮୯. ଖେଳ-ଲୁଚକାଳି ଖେଳ
୯୦. ପ୍ରଜା-ମାନବ
୯୧. ଦନ୍ତ-ଅନ୍ତ, ୯୨. ମତ-ପଥ
୯୩. ସପ୍ତାକାଶ, ୯୪. ଅର୍ଥ- ଅନର୍ଥ
୯୫. ତିନିଗ୍ରନ୍ଥ, ୯୬. ଗ୍ରନ୍ଥ-ବାଣୀ
୯୭. ପ୍ରଭୁ-ପ୍ରଭୁତ୍ୱ
୯୮. ଜ୍ଞାନ-ବିଜ୍ଞାନ
୯୯. ବାର-ମାସ-ବତ୍ସର
୧୦୦. ଭୂତ-ମହାଭୂତ
୧୦୧. ସେଖ୍ ବଲି-କୁଲି ସେବା
୧୦୨. ଆତ୍ମାର ଚିହ୍ନ କେଶ
୧୦୩. ଗଞ୍ଜା - ପାରଦ
୧୦୪. ଇନ୍ଦୁ ମହାସମୂଦ୍ର
୧୦୫. ଶ୍ରୀକୃଷ୍ଣ ଜନ୍ମ ମଥୁରା
୧୦୬. ଅଧର୍ମ ଆରାଧନା
୧୦୭. ପୁସ୍ତକ-ଗ୍ରନ୍ଥ
୧୦୮. ପାଦ-ପାପୁଲି
୧୦୯. ପୁଟଗୋସି-ମୁଲତ୍ରାଡୁ
୧୧୦. ୧୨୩ ଗୁରୁପୌର୍ଣ୍ଣମୀ
୧୧୧. ଅକ୍ଷମଣୀୟ ପାପ
୧୧୨. ମରଣ -ଶରୀର
୧୧୩. ଦିବ୍ୟ ଖୁରାନ୍-ହଦୀସ୍
୧୧୪. ଇନ୍ଦୁ-ହିନ୍ଦୁ
୧୧୫. ସୁଖ-ଆନନ୍ଦ
୧୧୬. କାଲଜ୍ଞାନ ବାକ୍ୟ

୧୧୭. ଭୌତିକ-ଅଭୌତିକ
୧୧୮. ଦୈବାଦେଶ-ମରଣ
୧୧୯. ଜ୍ଞାନ ପାଖରେ ସତର୍କ
୧୨୦. ଚନ୍ଦ୍ରାକାର (ଚନ୍ଦାମୁଣ୍ଡ)
୧୨୧. ଜ୍ଞାନ କଷ୍ଟା ହୋଇଛି !
୧୨୨. ଈଶ୍ୱର-ଦୁଇଜଣ ! କି ଜଣେ !!
୧୨୩. ମତ ସୌମ୍ୟତା
୧୨୪. ମୋକ୍ଷ-ଠକାମି
୧୨୫. ଅକ୍ଷର ଜ୍ଞାନ
୧୨୬. ଲାଳଜଳ
୧୨୭. ଦୈବ ଧର୍ମ-ମତ ପ୍ରଥା
୧୨୮. ଆହାର ତୋର ! କି ତୋ ଆତ୍ମାର !
୧୨୯. ମାତ୍ରା(ବଟି)-ଔଷଧ
୧୩୦. କାଳଚକ୍ର
୧୩୧. ବ୍ରହ୍ମବିଦ୍ୟା ,୧୩୨-ଶକ୍ତି
୧୩୩. ପୌର୍ଣ୍ଣମୀ-ଅମାବାସ୍ୟା
୧୩୪. ଈଶ୍ୱର-ପରମେଶ୍ୱର
୧୩୫. ପୁରୁଷୋତ୍ତମ-ଶ୍ରୀରାମ
୧୩୬. ଈଶ୍ୱରଙ୍କର ଜଣେ ପୁତ୍ର - ଈଶ୍ୱରଙ୍କର ଅନେକ ପୁତ୍ର ।
୧୩୭. ଜଳ,
୧୩୮. ଅଧିପତି
୧୩୯. ଗ୍ରହାନ୍ତରବାସୀ
୧୪୦. ଈଶ୍ୱର ଦ୍ୱିତୀୟ ? କି ଅଦ୍ୱିତୀୟ ?
୧୪୧. ଆଧ୍ୟାତ୍ମିକ ପ୍ରଶ୍ନ- ଉତ୍ତର
୧୪୨. ଗଶରୀର ରକ୍ତ- ଗ୍ରନ୍ଥର ଜ୍ଞାନ
୧୪୩. ଗ୍ରନ୍ଥର ଜ୍ଞାନ- ମଣିଷର ରକ୍ତ
୧୪୪. ତ୍ରୈତ ସିଦ୍ଧାନ୍ତ ଇତିହାସ
୧୪୫. କୁଶାଲ୍ କୁଶାଲ୍ ଲାଞ୍ଜମ୍ମା ନା ନେତି ମିଦା ରେଣ୍ଟୁ ତନ୍ନମ୍ମା ।
୧୪୬. ରାଜାଧି ରାଜା-ଦେବାଧି ଦେବା
୧୪୭. ଆଠଜଣ ସ୍ତ୍ରୀ ଥିବା ଶ୍ରୀକୃଷ୍ଣ ଗୋପାଳୁଣୀଙ୍କ ଉପରେ କାହିଁକି ନଜର ରଖିଥିଲେ ?
୧୪୮. କୁଳ-ମତ
୧୪୯. ମନ୍ଦିର
୧୫୦. ଗୁରୁପୁର୍ଣ୍ଣମି ମିଟିଙ୍ଗ୍
୧୫୧. ଭଗବାନ କିଏ ?
୧୫୨. ବିଶ୍ୱଧାଭିରାମ ଶୁଣରେ ବେମ ।
୧୫୩. କାଳ
୧୫୪. ଯମଧର୍ମ
୧୫୫. ଦକ୍ଷିଣ ଧର୍ମ- ବାମ ଧର୍ମ ।
୧୫୬. ଇନ୍ଦୁତ୍ୱ ସମସ୍ତଙ୍କଠାରେ ଅଛି । - ହିନ୍ଦୁତ୍ୱ ମାତ୍ର କେଇଜଣଙ୍କ ଠାରେ ଅଛି ।
୧୫୭. ଧର୍ମ ତିନୋଟି ଅଛି ଅଧର୍ମ ଛଅଟି ହୋଇଛି ।
୧୫୮. ମୁଁ-ମୋ ବାପା-ମୋ ଜେଜେବାପା, ମୁଁ - ମୋ ମା'- ମୋ ଜେଜିମା' ।
୧୫୯. ଆଦ୍ୟ ଆତ୍ମିକ - ଆଧ୍ୟାତ୍ମିକ, ଆଦ୍ୟ ଦୈବିକ- ଆଦ୍ୟୈବିକ ।
୧୬୦. ମଞ୍ଜି ନଥିବା ଗଛ ଶିବ ! କି ଈଶ୍ୱର !!
୧୬୧. ମଣିଷକୁ ଜନ୍ତୁ କହିଲେ କଣ ତାକୁ ଅପମାନିତ କଲା ଭଳି ହୁଏ ନାହିଁ !
୧୬୨. ଈଶ୍ୱର କରୁଣାମୟ - ଈଶ୍ୱର କଠୋର ।
୧୬୩. ଆଧ୍ୟାତ୍ମିକ ପ୍ରଶ୍ନ - ଜବାବ ।

# ଇନ୍ଦୁ ଜ୍ଞାନବେଦିକା ଦ୍ୱାରା ପ୍ରକାଶିତ ଆଧ୍ୟାତ୍ମିକ ଗ୍ରନ୍ଥଗୁଡିକର ପ୍ରାପ୍ତିସ୍ଥାନ

## ପ୍ରବୋଧାଶ୍ରମ (ଶ୍ରୀକୃଷ୍ଣ ମନ୍ଦିର)

ଗ୍ରାମ-ଚିନ୍ନାପୋଡମଲା, ମଣ୍ଡଳ-ତାଡିପତ୍ରି, ଜିଲ୍ଲା- ଅନନ୍ତପୁରମ୍ (ଏ.ପି)

ଫୋନ୍ ନମ୍ବର : 6371487960, 8260963963, 6370369563.

*****

## ପ୍ରବୋଧା ସେବା ସମିତି (ଶାଖା)

ଗ୍ରାମ- କଡବ, ବେଗୁନିଆ, ଖୋରଧା, 752062 ଓଡିଶା

ସେଲ୍ ନମ୍ବର : 6371487960 (ପ୍ରେସିଡେଣ୍ଟ୍)

୧.କଳ୍ପନା ସୁନ୍ଦରାୟ:7978498668, ୨.ପ୍ରଶାନ୍ତ ପଟ୍ଟନାୟକ: 9160767516.

୩.ତେଜସ୍ୱିନୀ ମାନସିଂହ:9777075446, ୪.ଦିପ୍ତିରଞ୍ଜନ ପଣ୍ଡା : 7873229092.

୫.ଲକ୍ଷ୍ମୀଧର ପାଇକରାୟ:9692557801, ୬.ଶ୍ରୀନିବାସ ମାନସିଂହ: 9040929743.

*****

## ଇନ୍ଦୁ ଜ୍ଞାନବେଦିକା ଶାଖା,

ମଲ୍ଲିଗାଓଁ (ଗ୍ରାମ), କୋତପେଟା (ପୋ) ରାୟଗଡା ଜିଲ୍ଲା (ଓଡିଶା)

ସେଲ୍ ନଂ - 8260963963 (ପ୍ରେସିଡେଣ୍ଟ୍)

୧. ଏସ୍. ବିଶ୍ୱେଶ୍ୱର ରାଓ : 9437527499

୨. ଇ. ଅଶୋକ କୁମାର : 6370043490

୩. ଆର୍. ସନ୍ତୋଷ କୁମାର ଶର୍ମା : 6370369563

୪. ଡି.ରବି (ପାରଲାଖେମୁଣ୍ଡି) : 8249683055

୫. ଏସ୍. ଗୌରିଶଙ୍କର ରାଓ : 9348538123

୬. ଇ. ସିଂହାଞ୍ଚଳମ୍:9437527470, ୭. ଡି. ପ୍ରସାଦ୍ ରାଓ : 7013546537

**www.thraithashakam.org**

Youtube : thraitha siddantham

## ଯୋଗୀଶ୍ୱରଙ୍କ ଶୃଙ୍ଖଳ୍ୟାତ୍ମକ ତ୍ରିମତ ଆଧ୍ୟାତ୍ମିକ ରଚନା ସାରାଂଶ

୧. ତ୍ରୈତ ସିଦ୍ଧାନ୍ତର ଅକ୍ଷର ସମାବେଶ ହିଁ, ଆତ୍ମା ସମାଚ୍ଚର ହୋଇ ରହିଛି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥ ଗୁଡ଼ିକରେ କ୍ଷୟ, ଅକ୍ଷୟ ସମାଚ୍ଚର ଏବଂ ପରମାତ୍ମା ସମାଚ୍ଚର ରହିଛି ।

୨. ତ୍ରୈତ ସିଦ୍ଧାନ୍ତ ସମ୍ବନ୍ଧୀୟ ଗ୍ରନ୍ଥଗୁଡ଼ିକ ଭୌତିକତଃ ଲେଖିଛନ୍ତି ଯୋଗୀଶ୍ୱର । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥ ଗୁଡ଼ିକରେ ଅଭୌତିକ ଯୋଗଶକ୍ତି ରହିଛି ।

୩. ତ୍ରୈତ ସିଦ୍ଧାନ୍ତ ଇନ୍ଦୁ (ହିନ୍ଦୁ) ଧର୍ମରେ ବିପ୍ଳବାତ୍ମକ ଭାବରେ ରହିଛି । ତ୍ରୈତ ସିଦ୍ଧାନ୍ତର ଜ୍ଞାନ ଶୃଙ୍ଖଳ୍ୟ ସୃଷ୍ଟି କରୁଛି, ପଢ଼ି ଦେଖନ୍ତୁ ।

୪. ତ୍ରୈତ ସିଦ୍ଧାନ୍ତ ସବୁଠାରୁ ମହାନ । ତ୍ରୈତ ସିଦ୍ଧାନ୍ତ  ସମସ୍ତ ଗ୍ରନ୍ଥଗୁଡ଼ିକ ଭିତରେ ମହାନ । ତାର ରଚୟିତା ହେଉଛନ୍ତି ଯୋଗୀମାନଙ୍କର ଈଶ୍ୱର ହୋଇଥିବା ଯୋଗୀଶ୍ୱର ।

୫. ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡ଼ିକୁ ଦେଖିଲେ ଦୁଷ୍ଟଶକ୍ତିମାନେ ଭୟରେ ଚ୍ଚଲିଯାଇଥାନ୍ତି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡ଼ିକ ସେମାନଙ୍କ ପାଖରେ ରଖିଲେ ଯୋଗଶକ୍ତିର ଉତ୍ତାପକୁ ସେମାନେ ସହ୍ୟ କରି ପାରିନଥାନ୍ତି ।

୬. ଭଗବଦ୍ଗୀତା ପରେ କୁହାଯାଇଥିବା ଅତି ମହାନ ଜ୍ଞାନ ହେଉଛି ତ୍ରୈତ ସିଦ୍ଧାନ୍ତ ଜ୍ଞାନ । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥ ଗୁଡ଼ିକରେ ଶ୍ରୀକୃଷ୍ଣ ଆଗରୁ କହିନଥିବା ଜ୍ଞାନ ମଧ୍ୟ ଯୋଗୀଶ୍ୱର କହିଛନ୍ତି ।

୭. ତ୍ରୈତ ସିଦ୍ଧାନ୍ତ ଜ୍ଞାନ ମାନବ ଜୀବନର ଏକ ଉଜ୍ଜ୍ୱଳ ଆଲୋକ । ତ୍ରୈତ ସିଦ୍ଧାନ୍ତ ଆଲୋକକୁ ଯିବା ପରେ ତାହା ଐଶ୍ୱରୀୟ ଶକ୍ତି ବୋଲି ଜଣାପଡ଼େ ।

୮. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାକୁ ଲେଖିଛନ୍ତି ଯୋଗୀଶ୍ୱର । ସେଥିଲାଗି ତ୍ରୈତ ସିଦ୍ଧାନ୍ତ କଣ ଆଉ କେତେ ମହାନ ତାହା ଜଣାପଡ଼ିଯାଇଛି ।

୯. ତ୍ରୈତ ସିଦ୍ଧାନ୍ତକୁ ଜାଣିପାରିଲେ,ଯୋଗୀଶ୍ୱରଙ୍କ ରଚନାକୁ ପଢ଼ିପାରିଲେ କୌଣସି ମତାବଲମ୍ବୀ ତାହା ସ୍ୱୀକାର କରିବାକୁ ବାଧ୍ୟ ହୋଇଥାଏ ଏବଂ ଆଚରଣ କରିଥାଏ ।

୧୦. ତ୍ରୈତ ସିଦ୍ଧାନ୍ତକୁ ସାକ୍ଷାତ୍ ଭଗବାନ କହିଛନ୍ତି । ତେଣୁ ପ୍ରତ୍ୟେକ ମତର ସାରାଂଶ ତ୍ରୈତ ସିଦ୍ଧାନ୍ତରେ  ରହିଛି ।

୧୧. ତ୍ରୈତ ସିଦ୍ଧାନ୍ତକୁ ଜଣେ ବ୍ୟକ୍ତି ଲେଖି ନାହାନ୍ତି, ଜଣେ ବ୍ୟକ୍ତିଙ୍କର ଶକ୍ତି ଲେଖିଛି । ତେଣୁ ସେଥିରେ ଥିବା ରହସ୍ୟଗୁଡ଼ିକୁ ପଢ଼ି ଜାଣନ୍ତୁ ।

୧୨. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା, ବାଇବେଲ୍ କୋରାନରେ ରହିଛି ହେଲେ ହିନ୍ଦୁ, ମୁସ୍ଲିମ୍, କ୍ରୈସ୍ତବମାନଙ୍କୁ ତାହା ଜଣା ନାହିଁ ।

# ତ୍ରୈତ ସିଦ୍ଧାନ୍ତ

ଆଧ୍ୟାତ୍ମିକ ବିଦ୍ୟାରେ ତୃତୀୟ ସିଦ୍ଧାନ୍ତ ହୋଇ ରହିଥିବା ତ୍ରୈତ ସୃଷ୍ଟି ପ୍ରାରମ୍ଭରେ ପରମାତ୍ମା ରୋପଣ କରିଥିବା ମହାବୃକ୍ଷ ଭଳି ଥିଲା । କାଳକ୍ରମେ ତାହା ଦୁର୍ବଳ ହୋଇ ଶୁଖିଯିବା ଭଳି ସମସ୍ତଙ୍କ ପାଇଁ ଅଜଣା ରହିଗଲା । ମାୟା ପ୍ରଭାବରେ ମାନବଲୋକରେ ଅନେକକାଳ ଧରି ଅଜଣା ରହିଥିବା ତ୍ରୈତ ଏବେ କଅଁଳିଛି । ଏହି ବୃକ୍ଷ ଅଜ୍ଞାନ ନାମକ ରୋଗପାଇଁ ମହୌଷଧି ବୋଲି ଜଣାଇ ଅନେକଙ୍କ ପାଖରେ ପହଞ୍ଚାଇବା ମୋର ମହାଭାଗ୍ୟ ବୋଲି ଭାବୁଛି । କେତେ ମହାନ ମତବାଦୀମାନେ ହୁଅନ୍ତୁ, ସେମାନେ ଏହା ଆମର ବୋଲି ସ୍ୱୀକାର କରିବା ତ୍ରୈତର ମହାନତା ବୋଲି ଭାବୁଛି । ଆମ ମତ ଅଲଗା, ଆମ ଈଶ୍ୱର ଅଲଗା ବୋଲି ଏହାକୁ ଜାଣିଥିବା କେହି ମଧ୍ୟ କହି ପାରିବେ ନାହିଁ । ଏହା ସ୍ୱଚ୍ଛ ଦୈବ ଜ୍ଞାନ ବା ଐଶ୍ୱରୀୟ ଜ୍ଞାନ ହୋଇଥିବାରୁ ଜାଣିବା ଆଗରୁ ଏହା ବାବଦରେ କେଉଁଭଳି ନିନ୍ଦାକରି କହିଥିଲେ ମଧ୍ୟ, ଜାଣିବା ପରେ ନିଶ୍ଚୟ ସ୍ୱୀକାର କରିବାକୁ ବାଧ ହୋଇଥାନ୍ତି । ପ୍ରାୟ ଦୁଇହଜାର ବର୍ଷରୁ ରହିଥିବା ଅଦ୍ୱୈତ, ଦ୍ୱୈତ ସିଦ୍ଧାନ୍ତ ଜାଣିଥିବା ଲୋକମାନେ କିଛି ଅନିଚ୍ଛା ପ୍ରକାଶ କରୁଥିଲେ ମଧ୍ୟ, ସେମାନେ ବୁଦ୍ଧିରେ ବିଚାର କରି, ସ୍ୱାନୁଭବ ଅନୁସାରେ ଦେଖିଲେ ଦ୍ୱୈତ, ଅଦ୍ୱୈତ କେବଳ କଥା କହିବା ପାଇଁ ରହିଛି ସିନା, ସତ୍ୟ ନିର୍ଦ୍ଧାରଣ ଅନୁଭବ, ବାସ୍ତବ ଆଚରଣ କେବଳ ତ୍ରୈତରେ ରହିଛି ବୋଲି ଜାଣି ପାରିବେ । ଅନ୍ୟ ମତଗୁଡିକୁ ମଧ୍ୟ ନିଜଠାରେ ମିଶାଇ ପାରୁଥିବା ତ୍ରୈତ ପରମାତ୍ମା ଜଣାଇଥିବା ବାସ୍ତବ ଇନ୍ଦୁପଥ ଭାବରେ (ଜ୍ଞାନମାର୍ଗ ଭାବରେ) ସମସ୍ତଙ୍କର ଉପକାର କରିବ ବୋଲି ଭାବୁଛି ।

ଇତି

**ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅବଶ୍ୟ ପାଠକରନ୍ତୁ

ପ୍ରଥମ ଦୈବଗ୍ରନ୍ଥ

ପାଠକରାନ୍ତୁ

# ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା

(୫୭୮ ଶ୍ଳୋକ ବିଶିଷ୍ଟ)

ଆଧ୍ୟାତ୍ମିକ ରଙ୍ଗମଞ୍ଚରେ ଋଞ୍ଚଲ୍ୟାତ୍ମକ ହୋଇ, ବିଜ୍ଞାନ ମଂଚରେ ବିପ୍ଳବାତ୍ମକ ହୋଇ ପାରିଛି ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା । ୫୧୬୧ ବର୍ଷରୁ ଅଜଣା ରହିଯାଇଥିବା ଐଶ୍ୱରୀୟ ରହସ୍ୟଗୁଡିକ ଏହି ଗ୍ରନ୍ଥରେ ପଦାରେ ପଡିଯାଇଛି । ଜୀବାତ୍ମା ଆଉ ପରମାତ୍ମାଙ୍କ ମଝିରେ ତୃତୀୟପାତ୍ର ହୋଇଥିବା ଆତ୍ମା କଅଣ, ତାହାର କାର୍ଯ୍ୟକଳାପ କଅଣ ତାହା ଜଣାଇଥିବା ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା ହେଉଛି ଏହି ଗୀତା । ଏହି ଭଗବଦ୍ଗୀତା ଅଦ୍ୱୈତ, ବିଶିଷ୍ଟାଦ୍ୱୈତାଦି ସିଦ୍ଧାନ୍ତଗୁଡିକୁ ଖଣ୍ଡନ କରି ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରିଛି । ଏହାର ପଠନପାଠନରେ ଐଶ୍ୱରୀୟ ଜ୍ଞାନ କହିଲେ କଅଣ ଜଣାପଡିଥାଏ ।

ରଚୟିତା : ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

# ମନ୍ତ୍ର - ମହିମା (ସତ କି ମିଛ)

ମନ୍ତ୍ରଶକ୍ତି ନାମକ କଥାଟି ଅନେକ ସ୍ଥାନରୁ ଶୁଣୁଛେ । କେତେକ ସନ୍ଦର୍ଭରେ ଏକଥାକୁ ଶୁଣିନଥିବା ଲୋକେ ହୁଏତ କେହି ଥାଇ ନପାରନ୍ତି । ନବୀନକାଳରେ ପାଠପଢିଥିବା ଲୋକମାନେ ମନ୍ତ୍ର କହିଲେ କଅଣ ତାର କି ଶକ୍ତି ଅଛି ଜାଣିନଥାନ୍ତି । ମନ୍ତ୍ର ବିଷୟରେ କିଛି ଜାଣିନଥିବା ଲୋକମାନେ, ନାସ୍ତିକମାନେ ମନ୍ତ୍ର, ମନ୍ତ୍ରଶକ୍ତି ହିଁ ନାହିଁ, ମନ୍ତ୍ରଶକ୍ତି ଅଛି କହିବା ସଂପୂର୍ଣ୍ଣ ଅସତ୍ୟ ବୋଲି କହନ୍ତି । ମନ୍ତ୍ର ଶକ୍ତି ବାବଦରେ କେତେକ ସ୍ୱାମୀଜୀମାନଙ୍କୁ ପଚାରିଲେ ସେମାନେ "ମନ୍ତ୍ର ଅଛି, କିନ୍ତୁ ମନ୍ତ୍ର ବାବଦରେ କିଛି ଜାଣିନଥିବା ଲୋକମାନେ ତା ବାବଦରେ ଜାଣିବାକୁ ଇଚ୍ଛା ନକରି ସିଧା ମନ୍ତ୍ର ହିଁ ନାହିଁ ବୋଲି କହୁଛନ୍ତି, ତା ବାବଦରେ ନଜାଣି ତାହା ନାହିଁ କହିବା କଣ ନ୍ୟାୟ ? ବାସ୍ତବରେ ମନ୍ତ୍ର ଅଛି, ତାର ମହିମା ଅଛି" ବୋଲି କହୁଛନ୍ତି । ଆଉ କେତେକ "ମନ୍ତ୍ର କହିଲେ କଅଣ ? ତାର ଶକ୍ତି କଣ ଅଛି ?" ବୋଲି ଓଲଟା ପ୍ରଶ୍ନ କରୁଛନ୍ତି । ଏହି ଅନୁସାରେ ମନ୍ତ୍ର ଅଛି କହୁଥିବା ଲୋକେ କିଛି ଥିବା ସ୍ଥଳେ, ମନ୍ତ୍ର ହିଁ ନାହିଁ କହୁଥିବା ଲୋକେ ମଧ୍ୟ କିଛି ଅଛନ୍ତି ବୋଲି ଜଣାଯାଉଛି, ତାଛଡା ମନ୍ତ୍ର ବାବଦରେ ଜାଣିବାକୁ ଇଚ୍ଛା କରୁଥିବା ଲୋକମାନେ ମଧ୍ୟ କିଛି ଅଛନ୍ତି ବୋଲି ଜଣାଯାଉଛି, ସେମାନଙ୍କ ସଂଖ୍ୟା ଖୁବ୍ କମ୍ । ପ୍ରଜାମାନଙ୍କ ଭିତରେ ବାସ୍ତବତାକୁ ଜାଣିବାକୁ ଇଚ୍ଛା କରୁଥିବା ଲୋକମାନେ ଖୁବ୍ କମ୍ ଥାଆନ୍ତି । ଯେଉଁମାନେ ସତ୍ୟର ଅନ୍ୱେଷଣ କରନ୍ତି ସେମାନଙ୍କୁ ହିଁ ଆମେ ଜାଣିଥିବା ସତ୍ୟ ଜଣାଇବାକୁ ଇଚ୍ଛା କରିଛୁ, ସେହି ଚେଷ୍ଟାରେ ମନ୍ତ୍ର ବାବଦରେ, ମନ୍ତ୍ର ଶକ୍ତି ବାବଦରେ କହିବାକୁ ଯାଉଛୁ ।

ମନ୍ତ୍ର ଅନେକ ପ୍ରକାରର ଥାଏ, ସେଗୁଡିକର ଶକ୍ତି ଅନେକ ପ୍ରକାରର ଥାଏ । ମନ୍ତ୍ରର ଶକ୍ତି ସ୍ଥୁଳ ଭାବରେ ଥାଏ, ସୂକ୍ଷ୍ମ ଭାବରେ ମଧ୍ୟ ଥାଏ । ପ୍ରଥମେ ଆମେ ସ୍ଥୁଳ, ସୂକ୍ଷ୍ମ ବାବଦରେ ଜାଣିଗଲେ ତାପରେ ଯେଉଁ ବିଷୟ ଆଲୋଚନା କରିବା ସେଥିରେ ଶାସ୍ତ୍ରବଦ୍ଧତା ରହିବା ଭଳି ହେବ ।

ଉଦାହରଣ ସ୍ୱରୂପ ମାଟିରେ ଦୁଇଫୁଟ ଗଭୀରରେ ପୋତାଯାଇଥିବା ୩୦ ଫୁଟର ସ୍ତମ୍ଭଟିଏ ଅଛି ବୋଲି ଭାବନ୍ତୁ । ସ୍ତମ୍ଭଟି ମାଟି ଭିତରେ ଦୁଇଫୁଟ ରହି ମାଟି ଉପରକୁ ୨୮ଫୁଟ ଦେଖାଯାଉଛି । ଉପରକୁ ଦେଖାଯାଉଥିବା ସ୍ତମ୍ଭର ଅଗ୍ର ଭାଗରେ ଏକ ଦଉଡି ବାନ୍ଧି ଯଦି ବଳ ଖର୍ଚ୍ଚକରି ଟଣାଯାଏ ତେବେ ତାହା ତଳେ ପଡିଯିବ । ସ୍ତମ୍ଭଟିକୁ ଉପାଡି ତଳେ ପକାଇବା ପାଇଁ କେତେ ବଳ ଆବଶ୍ୟକ ତାହା ପ୍ରଥମେ ଜଣାନଥିଲା । ତେଣୁ କେତେ ବଳ ଲାଗିବ ଜାଣିବା ଚେଷ୍ଟାରେ, ପ୍ରଥମେ ସମାନ ବଳ ଥିବା ଦଶଜଣ ଲୋକଙ୍କୁ ନେଇ ଟାଣିବା ପରେ ମଧ୍ୟ ସ୍ତମ୍ଭଟି ତଳେ ପଡିଲା ନାହିଁ, ତାପରେ ସ୍ତମ୍ଭକୁ ଦଉଡିରେ ବାନ୍ଧି ଟାଣିବା ସହିତ, ଠେଲିବା ପାଇଁ ମଧ୍ୟ ଆଉ ଜଣେ ଲୋକକୁ ଲଗାଇ ଚେଷ୍ଟା କରାଗଲା; ତଥାପି ପଡିଲା ନାହିଁ । ଏହିଭଳି ଜଣକ ପରେ ଜଣେ ସେମାନଙ୍କ ସହିତ ମିଶି ସ୍ତମ୍ଭକୁ ଟାଣିବା, ଠେଲିବାରେ ଶେଷରେ ଯେତେବେଳେ ୪୦ ଜଣ ଲୋକ ନିୟୋଜିତ ହେଲେ, ସେତେବେଳେ ସମ୍ଭଟି ତଳେ ପଡିଲା । ସ୍ତମ୍ଭଟି ପଡିବା ପରେ ଜଣାଗଲା ଯେ, ଏହି ସ୍ତମ୍ଭକୁ ତଳେ ପକାଇବା ପାଇଁ ୪୦ଜଣ ଲୋକଙ୍କର ଶକ୍ତି ବା ବଳ ଦରକାର । ୪୦ ଜଣ ଲୋକ କେତେ ବଳ ଉପଯୋଗ କରି ଟାଣିଲେ ତାହା ଏକ ଯନ୍ତ୍ର (ପାୱାର ମିଟର) ଦ୍ୱାରା ମାପି ଦେଖିବା ବେଳେ, ପ୍ରତ୍ୟେକ ଲୋକ ୫୦ କେ.ଜି. ଓଜନ ସମାନ ଶକ୍ତିକୁ ଉପ- ଯୋଗ କରିଛନ୍ତି, ସେହି ଅନୁସାରେ ମୋଟ ୪୦ ଜଣ ଲୋକ ୨୦୦୦ କେ.ଜି.ର ଶକ୍ତି ଉପଯୋଗ କରିଛନ୍ତି ବୋଲି ଜଣାଗଲା । ଏହିଭଳି ଏକ ସ୍ତମ୍ଭ ତଳେ ପଡିବା ପାଇଁ କେତେ ଶକ୍ତି ଉପଯୋଗ ହେଉଛି ସ୍ଥୁଳ ଭାବରେ ଜଣାପଡିଥାଏ ।

ସେତିକି ଗଭୀରରେ ପୋତାଯାଇଥିବା, ସେତିକି ଲମ୍ବର ଆଉ ଏକ ସ୍ତମ୍ଭ ତଳେ ପଡିଥିବା ସ୍ତମ୍ଭର ଦଶଫୁଟ ଦୂରରେ ଅଛି । ୪୦ ଜଣ ଲୋକ ମିଶି ତଳେ ପକାଇଥିବା ସ୍ତମ୍ଭ ପାଖରେ ଥିବା ସେହି ସ୍ତମ୍ଭଟି ତା ପରଦିନ

ଦେଖିଲା ବେଳକୁ ଉପୁଡି ତଳେ ପଡିଯାଇଛି । ଦ୍ୱିତୀୟ ସ୍ତମ୍ଭଟି ମଣିଷ ଶକ୍ତି ଦ୍ୱାରା ନପଡି ଜୋର ପବନ ହେବା ଦ୍ୱାରା ପଡିଯାଇଛି । ଦ୍ୱିତୀୟ ସ୍ତମ୍ଭଟି ଯାହା ଶକ୍ତି ଦ୍ୱାରା ତଳେ ପଡିଲେ ମଧ୍ୟ, ପ୍ରଥମ ସ୍ତମ୍ଭଟି ତଳେ ପଡିବା ପାଇଁ ଯେତିକି ଶକ୍ତି ଉପଯୋଗ ହୋଇଥିଲା ସେଥିରେ ମଧ୍ୟ ସେତିକି ଶକ୍ତି ଉପଯୋଗ ହୋଇଛି ବୋଲି କହିପାରିବା । ପ୍ରଥମ ସ୍ତମ୍ଭରେ ୪୦ ଜଣ ଲୋକଙ୍କ ଶକ୍ତି ବ୍ୟବହାର ହୋଇଥିବା ସ୍ଥଳେ, ୪୦ଜଣ ଲୋକ ସ୍ଥୂଳତଃ ଦେଖାଯାଉଥିଲେ, ତେଣୁ ପ୍ରଥମ ସ୍ତମ୍ଭରେ ଉପଯୋଗ ହୋଇଥିବା ଶକ୍ତିକୁ ସ୍ଥୂଳଶକ୍ତି କୁହାଯିବ । ଦ୍ୱିତୀୟ ସ୍ତମ୍ଭ ପଡିଯିବାର କାରଣ ହୋଇଥିବା ପବନ ଦେଖାଯାଏ ନାହିଁ । ତେଣୁ ସେହି ଶକ୍ତିକୁ ସୂକ୍ଷ୍ମଶକ୍ତି କହିପାରିବା । ସେଥିଲାଗି ଶକ୍ତି ବା ବଳକୁ ସ୍ଥୂଳ, ସୂକ୍ଷ୍ମ ଭେଦରେ ଦୁଇ ପ୍ରକାରର କହିପାରିବା । ଏକ କେ.ଜି ଓଜନର ପଥରଟିଏ ଜଣେ ଲୋକ ହାତରେ ଉପରକୁ ଉଠାଇଲେ ଆମେ ଆଶ୍ଚର୍ଯ୍ୟ ହେଉ ନାହେଁ । ସେହି ପଥରକୁ ଯଦି କେହି ଦେଖାନଯାଇ ଉପରକୁ ଉଠାଏ, ସେତେବେଳେ ପଥର ଆପଣା ଛାଏଁ ଉପରକୁ ଉଠୁଛି ବୋଲି ଦେଖାଯାଏ, ତାହା ସମସ୍ତେ ଦେଖି ଆଶ୍ଚର୍ଯ୍ୟ ହୋଇଯାଆନ୍ତି । ଏକ କେ.ଜି ଓଜନର ପଥରକୁ ମଣିଷ ହାତରେ ଉଠାଇବା ବେଳେ ଯେତିକି ଶକ୍ତି ପ୍ରୟୋଗ କରିଥିଲା, ସେହି ପଥରକୁ ଦେଖାନଯାଇ ଉପରକୁ ଯିଏ ଉଠାଇଥିଲା ସେ ମଧ୍ୟ ସେତିକି ବଳ ପ୍ରୟୋଗ କରି ଉଠାଇଥିବ ବୋଲି କହିପାରିବା । ଏହି ଅନୁସାରେ କହିପାରିବା ଯେ, ଏକ କେ.ଜିର ପଥର ଥରେ ଉଠିବାବେଳେ ଯେତିକି ଶକ୍ତି ଆବଶ୍ୟକ, ତାପରେ ତାହା କେତେଥର ଉଠାଇଲେ ମଧ୍ୟ, କେହି ଉଠାଇଲେ ମଧ୍ୟ ସେତିକି ଶକ୍ତି ଆବଶ୍ୟକ ହେବ । ଦେଖାଯାଉଥିବା ଜଣେ ବ୍ୟକ୍ତି ଏକ ବସ୍ତୁକୁ ଫିଙ୍ଗିଲେ, ତାହା ଜଣେ ବ୍ୟକ୍ତି ଫିଙ୍ଗିଲା ବୋଲି କହୁଛେ, ସେହି ବସ୍ତୁ ଯଦି ପବନ ଦ୍ୱାରା ଉଡିଗଲା ତେବେ ତାହା ପବନଶକ୍ତି ଦ୍ୱାରା ଉଡିଗଲା ବୋଲି କହୁଛେ । ଯଦି ସେହି ବସ୍ତୁ କେହି ମଣିଷ ନଫିଙ୍ଗି,

ପବନ ନଉଡାଇ ଫିଙ୍ଗିହୋଇଗଲା କିମ୍ବା ଉଡିଗଲା ତେବେ ଆମକୁ ଆଶ୍ଚର୍ଯ୍ୟ ଲାଗୁଛି । ଏଠାରେ ମଧ୍ୟ ସେହି ଗୋଟିଏ ମାପର ଶକ୍ତି ପ୍ରୟୋଗ ହେଉଛି, କିନ୍ତୁ ତାହା ଦେଖାଯାଉ ନଥିବା ସୂକ୍ଷ୍ମଶକ୍ତି ବୋଲି ମଣିଷ ଭାବି ନଥାଏ ।

ଏକ ବସ୍ତୁ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଫିଙ୍ଗିହୋଇଗଲେ, ସେହି ବସ୍ତୁକୁ ଫିଙ୍ଗିଥିବା ଶକ୍ତି ଆଖିକୁ ଦେଖାଯାଉଥିବା ମଣିଷର ନହୋଇ, ସ୍ପର୍ଶ ଦ୍ୱାରା ଜଣାପଡୁଥିବା ପବନର ହୋଇଥିଲେ, ତାହା ଫିଙ୍ଗିହେବା ପାଇଁ ବଳ ବା ଶକ୍ତି ଉପଯୋଗ ହେଲା ବୋଲି କେହି ସ୍ୱୀକାର କରିପାରିବେ, ହେଲେ ମଣିଷର ଥିବା ପାଞ୍ଚ ଇନ୍ଦ୍ରିୟ ଯଦି ଫିଙ୍ଗାଯାଇଥିବା ଶକ୍ତିକୁ ଜାଣି ନପାରିଲା, ତେବେ ଫିଙ୍ଗାଯାଇଥିବା ବସ୍ତୁ କିପରି ଫିଙ୍ଗିହେଲା ତାହା ଜାଣି ନପାରି ମଣିଷ ଆଶ୍ଚର୍ଯ୍ୟ ହୋଇଯାଏ ସିନା ମଣିଷର ଇନ୍ଦ୍ରିୟକୁ ଜଣା ପଡୁନଥିବା ଏକ ଶକ୍ତି ଅଛି ବୋଲି ବୁଝିପାରି ନଥାଏ । ବାସ୍ତବରେ ଇନ୍ଦ୍ରିୟଗୁଡିକୁ ଜଣାପଡୁଥିବା ଶକ୍ତି, ଇନ୍ଦ୍ରିୟଗୁଡିକୁ ଜଣାପଡୁ ନଥିବା ଶକ୍ତି ନାମରେ ଦୁଇ ପ୍ରକାରର ଶକ୍ତି ଅଛି ବୋଲି ବହୁଣା ଅନେକଙ୍କୁ ଜଣାନାହିଁ । ଦେଖାଯାଉ ନଥିବା ମଣିଷର ବଳ ଯଦି ସ୍ଥୁଳଶକ୍ତି, ଆଖିକୁ ଦେଖା ନଯାଇ କେବଳ ସ୍ପର୍ଶ ଦ୍ୱାରା ଜଣା ପଡୁଥିବା ପବନର ଶକ୍ତି ଯଦି ସୂକ୍ଷ୍ମଶକ୍ତି ହୁଏ, ତେବେ ସ୍ପର୍ଶ ଦ୍ୱାରା ଯେଉଁ ଶକ୍ତି ଜଣାପଡେ ନାହିଁ, ଆଖିକୁ ଯେଉଁ ଶକ୍ତି ଦେଖାଯାଉ ନାହିଁ ବା କୌଣସି ଅନ୍ୟ ଇନ୍ଦ୍ରିୟକୁ ଜଣାପଡୁ ନାହିଁ! ସେ ଶକ୍ତିକୁ କେଉଁ ଶକ୍ତି କହିବା ? ବୋଲି ପ୍ରଶ୍ନ ନଆସି ରହିପାରିବ ନାହିଁ, ତାର ଜବାବ ହେଉଛି ! ଶକ୍ତି ଦୁଇ ପ୍ରକାରର ଥାଏ, ତାହାକୁ ହିଁ ଇନ୍ଦ୍ରିୟଗୁଡିକୁ ଜଣାପଡୁଥିବା ଶକ୍ତି, ଇନ୍ଦ୍ରିୟଗୁଡିକୁ ଜଣାପଡୁ ନଥିବା ଶକ୍ତି ବୋଲି କହି ପାରିବା । କୌଣସି ଇନ୍ଦ୍ରିୟକୁ ଜଣାପଡୁ ନଥିବା ଶକ୍ତିକୁ ଇନ୍ଦ୍ରିୟାତୀତ ଶକ୍ତି ମଧ୍ୟ କୁହାଯାଏ । ମଣିଷର ଇନ୍ଦ୍ରିୟଗୁଡିକୁ ଜଣାପଡୁଥିବା ଶକ୍ତି ସ୍ଥୁଳ, ସୂକ୍ଷ୍ମ ଭାବରେ ଦୁଇ ପ୍ରକାରର ଥିବା ବେଳେ, ଇନ୍ଦ୍ରିୟଗୁଡିକୁ ଜଣାପଡୁ ନଥିବା ଶକ୍ତି ମଧ୍ୟ ଦୁଇ ପ୍ରକାରର ଅଛି ବୋଲି କହୁଛୁ, ସେ ଦୁଇଟିରୁ ଗୋଟିଏ

ମନ୍ତ୍ରଶକ୍ତି, ଅନ୍ୟଟି ଦୈବଶକ୍ତି । ମନ୍ତ୍ରଶକ୍ତିକୁ ମଣିଷ ତିଆରି କରିପାରେ ବା ସୃଷ୍ଟି କରିପାରେ, ଦୈବଶକ୍ତିକୁ କେହି ସୃଷ୍ଟି କରିପାରିବେ ନାହିଁ । ଦୈବଶକ୍ତି ବିଶ୍ୱବ୍ୟାପ୍ତ ହୋଇ ରହିଛି । ସର୍ବତ୍ର ବ୍ୟାପିରହିଥିବା ଶକ୍ତିରୁ ମଣିଷ ତାର ଇଚ୍ଛା ଅନୁସାରେ କେତେ ଶକ୍ତି ମଧ ପାଇପାରିବ । ପ୍ରପଞ୍ଚରେ ଥିବା ଅନେକ ଗ୍ରହ, ଉପଗ୍ରହ, ଭୂତ, ଉପଭୂତ, ମହାଭୂତମାନେ ଏହି ଦୈବଶକ୍ତି ପ୍ରାପ୍ତ ହୋଇଥାନ୍ତି, ସେହି ଦୈବଶକ୍ତିକୁ ମଣିଷ ତାର ଚେଷ୍ଟାରେ ପାଇପାରିବ । ଇନ୍ଦ୍ରିୟାତୀତ ଶକ୍ତି ଦୁଇଟି ଅଛି ବୋଲି ଆଜିର କାଳରେ ମଣିଷ ଜାଣି ନପାରିବା ବ୍ୟତୀତ ଯେତେବେଳେ ସେହି ପ୍ରସ୍ତାବ ଆସେ, ସେତେବେଳେ ସେଭଳି ଶକ୍ତି କିଛି ନାହିଁ, ତାହା କେହି ବିଶ୍ୱାସ କରିବା ଉଚିତ୍ ନୁହେଁ ବୋଲି କହିଥାଏ ।

ମନ୍ତ୍ରଶକ୍ତିର ଅସ୍ତିତ୍ୱକୁ କେହି ପ୍ରମାଣିତ କରି ପାରିବେ ? ବୋଲି ବିଜ୍ଞାନ ଜାଣିଥିବା ଲୋକମାନେ ପ୍ରଶ୍ନ କରିଥାନ୍ତି । ଇନ୍ଦ୍ରିୟଗୁଡିକୁ ଜଣାପଡୁ ନଥିବା ଶକ୍ତି ଇନ୍ଦ୍ରିୟଗୁଡିକ ଦ୍ୱାରା କେହି ପ୍ରମାଣିତ କରିପାରିବା ସମ୍ଭବ ନୁହେଁ । ତେଣୁ ପ୍ରମାଣ କରିପାରିବେ ବୋଲି ପଚାରୁଥିବା ଲୋକମାନଙ୍କୁ କେହି ପ୍ରମାଣିତ କରି କହିପାରିବେ ନାହିଁ । ମନ୍ତ୍ରଶକ୍ତି ହେଉ କିମ୍ବା ଦୈବଶକ୍ତି ହେଉ ତାହା ବିଚାରବନ୍ତ ମାନଙ୍କର ବୁଦ୍ଧିରେ ଜଣାପଡିଥାଏ ସିନା, ବାହ୍ୟତଃ ଇନ୍ଦ୍ରିୟଗୁଡିକ ଦ୍ୱାରା ଜଣାପଡି ନଥାଏ । ବାହ୍ୟେନ୍ଦ୍ରିୟକୁ ମଧ ଜଣାପଡୁ ନଥିବା ଜ୍ଞାନକୁ ଗ୍ରହଣ କରିବା ସାମର୍ଥ୍ୟ ମଣିଷଶରୀର ଭିତରେ ଥିବା ବୁଦ୍ଧିର ଅଛି । ତେଣୁ ମନ୍ତ୍ରଶକ୍ତିକୁ ବାହ୍ୟତଃ କେହି ପ୍ରମାଣିତ କରିପାରିବେ ନାହିଁ, ଏହାକୁ କେହି କେବଳ ଅନ୍ତର୍ଭାଗରେ ଗ୍ରହଣ କରିପାରନ୍ତି । ପ୍ରତ୍ୟେକ ମଣିଷ ଭିତରେ ବୁଦ୍ଧି ରହିଥିଲେ ମଧ ବୁଦ୍ଧିକୁ ଉପଯୋଗ କରିବା ପଦ୍ଧତି ମଣିଷକୁ ଜଣା ନାହିଁ । ଆଜି ବଡ ବଡ ପାଠୁଆମାନେ, ଆମେ ବିଜ୍ଞାନ ଜାଣିଛୁ ବୋଲି କହୁଥିବା ଲୋକମାନେ ଇନ୍ଦ୍ରିୟାଭ୍ୟାସିତ ବିଷୟଗୁଡିକୁ କେବଳ ଜାଣି ପାରନ୍ତି ସିନା ଇନ୍ଦ୍ରିୟାତୀତ ବିଷୟକୁ ଜାଣି ପାରୁନାହାନ୍ତି, ସେମାନେ

ସେମାନଙ୍କ ଇନ୍ଦ୍ରିୟଗୁଡିକ ଦ୍ୱାରା ଜଣାପଡୁଥିବା ବିଷୟଗୁଡିକୁ, ସେମାନଙ୍କ ପାଠପଢାରୁ ଜଣାପଡୁଥିବା ବିଷୟଗୁଡିକୁ କେବଳ ମନେ ରଖୁଛନ୍ତି, ସେହି ବିଷୟ ବାବଦରେ କଥା କହୁଛନ୍ତି । ତେଣୁ କେତେବଡ ବିଜ୍ଞାନ ବିଶ୍ୱାସୀ ହେଲେ ମଧ୍ୟ ମନ୍ତ୍ରଶକ୍ତିର ବିବରଣକୁ କିମ୍ବା ଦୈବଶକ୍ତି ହୋଇଥିବା ଜ୍ଞାନକୁ ଜାଣିପାରନ୍ତି ନାହିଁ ବୋଲି କହିପାରିବା ।

କାହାକୁ ଏକ ବିଷୟ ଜଣାନାହିଁ ! ତା ବୋଲି ତାହା ନାହିଁ କହିବା ! ! କହିପାରିବା ନାହିଁ । ଉଦାହରଣ ସ୍ୱରୂପ ଆମେରିକା ଦେଖିଥିବା ଲୋକ ଜଣେ ଥିବାବେଳେ, ଆମେରିକା ଦେଖିନଥିବା ଦଶଜଣ ଲୋକ ଅଛନ୍ତି ବୋଲି ଭାବିବା । ଏଠାରେ ଦଶଜଣ ମିଶି ସେ ଦେଖିନାହିଁ କହିଦେଲେ ମଧ୍ୟ ଦେଖିଥିବା ଲୋକ ଦେଖି ନାହିଁ ବୋଲି କେମିତି କହିବା ! ସେହିଭଳି ଏକ ବିଷୟ ସତ୍ୟ ? କି ଅସତ୍ୟ ? ବୁଦ୍ଧିରେ ବିଚାର ନକରି ନାହିଁ କହିଦେବା ନିର୍ବୋଧତା । ତେଣୁ ଏକ ବିଷୟକୁ ସତ୍ୟ ବୋଲି କହିବା ପାଇଁ ଶାସ୍ତ୍ର ଯେତିକି ଆବଶ୍ୟକ, ସେହିଭଳି ଏକ ବିଷୟକୁ ଅସତ୍ୟ କହିବା ପାଇଁ ମଧ୍ୟ ଶାସ୍ତ୍ର ସେତିକି ଆବଶ୍ୟକ ବୋଲି କହୁଛୁ । ମୂଢମାନଙ୍କ ଭଳି ଥିବା ଜିନିଷକୁ ନାହିଁ, ନଥିବା ଜିନିଷକୁ ଅଛି କହିବା ଉଚିତ୍ ନୁହେଁ । ଏଭଳି କହିଲେ ତାହା ବିଜ୍ଞତା ହେବ ନାହିଁ କି ବିଜ୍ଞାନ ହେବ ନାହିଁ । ବୁଦ୍ଧିରେ ଜଣାପଡୁଥିବା ମନ୍ତ୍ରଶକ୍ତିକୁ ବୁଦ୍ଧିରେ ପରିଶୀଳନ କରିବା ଉଚିତ୍ । ତା' ନକରି ଆମେ ଆଖିରେ ଦେଖିବୁ, ଇନ୍ଦ୍ରିୟଗୁଡିକ ଦ୍ୱାରା ଜାଣିବୁ ଭାବିବା ଭୁଲ୍ ହେବ । ଯାହା ବୁଦ୍ଧିରେ ଜଣାପଡେ ତାହା ଆଖିକୁ ଜଣାପଡେ ନାହିଁ, ଯାହା ଆଖିକୁ ଜଣାପଡେ ନାହିଁ ତାହା ନାହିଁ କହିବା ବୁଦ୍ଧିଲୋପ ହୋଇଥାଏ ।

ପ୍ରତି ମଣିଷ ଶରୀରରେ ବାହାରକୁ ଦେଖା ନଯାଇ ଭିତର ଶରୀରରେ ଶରୀରଭାଗର ଦୁଇଟି ମୁଖ୍ୟ ଭାଗ ରହିଥାଏ, ସେ ଦୁଇଟିରୁ ଗୋଟିଏ ହେଉଛି ମନ, ଅନ୍ୟଟି ହେଉଛି ବୁଦ୍ଧି । କେବଳ ମନନ କରୁଥିବାରୁ ତାକୁ

ମନ କହିଛନ୍ତି । ମନର ଦ୍ୱିତୀୟ କାର୍ଯ୍ୟ ମଧ୍ୟ ରହିଛି, ତାହା ଆମେ ଏହି ସନ୍ଦର୍ଭରେ ଜାଣିବା ଆବଶ୍ୟକ ନାହିଁ । ସେହିଭଳି ବୁଦ୍ଧି ମଧ୍ୟ ଦୁଇଟି କାର୍ଯ୍ୟ କରିଥାଏ, ସେ ଦୁଇଟିରୁ ଗୋଟିଏ ହେଲା ବିଚାର କରିବା, ଦ୍ୱିତୀୟଟି ହେଲା ଆଲୋଚନା କରିବା । ସମସ୍ତେ ବିଚାର କରିବା, ଆଲୋଚନା କରିବା ଗୋଟିଏ କଥା ବୋଲି ଭାବନ୍ତି, କିନ୍ତୁ ଉଭୟ ଅଲଗା । ମୁଣ୍ଡରେ ଥିବା ଗୁଣଚକ୍ରର ତିନି ଗୁଣ ବିଷୟକୁ ନେଇ ବୁଦ୍ଧି ଆଲୋଚନା କରିଥାଏ, ସେହିଭଳି ଗୁଣଚକ୍ରରେ ଥିବା ତିନି ଗୁଣଭାଗ ମଝିରେ ଥିବା ଗୁଣାତୀତ ଭାଗ ବା ଆତ୍ମାଭାଗର ଜ୍ଞାନକୁ ନେଇ ବୁଦ୍ଧି ବିଚାର କରିଥାଏ । ଏହି ଅନୁସାରେ ବୁଦ୍ଧିର ଦୁଇଟି କାର୍ଯ୍ୟ ଦୁଇ ପ୍ରକାରର ଥାଏ, ତନ୍ମଧ୍ୟରୁ ବୁଦ୍ଧି ଗୋଟିଏ କାର୍ଯ୍ୟରେ ଭୌତିକ ଗୁଣବିଷୟ ଦ୍ୱାରା ଆଲୋଚନା କରିବା, ଅନ୍ୟ କାର୍ଯ୍ୟରେ ଆତ୍ମାବିଷୟ ବା ଦୈବଜ୍ଞାନକୁ ବିଚାର କରିବା ବୋଲି ଜଣାଯାଉଛି । ଏହିଭଳି ବୁଦ୍ଧିର ଆଲୋଚନା କରିବା, ବିଚାର କରିବା ନାମକ କାର୍ଯ୍ୟ ଦ୍ୱୟ ମଣିଷର ଶରୀର ଭିତରେ ହୋଇଥାଏ । ପ୍ରତ୍ୟେକ ମଣିଷର ଶରୀର ଭିତରେ ମନ ଏବଂ ବୁଦ୍ଧି କରୁଥିବା ଦୁଇ ଦୁଇଟି କାର୍ଯ୍ୟ ସମାନ ଭାବରେ ହୋଇଥାଏ ବୋଲି କହିପାରିବା ନାହିଁ । ମଣିଷ ମଣିଷ ଭିତରେ ଆକୃତି, ସୁନ୍ଦରତା ଇତ୍ୟାଦିରେ ଭିନ୍ନତା ରହିଥାଏ । ସେହିଭଳି ମଣିଷ ମଣିଷ ଭିତରେ, କାର୍ଯ୍ୟରେ, ସାମର୍ଥ୍ୟରେ କିଛିନା କିଛି ଭିନ୍ନତା ନିଶ୍ଚୟ ରହିଥାଏ । ଗୋଟିଏ ମଣିଷର ମନ ବଳଶାଳୀ ହୋଇ ଅଧିକ ସ୍ମୃତିଶକ୍ତି ବିଶିଷ୍ଟ ହୋଇପାରେ, କିନ୍ତୁ ସେହି ମଣିଷର ବୁଦ୍ଧି ବଳହୀନ ହୋଇ ବିଚାର କରିବାରେ କିମ୍ବା ଆଲୋଚନା କରିବାରେ ଅନ୍ୟମାନଙ୍କ ଅପେକ୍ଷା ସଂପୂର୍ଣ୍ଣ ପଛରେ ଥାଇପାରେ । କେତେକଙ୍କ ବୁଦ୍ଧିରେ ଆଲୋଚନା ବଳଶାଳୀ ହୋଇ, ବିଚାର ବଳହୀନ ରହିଥାଏ, କିମ୍ବା ବିଚାର ନଥାଏ । କେତେକଙ୍କର ମନସ୍ମୃତି କମ୍ ଥିଲେ ମଧ୍ୟ ବୁଦ୍ଧିରେ ଆଲୋଚନା, ବିଚାର ବଳଶାଳୀ ହୋଇଥାଏ ।

ଇସ୍ଲାମ ମତରେ ବୋଧକ ଭାବରେ ଥିବା ଜଣେ ବ୍ୟକ୍ତିଙ୍କୁ ଦେଖିଛୁ, ତାଙ୍କର ପ୍ରବଚନ ଶୁଣିଛୁ, ସେ ପୁସ୍ତକରେ ଥିବା ପ୍ରତି ବିଷୟକୁ ସଂପୂର୍ଣ୍ଣ ମନେରଖି କହିଥାନ୍ତି । ବିଶେଷ କଥା ହେଉଛି ସେ ତାଙ୍କ ମତରେ ଥିବା ଗ୍ରନ୍ଥର ବିଷୟଗୁଡିକୁ କହିପାରିବା ସହିତ ବାଇବେଲର କୌଣସି ବିଷୟ ମଧ୍ୟ କହିପାରନ୍ତି । ତାଛଡା ହିନ୍ଦୁମାନଙ୍କ ଭଗବଦ୍ଗୀତାର ଶ୍ଳୋକ, ବେଦମନ୍ତ୍ର, ଉପନିଷଦର ବାକ୍ୟ ମଧ୍ୟ କଣ୍ଠସ୍ଥ କରି କହିପାରନ୍ତି । ଖାଲି ସେତିକି ନୁହେଁ ଏହି ବାକ୍ୟ କିମ୍ୱା ଏହି ଶ୍ଳୋକ ଅମୁକ ଗ୍ରନ୍ଥର, ଅମୁକ ଅଧ୍ୟାୟରେ ଥିବା, ଅମୁକ ଫର୍ଦ୍ଦରେ ଅଛି ବୋଲି ମନେରଖି କହିପାରନ୍ତି, ତାଙ୍କ ସଭାରେ ସମସ୍ତେ ତାଙ୍କର ସ୍ମୃତିଶକ୍ତି ଦେଖି ଆଶ୍ଚର୍ଯ୍ୟ ହୋଇଥାନ୍ତି, ସେ କହିଥିବା ପ୍ରବଚନ ଡି. ଭି.ଡି ଦେଖୁଥିବା ମୁଁ ମଧ୍ୟ ତାଙ୍କର ସ୍ମୃତିଶକ୍ତି ଦେଖି, ତାଙ୍କର ମହାନତାକୁ ପ୍ରଶଂସା ନକରି ରହିପାରିଲି ନାହିଁ । ସେହିଭଳି ତାଙ୍କର ସ୍ମୃତିଶକ୍ତିକୁ କେହି ବି ପ୍ରଶଂସା କରନ୍ତି, ଆଶ୍ଚର୍ଯ୍ୟ ହୁଅନ୍ତି । ଏସବୁର କାରଣ ତାଙ୍କର ଶରୀରରେ ଥିବା ମନ ବଳଶାଳୀ ବୋଲି କହିପାରିବା । ତାଛଡା ତାଙ୍କର ଶରୀରରେ ଥିବା ବୁଦ୍ଧି ସ୍ଥୁଳବିଷୟ ହୋଇଥିବା ଗୁଣବିଷୟ ଏବଂ ଭୌତିକ ବିଷୟର ଆଲୋଚନା କରିପାରେ, କିନ୍ତୁ ସୂକ୍ଷ୍ମ ଆତ୍ମାବିଷୟ ହୋଇଥିବା ଦୈବିକ ବିଷୟରେ ତାଙ୍କର କୌଣସି ବିଚାର ଶକ୍ତି ନଥିଲା ବୋଲି ଜାଣିପାରିଲି । ତେଣୁ ତାଙ୍କର ପ୍ରବଚନରେ ସେ କହିବାବେଳେ କିଛି ବିଚାର କରି କହୁଥିବା ବିଷୟ ଦେଖାଯାଉ ନଥିଲା, ସେ ଶୁଣିଥିବା, ପଢିଥିବା ବିଷୟଗୁଡିକୁ କେବଳ ମନେରଖି କହିପାରୁଥିଲେ । ଏଭଳି କହିପାରିବା ତାଙ୍କ ମନର ମହାନତା ଥିଲା । ମନର ବଳ ଦ୍ୱାରା ସେ ସବୁ ମନେରଖି କହିପାରୁଥିଲେ, ସେ ଯାହାସବୁ କହୁଥିଲେ ତାହା ସ୍ଥୁଳ ବିଷୟ ଥିଲା ସିନା ସୂକ୍ଷ୍ମ ବିଷୟ ନଥିଲା, ଏତଦ୍ୱାରା ତାଙ୍କଠାରେ ସୂକ୍ଷ୍ମ ବିଷୟ ଗ୍ରହଣ କରିବା ଶକ୍ତି ତାଙ୍କ ବୁଦ୍ଧିର ନଥିଲା ବୋଲି ଜାଣିହୋଇଯାଉଛି ।

ତାଙ୍କ ବୁଦ୍ଧି ସୂକ୍ଷ୍ମ ବିଷୟକୁ ଗ୍ରହଣ କରିବାରେ କିମ୍ବା ବିଚାର କରିବାରେ ବଳହୀନ ବୋଲି ମୁଁ କିଛି ବୁଝିପାରିବା ପରେ ସେ ବିଷୟକୁ ଦୃଢକରିବା ପାଇଁ ଏକ ସନ୍ଦର୍ଭରେ ତାଙ୍କ ସହିତ ସାକ୍ଷାତ କରି କଥାହେଲି । କୋରାନ ଗ୍ରନ୍ଥରେ ଅନେକ ସୂକ୍ଷ୍ମ ଦୈବବାଣୀ ରହିଥାଏ । ତନ୍ମଧ୍ୟରୁ ୩୩ତମ ସୁରା "ଅଲ୍-ଅହଜାବ୍"ର ୪୦ତମ ଆୟତରେ "ମହମ୍ମଦ୍ ତୁମମାନଙ୍କ ମଧ୍ୟରୁ କୌଣସି ପୁରୁଷର ପିତା ନ ଥିଲେ କି (ପିତା) ନାହାନ୍ତି (କି ପିତା ହେବେ ନାହିଁ) କିନ୍ତୁ (ସେ) ଅଲ୍ଲାଃଙ୍କର ରସୁଲ୍ ଅଟନ୍ତି, ବରଂ (ଏହାଠାରୁ ବଳି) ନବୀମାନଙ୍କର ମୋହର ଅଟନ୍ତି, ଏବଂ ଅଲ୍ଲାଃ ସବୁ ବିଷୟରେ ଜାଣନ୍ତି ।" ବୋଲି ଲେଖାଯାଇଛି । ମୁଁ ଏଇ ଆୟତ ବାବଦରେ ତାଙ୍କୁ ପଚାରିଲି । ମୁଁ ଚାରିଗୋଟି ବିଭିନ୍ନ କୋରାନରେ ଥିବା ଏହି ବାକ୍ୟଟିକୁ ପଢିଛି । ପ୍ରତ୍ୟେକ କୋରାନରେ କିଛି କିଛି ଭାଷାଭିନ୍ନତା ରହିଥିଲା ସିନା, ସବୁ କୋରାନରେ ଲେଖାଥିବା ଏହି ବାକ୍ୟର ଅର୍ଥ ଗୋଟିଏ ଥିଲା । ବାକ୍ୟରେ ଥିବା ଭାଷାର କିଛି କିଛି ଭିନ୍ନତା ଥିଲେ ମଧ୍ୟ ଭାବ କିନ୍ତୁ ଗୋଟିଏ ଥିଲା ବୋଲି ବୁଝିପାରିଥିଲି । ବାକ୍ୟରେ ଅଲ୍ଲାଃ ନବୀମାନଙ୍କର ମୋହର ଅଟନ୍ତି ବୋଲି ଲେଖାଯାଇଛି । ମୁଁ ସେହି ମୋହର (ମୁଦ୍ରା) ବାବଦରେ ପଚାରିଲି । ସେଥିପାଇଁ ସେ "ଆରବିକ୍ ଭାଷାରେ ବାକ୍ୟରେ "ଖାତମୁନ୍" ନାମକ ଶବ୍ଦର ଅର୍ଥ ମୋହର । ଏହି ମୋହରଟି ଏକ ପ୍ରକ୍ରିୟା ସମାପ୍ତ ହେବା ପରେ ଦିଆଯାଏ । ମୋହର ଦିଆଯିବା ପରେ ସେ କାର୍ଯ୍ୟ ସବୁଦିଗରୁ ସମାପ୍ତ ହୋଇଯାଇଥିବା ଭଳି ହିସାବ ହୋଇଥାଏ । ତେଣୁ ମହମ୍ମଦ୍‌ଙ୍କ ଆଗମନରେ ନବୀମାନଙ୍କର ପରମ୍ପରା ସମାପ୍ତ ହୋଇଯାଇଥିଲା, ମହମ୍ମଦଙ୍କ ପରେ ଆଉ କେହି ପ୍ରବକ୍ତା ଆସିବେ ନାହିଁ ବୋଲି ଏଭଳି କୁହାଯାଇଛି" ବୋଲି କହିଲେ । ତାପରେ ମୁଁ ପଚାରିଲି..

**ମୁଁ:-** ବାକ୍ୟରେ ମହମ୍ମଦ୍ ତୁମମାନଙ୍କ ମଧ୍ୟରୁ କୌଣସି ପୁରୁଷର ପିତା ନ

ଥିଲେ ବୋଲି ଲେଖାଯାଇଛି, ସେ କାହାର ପିତା ନୁହନ୍ତି ବିଷୟ ଏଠାରେ କାହିଁକି କହିଛନ୍ତି, ସେ ନବୀମାନଙ୍କର ମୋହର ଅର୍ଥାତ୍ ଶେଷ ନବୀ ଅଟନ୍ତି କହି, ତାପରେ ଅଲ୍ଲାଃ ସବୁ ବିଷୟରେ ଜାଣନ୍ତି କହିବା ଠିକ୍ ଅଛି । ହେଲେ ବାକ୍ୟର ପ୍ରଥମରେ ମହମ୍ମଦ୍ ତୁମମାନଙ୍କ ମଧ୍ୟରୁ କୌଣସି ପୁରୁଷର ପିତା ନଥିଲେ କହିବାରେ କି ଅନ୍ତରାର୍ଥ ଅଛି ?

**ସେ:-** ସେ ମୃତ୍ୟୁବରଣ କରିବାବେଳେ ମହମ୍ମଦଙ୍କ ଦୁଇପୁଅଙ୍କ ଭିତରୁ କେହି ଜଣେ ମଧ୍ୟ ସଜୀବ ନଥିଲେ । ତେଣୁ ସେ "ମହମ୍ମଦ୍ ତୁମମାନଙ୍କ ମଧ୍ୟରୁ କୌଣସି ପୁରୁଷର ପିତା ନ ଥିଲେ" ବୋଲି କହିଛନ୍ତି । ତାଙ୍କର ଚାରି ଝିଅଙ୍କ ଭିତରୁ ଆଗରୁ ମଧ୍ୟ ତିନି ଝିଅ ମୃତ୍ୟୁବରଣ କରିଥିଲେ, କିନ୍ତୁ ସାନ ଝିଅ ଫାତିମା ମହମ୍ମଦ୍ ମୃତ୍ୟୁବରଣ କରିବାର ଛଅମାସ ପରେ ମୃତ୍ୟୁବରଣ କରିଥିଲେ, ସେ ମୃତ୍ୟୁବରଣ କରିବା ସମୟରେ କୌଣସି ପୁରୁଷର ପିତା ନଥିଲେ କହିବାରେ ତାଙ୍କର କେହି ପୁଅ (ପୁତ୍ର) ନଥିଲେ ବୋଲି ଏଭଳି କୁହାଯାଇଛି ।

ଏବେ ତାଙ୍କଠାରୁ ଏହି ବିବରଣୀ ପାଇବା ପରେ ତାଙ୍କ କଥାରେ କୌଣସି ଉଚିତ୍ ସମାଧାନ ନାହିଁ ବୋଲି ଜଣାଯାଉଛି । ଏଠାରେ ଆମେ ଆଉ ପ୍ରଶ୍ନକଲେ କୌଣସି ଜବାବ ମିଳିବ ନାହିଁ । ଥରେ ସନ୍ତାନ ସନ୍ତତି ପାଇବା ପରେ ବାହ୍ୟତଃ ସମସ୍ତେ ପିତା ହୋଇଯାଆନ୍ତି । ପୁଅ ଥିଲେ ପିତା, ନଥିଲେ ପିତା ନୁହନ୍ତି ବୋଲି ବାହ୍ୟ ସମାଜରେ କେହି ମଧ୍ୟ ଏପରି କହନ୍ତି ନାହିଁ । ତାଛଡା ପୁଅ ଜନ୍ମ କରନ୍ତୁ କି ଝିଅ ଜନ୍ମ କରନ୍ତୁ ଜନ୍ମ ଦେଇଥିବା ପାତ୍ରମାନଙ୍କୁ ମାତାପିତା କୁହାଯାଏ । ଏଠାରେ ପୁତ୍ରମାନଙ୍କୁ ନେଇ କନ୍ୟା (ଝିଅ)ମାନଙ୍କୁ ଛାଡିଦେଇ ସେ କେବଳ ପୁତ୍ର ମାନଙ୍କ ପିତାଥିଲେ କହିବା ଅସାମାଜିକ କଥା । ମୃତ୍ୟୁବରଣ କରିଥିବା ପୁତ୍ରମାନଙ୍କର ପିତା ନଥିଲେ ବୋଲି ଭାବିଲେ, ତାଙ୍କ ସ୍ତ୍ରୀ କୌଣସି ଅପରାଧ କରି ସେମାନଙ୍କୁ ଜନ୍ମ

ଦେଇଥିବା ଭଳି ବାହ୍ୟ ସମାଜରେ ହିସାବ ହୁଏ । ଏସବୁରେ ଧ୍ୟାନଦେବା ବିଷୟ ହେଉଛି ! ତୁମମାନଙ୍କ ଭିତରୁ କୌଣସି ପୁରୁଷର ପିତା ନୁହନ୍ତି ବୋଲି କଥାଟି ମହମ୍ମଦଙ୍କୁ ଜୀବ୍ରାଇଲ କହିଥିଲେ । ଜିବ୍ରାଇଲ ଜଣେ ମହାନ ଜ୍ଞାନୀ ଥିଲେ, ତାଙ୍କ ବାଣୀ ଅତ୍ୟନ୍ତ ମୂଲ୍ୟବାନ ଥିଲା । ଆଜି ମୁସ଼୍ଲିମ୍ ବୋଧକମାନେ ବୋଧ କରୁଥିବା ବିଷୟ ବାହ୍ୟ ବିଷୟ । ବାହ୍ୟ ବିଷୟ ସହିତ ଜୀବ୍ରାଇଲ କହିଥିବା କଥାକୁ ତୁଳନା କରିପାରିବା ନାହିଁ, ସେ କହିଥିବା କଥାରେ ନିଶ୍ଚୟ କିଛି ଅନ୍ତରାର୍ଥ ଅଛି । ଏହାକୁ ବାହ୍ୟ ଅର୍ଥକଲେ ସଂପୂର୍ଣ୍ଣ ଭୁଲ୍ ହୋଇଥାଏ । ଏଠାରେ ଆଉ ଏକ ବିଷୟ ହେଉଛି ! ଏହା ମହମ୍ମଦ୍ ମୃତ୍ୟୁବରଣ କରିବାବେଳେ, କିମ୍ବା ମୃତ୍ୟୁବରଣ କରିବା ପରେ କୁହାଯାଇଥିବା ବାକ୍ୟ ନୁହେଁ । ମହମ୍ମଦ୍ ସୁସ୍ଥସବଳ ରହି ବଞ୍ଚି ରହିଥିବା ବେଳେ, ତାଙ୍କ ପୁତ୍ରମାନେ ମଧ୍ୟ ବଞ୍ଚି ରହିଥିବା ବେଳେ ଜୀବ୍ରାଇଲ ଆସି ଏହି ବାକ୍ୟଟି କହିଥିଲେ । ବାକ୍ୟର ସ୍ଥୁଳ ଅର୍ଥ କଲେ ଉପରେ କୁହାଯାଇଥିବା କଥା ସହିତ ତଳେ କୁହାଯାଇଥିବା କଥା ମଧ୍ୟ ମେଳ ଖାଉନାହିଁ । ଏଭଳି ବିବରଣୀକୁ ସମାଜ ମଧ୍ୟ ସ୍ୱୀକାର କରିବ ନାହିଁ ।

ସବୁଦିଗରୁ ବିବରଣାତ୍ମକ ଦେଖିଲେ ଜୀବ୍ରାଇଲଙ୍କ ବାଣୀ ଗୁଡିକରେ ପରମାର୍ଥ ରହିଥାଏ ବୋଲି ଜାଣିହୁଏ । ସୂକ୍ଷ୍ମ ବାକ୍ୟରାଜିରେ କୋରାନ ପରିପୂର୍ଣ୍ଣ ବୋଲି କୋରାନର ୩ୟ ସୁରାରେ ଥିବା ୭ମ ଆୟତ କହିବା ଭଳି, ତାହାକୁ କୌଣସି ଲୋକ ଯଦି ନିଜର ବୁଦ୍ଧିରେ ବିଚାର ନକରି ଦେଖିବ ତେବେ କଦାପି ବୁଝିପାରିବ ନାହିଁ । ଉପରେ ମୋ ସହିତ କଥା ହୋଇଥିବା ମୁସ଼୍ଲିମ୍ ବୋଧକଜଣକ କେତେ ସ୍ମୃତିବାନ ମଣିଷ ହେଲେ ମଧ୍ୟ, ତାଙ୍କ ବୁଦ୍ଧି ବାହ୍ୟ ଆଲୋଚନା କରି, ନିଗୁଢ, ସୂକ୍ଷ୍ମ ହୋଇଥିବା ପରମାର୍ଥକୁ ବିଚାର କରିପାରି ନାହିଁ ବୋଲି କହିପାରିବା । ବିଚାର କରିପାରୁଥିବା ବୁଦ୍ଧିବଳ ବିଶିଷ୍ଟ କୌଣସି ବ୍ୟକ୍ତି ୩୩ତମ ସୁରାର ଏହି ୪୦ତମ ବାକ୍ୟକୁ

ବୁଝାଇ କହିପାରିବ । ବାକ୍ୟରେ ତାଙ୍କ ପୁତ୍ର ନକହି, ତୁମମାନଙ୍କ ଭିତରୁ କୌଣସି ପୁରୁଷର ବୋଲି କାହିଁକି କୁହାଯାଇଛି ? ବୋଲି ପ୍ରଶ୍ନ କରିବା ଉଚିତ୍ । ସବୁକିଛିର ସମାଧାନ ବୁଦ୍ଧିରେ ବିଚାର କରିବା ବଳ ଥିଲେ ମିଳିବ ବୋଲି କହୁଛୁ । ବୁଦ୍ଧିର ବଳ ନଥିଲେ ଯେମିତି ସୂକ୍ଷ୍ମ ଦୈବବିଷୟ ସଂପୂର୍ଣ୍ଣ ଅଜଣା ରହିଯାଏ, ସେହିଭଳି ବୁଦ୍ଧିର ବଳ ନଥିଲେ ସୂକ୍ଷ୍ମ ମନ୍ତ୍ର ବିଷୟରେ, ତାର ଶକ୍ତି ବାବଦରେ ଜାଣିହେବ ନାହିଁ । କେତେବଡ ସ୍ମୃତିବାନ ବ୍ୟକ୍ତି ହେଲେ ମଧ୍ୟ କୋରାନରେ ଥିବା ୩୩ ତମ ସୁରାର ୪୦ତମ ଆୟତକୁ ବୁଝି ନପାରିବାର କାରଣ ହେଉଛି ! ବୁଦ୍ଧିର ବଳ ନରହିବା ଅର୍ଥାତ୍ ବୁଦ୍ଧିରେ ବିଚାର କରିବା ଶକ୍ତି ନରହିବା । ମନ ବଳଶାଳୀ ହୋଇ ଯେତେ ସ୍ମୃତିଶକ୍ତି ହାସଲ କରିଥିଲେ ମଧ୍ୟ, ଯଦି ବିଚାର କରିବା ଶକ୍ତି ନାହିଁ ତେବେ ନିଗୁଢ଼, ସୂକ୍ଷ୍ମ ବିଷୟର ବିବରଣୀ କଦାପି ଅବଗତ ହୋଇପାରିବା ନାହିଁ ।

ବିଚାର କରିପାରୁଥିବା ବୁଦ୍ଧିରେ ବଳ ନଥିବା କୌଣସି ମଣିଷ ମନ୍ତ୍ରଶକ୍ତି କିମ୍ବା ଦୈବିଶକ୍ତିକୁ ଜାଣିପାରିବ ନାହିଁ, ବିଶ୍ୱାସ କରିପାରିବ ନାହିଁ । ମନ୍ତ୍ରଶକ୍ତିକୁ ଏବଂ ଦୈବଶକ୍ତି (ଐଶ୍ୱରୀୟ ଶକ୍ତି)କୁ ଆମେ ଅଭୌତିକ ଶକ୍ତି କହୁଛୁ । ଅଭୌତିକ ବିଷୟ ଭୌତିକ ଶରୀରାବୟବ ଗୁଡିକୁ ଜାଣିପାରେ ନାହିଁ । ଅଭୌତିକ ସୂକ୍ଷ୍ମବିଷୟ ସୂକ୍ଷ୍ମ ବିଚାର କରିପାରୁଥିବା ବୁଦ୍ଧିରେ ଜଣା ପଡିଥାଏ । ସେଥିଲାଗି ବାହାରେ କେତେ ବଡ ମେଧାବୀ ହେଲେ ମଧ୍ୟ, କେତେ ସ୍ମୃତିବାନ ହେଲେ ମଧ୍ୟ, ଦୈବବାକ୍ୟର ପରମାର୍ଥକୁ ଜାଣିପାରେ ନାହିଁ । ସେହିଭଳି ମନ୍ତ୍ରର ଶକ୍ତିକୁ ଗ୍ରହଣ କରିପାରେ ନାହିଁ । ଶକ୍ତି ବା ବଳ ସ୍ଥୁଳ, ସୂକ୍ଷ୍ମ ଭେଦରେ ଦୁଇ ପ୍ରକାରର ଥାଏ । ସ୍ଥୁଳ ଶକ୍ତିକୁ ମଣିଷ ବାହାରେ ଯନ୍ତ୍ର ଦ୍ୱାରା ମଧ୍ୟ ସୃଷ୍ଟି କରିପାରୁଛି । ମଣିଷର ଶକ୍ତି ଶହେ କେଜିର ଓଜନକୁ ଉଠାଇ ପାରୁଥିବା ଶକ୍ତି ହୋଇ ରହିଥିବା ବେଳେ, ମଣିଷ ଦ୍ୱାରା ତିଆରି କରାଯାଇଥିବା ଯନ୍ତ୍ରବଳ ଅନେକ ଗୁଣରେ ଅଧିକ ଥାଏ । ତିଆରି ହୋଇଥିବା

ଯନ୍ତ୍ର ଅନୁସାରେ ଯନ୍ତ୍ରର ବଳ ରହିଥାଏ । ଜଣେ ମଣିଷ ସ୍ଥୁଳ ଯନ୍ତ୍ରଦ୍ୱାରା ବଳ ବା ଶକ୍ତିକୁ ସୃଷ୍ଟି କରିପାରିବା ଭଳି, ସୂକ୍ଷ୍ମ ମନ୍ତ୍ରବଳ ମଧ୍ୟ ସୃଷ୍ଟି କରିପାରେ । ଜଣେ ମଣିଷର ବଳ ଅପେକ୍ଷା ଯନ୍ତ୍ରର ବଳ ଅନେକ ଗୁଣ ଅଧିକ ରହିବା ଭଳି, ଏକ ଯନ୍ତ୍ରବଳ ଅପେକ୍ଷା ମନ୍ତ୍ରବଳ ଅନେକ ଗୁଣରେ ଅଧିକ ଥାଏ । ଯନ୍ତ୍ର ଛୋଟ ହୋଇଥିଲେ କମ୍ ବଳ, ବଡ ହୋଇଥିଲେ ବଡ ବଳ ବିଶିଷ୍ଟ ହେଉଥିବା ଭଳି ମନ୍ତ୍ର ମଧ୍ୟ ଛୋଟ ବଡ ଅନୁସାରେ ବଳ ପାଇଥାଏ । ଆଜି ଯନ୍ତ୍ରର ବଳକୁ ଅଶ୍ୱଶକ୍ତି ସହିତ ତୁଳନା କରି ନବୀନ ଭାଷାରେ ହର୍ସପାୱାର୍ କହିଥାନ୍ତି । ଏକ ଯନ୍ତ୍ରର ଶକ୍ତି ଦଶ ହର୍ସପାୱାର ହେବାବେଳେ, ତାଠାରୁ ବଡ ଯନ୍ତ୍ରର ଶକ୍ତି ବା ବଳ ଶହେ ହର୍ସପାୱାର ପର୍ଯ୍ୟନ୍ତ ରହିପାରେ । ଏହିଭଳି ଯନ୍ତ୍ରବଳ ଅନୁସାରେ ସେଗୁଡିକର ଶକ୍ତି ରହିଥିବା ଭଳି,ମନ୍ତ୍ରବଳ ଅନୁସାରେ ମନ୍ତ୍ରଶକ୍ତି ରହିଥାଏ ।

ଆଜିର କାଳରେ ସ୍ଥୁଳ ଯନ୍ତ୍ରଶକ୍ତିକୁ ଅଶ୍ୱଶକ୍ତି (ହର୍ସପାୱାର୍) ଭାବରେ କହିବା ଭଳି, ପୂର୍ବକାଳରେ ସ୍ଥୁଳଶକ୍ତିକୁ **"ଶସ୍ତ୍ରଶକ୍ତି"** ନାମରେ କହୁଥିଲେ, ସେହିଭଳି ସୂକ୍ଷ୍ମଶକ୍ତି ହୋଇଥିବା ମନ୍ତ୍ରଶକ୍ତିକୁ **"ଅସ୍ତ୍ରଶକ୍ତି"** ନାମରେ କହୁଥିଲେ । ପୂର୍ବେ ଯୁଦ୍ଧ କ୍ଷେତ୍ରରେ ଏହି ଅସ୍ତ୍ର, ଶସ୍ତ୍ରର ପ୍ରସ୍ତାବନା ଆସିଥିଲା । ଶତ୍ରୁମାନେ ଉପଯୋଗ କରୁଥିବା ସ୍ଥୁଳଶକ୍ତିକୁ ଶସ୍ତ୍ର, ସୂକ୍ଷ୍ମଶକ୍ତିକୁ ଅସ୍ତ୍ର ନାମରେ କହୁଥିଲେ । ସେତେବେଳେ ଯନ୍ତ୍ରବଳକୁ କମ୍, ମନ୍ତ୍ରବଳକୁ ଅଧିକ ଉପଯୋଗ କରୁଥିଲେ । ଆଜି ଯନ୍ତ୍ର ବ୍ୟତୀତ ମନ୍ତ୍ର କ'ଣ କାହାକୁ ଜଣା ନାହିଁ । ପୂର୍ବେ ଯିଏ ଯନ୍ତ୍ରର ଉପଯୋଗ ଜାଣିଥିଲା ତାକୁ **"ଯାନ୍ତ୍ରିକ"** କହୁଥିଲେ । ସେହିଭଳି ମନ୍ତ୍ରର ଉପଯୋଗ ଜାଣିଥିବା ବ୍ୟକ୍ତିକୁ **"ମାନ୍ତ୍ରିକ"** ନାମରେ କହୁଥିଲେ । ପୂର୍ବେ କେତେକ ସ୍ଥାନରେ ଯନ୍ତ୍ରବଳର ଆବଶ୍ୟକ ରହିଥିବା ବେଳେ, ସେଠାରେ ମନ୍ତ୍ରବଳର ଆବଶ୍ୟକ ରହୁନଥିଲା, ସେହିଭଳି ନାନା କ୍ଷେତ୍ରରେ କେବଳ ମନ୍ତ୍ରବଳର ଆବଶ୍ୟକତା ରହିଥିଲା । ଏହିଭଳି

ମନ୍ତ୍ରବଳ, ଯନ୍ତ୍ରବଳ ଦୁଇଟି ଅପେକ୍ଷା ଅଧିକ ବଳଶାଳୀ ହୋଇ ରହିଥାଏ ଆଉଏକ ବଳ । ତାହା "ଦୈବବଳ, ଐଶ୍ୱରୀୟ ବଳ ବା ଆତ୍ମାବଳ" । ଏହି ଆତ୍ମାବଳ ପାଇଥିବା ଲୋକେ କ୍ୱଚିତ୍ ଥାଆନ୍ତି । ଯାନ୍ତ୍ରିକ, ମାନ୍ତ୍ରିକ ଥିବା ଭଳି ପୂର୍ବେ ଆତ୍ମାବଳ ହାସଲ କରିଥିବା **"ତାନ୍ତ୍ରିକ"** ମଧ୍ୟ ଥିଲେ । ଆଜିର ସମୟରେ ମାନ୍ତ୍ରିକମାନେ ଦେଖିବାକୁ ମିଳୁନଥିବା ବେଳେ, ତାନ୍ତ୍ରିକ ମାନଙ୍କ ଦେଖାମିଳିବା ଖୁବ୍ କ୍ୱଚିତ୍ ହୋଇଥାଏ ବୋଲି କହିପାରିବା । ଆଧ୍ୟାତ୍ମିକ ବିଦ୍ୟାରେ ଆତ୍ମାକୁ "ତା" ନାମକ ଅକ୍ଷର ଭାବରେ, ଜୀବାତ୍ମାକୁ "ତ" ନାମକ ଅକ୍ଷରରେ, ପରମାତ୍ମାଙ୍କୁ "ଗୁ" ନାମକ ଅକ୍ଷରରେ ସୂଚିତ କରାଯାଇଥାଏ । ଆତ୍ମାର ସଂକେତ ଭାବରେ ତା ନାମକ ଅକ୍ଷରକୁ ପ୍ରଥମେ ରଖି ତାନ୍ତ୍ରିକ ଶବ୍ଦକୁ ତିଆରି କରିଥିଲେ । ଆଜି ତାନ୍ତ୍ରିକମାନେ ସମାଜରେ ଦେଖିବାକୁ ମିଳୁନାହାନ୍ତି ।

ଏକ ଯନ୍ତ୍ରକୁ ମନ୍ତ୍ର ଦ୍ୱାରା ବନ୍ଦ କରିଦେଇ ପାରିବା, ସେହିଭଳି ଏକ ମନ୍ତ୍ରକୁ ତନ୍ତ୍ରବଳ ଦ୍ୱାରା ବେକାର କରିଦେଇ ପାରିବା । ଏହି ହିସାବରେ ଯନ୍ତ୍ରବଳ ଅପେକ୍ଷା ମନ୍ତ୍ରବଳ ମହାନ, ମନ୍ତ୍ରବଳ ଅପେକ୍ଷା ତନ୍ତ୍ରବଳ ମହାନ ବୋଲି ଜଣାପଡୁଛି, ହେଲେ ଆଜି ଯନ୍ତ୍ରଶକ୍ତି ଅଧିକ ବ୍ୟବହାର ହୋଇ ମନ୍ତ୍ରଶକ୍ତିର ବ୍ୟବହାର ଦେଖିବାକୁ ମିଳୁ ନାହିଁ । ପୂର୍ବେ ମନ୍ତ୍ରଶକ୍ତିର ବେଶ୍ ନାଆଁ ଥିଲା । ମନ୍ତ୍ରଶକ୍ତି ବାବଦରେ ଜାଣିଥିବା ଲୋକମାନେ ମନ୍ତ୍ରଶକ୍ତି ବାବଦରେ ହେଳିତ କଥାବାର୍ତ୍ତା କରୁନଥିଲେ । ମନ୍ତ୍ରଶକ୍ତି ଥିବା ଲୋକକୁ ସମ୍ମାନର ସହିତ କଥା କହୁଥିଲେ, କିନ୍ତୁ ଆଜି ମନ୍ତ୍ର ବାବଦରେ କିମ୍ବା ମନ୍ତ୍ରବଳ ବାବଦରେ ଜାଣିଥିବା ଲୋକମାନେ ଦେଖିବାକୁ ମିଳୁ ନାହାନ୍ତି । ମନ୍ତ୍ର ଉପରେ ଆଜି ବିଶ୍ୱାସ ନଥିବାରୁ ମନ୍ତ୍ରଶକ୍ତି କହିଲେ ହେଳିତ କଥାବାର୍ତ୍ତା କରୁଛନ୍ତି । ମନ୍ତ୍ର କଥା କହିଲେ ହସୁଛନ୍ତି । ପୂର୍ବେ ମନ୍ତ୍ରଶକ୍ତିରେ କାହାକୁ ମାରି ଦିଆଯାଇ ପାରୁଥିଲା, କିନ୍ତୁ ଆଜି ସେଭଳି ମନ୍ତ୍ର ନଥିବାରୁ ମନ୍ତ୍ର

ବାବଦରେ ଯାହା କହିଲେ ମଧ୍ୟ ଚଳୁଛି । ଆଜି ମଧ୍ୟ କେଉଁଠି କେମିତି ମନ୍ତ୍ର ଜାଣିଥିବା ଲୋକେ ଥାଇପାରନ୍ତି । ଆଜି ମଧ୍ୟ ଆମକୁ ମନ୍ତ୍ର ଜଣାଅଛି, ଆମେ ମନ୍ତ୍ରବିଦ୍ୟା ଶିଖିଛୁ, ଆମ ପାଖରେ ମନ୍ତ୍ରଶକ୍ତି ଅଛି ବୋଲି କହୁଥିବା ଲୋକେ ଅଛନ୍ତି, କିନ୍ତୁ ସେମାନଙ୍କୁ ମନ୍ତ୍ର କହିଲେ କଣ ଜଣା ନାହିଁ; ତଥାପି ଅନ୍ୟମାନଙ୍କ ଦ୍ୱାରା ସମ୍ମାନିତ ହେବା ପାଇଁ, ଅନ୍ୟମାନଙ୍କୁ ଭୟ ଦେଖାଇବା ପାଇଁ, ମନ୍ତ୍ର ବାହାନାରେ ଧନ ଉପାର୍ଜନ କରିବା ପାଇଁ ଆମକୁ ମନ୍ତ୍ର ଜଣା ଅଛି ବୋଲି କେତେକ କହୁଛନ୍ତି । ଏହିଭଳି ମିଛୁଆ ମାନ୍ତ୍ରିକମାନେ କିଛି ଥିବାବେଳେ, ସେମାନଙ୍କ ଠକାମିକୁ ଦେଖି ବିଜ୍ଞାନ ବିଶ୍ୱାସୀମାନେ ମନ୍ତ୍ର ସତ୍ୟ ନୁହେଁ ବୋଲି କହୁଛନ୍ତି । ଯନ୍ତ୍ରର ଅଭ୍ୟାସରେ ପଡିଥିବା ମଣିଷ ମନ୍ତ୍ର ବିଷୟରେ ଜାଣି ନପାରିବା ତାର ଦୁର୍ଭାଗ୍ୟ ବୋଲି କହିପାରିବା । ଏଠାରେ ମଣିଷ ଏକ ସୂତ୍ରକୁ ମନେ ରଖିବା ଉଚିତ୍ । ନିଜକୁ ଯାହା ଜଣା ଅଛି ତାହା ସତ୍ୟ, ଯାହା ଜଣା ନାହିଁ ତାହା ଅସତ୍ୟ କହିବା ଠିକ୍ ନୁହେଁ । **ଏକ ବିଷୟକୁ ଜାଣିବା ପରେ ତାହା ସତ୍ୟ ହେବା ଭଳି, ସେହି ବିଷୟ ଯେତେବେଳେ ଜଣା ନାହିଁ ସେତେବେଳେ ମଧ୍ୟ ତାହା ସତ୍ୟ ହୋଇ ରହିଥାଏ** । ପୂର୍ବେ ସମସ୍ତଙ୍କୁ ମନ୍ତ୍ର ଜଣାଥିଲା କହିବା ସତ୍ୟ । ଆଜି ମନ୍ତ୍ର ବାବଦରେ କାହାକୁ ଜଣା ନାହିଁ ବୋଲି କଣ ତାହା ମିଥ୍ୟା ହୋଇଯିବ ? ସତ୍ୟ ସର୍ବଦା ସତ୍ୟ ହୋଇ ରହିଥାଏ । ମନ୍ତ୍ରର ଥିବା ସତ୍ୟତା ସର୍ବଦା ସତ୍ୟ ହୋଇ ରହିଛି । ପୂର୍ବେ ଥିବା ମନ୍ତ୍ରର ସତ୍ୟତା କଣ, ଶାସ୍ତ୍ରବଦ୍ଧତା କଣ ଆମକୁ ଜଣାଅଛି । ତେଣୁ ଏବେ ମନ୍ତ୍ର ବାବଦରେ କହିପାରୁଛୁ ।

ଯନ୍ତ୍ର ସ୍ଥୁଳ, ତେଣୁ ତାର କାର୍ଯ୍ୟ ଏବଂ ଫଳ ମଧ୍ୟ ସ୍ଥୁଳ ଭାବରେ ରହିଥାଏ । ମନ୍ତ୍ରକଥା କହିଲେ, ମନ୍ତ୍ର ଶବ୍ଦ ରୂପରେ ଥିବାରୁ, ତାହା ବାହାରକୁ ଜଣାପଡୁ ନଥିଲେ ମଧ୍ୟ ତାର କାର୍ଯ୍ୟ ଏବଂ ଫଳ ସୂକ୍ଷ୍ମତଃ ଆଖିକୁ ଦେଖାଯିବା ଭଳି ନଥାଏ । ମନ୍ତ୍ର କହିଲେ ମହିମା ବିଶିଷ୍ଟ ବା ଶକ୍ତିବନ୍ତ ବୋଲି କହିପାରିବା । ଗୋଟିଏ ଗୋଟିଏ ଶବ୍ଦକୁ ଗୋଟିଏ ଗୋଟିଏ ମନ୍ତ୍ର

ଭାବରେ କହି ପାରିବା । ସେହିଭଳି କେତୋଟି ଶବ୍ଦର ମିଶ୍ରଣକୁ ମଧ୍ୟ ମନ୍ତ୍ର ବୋଲି କହି ପାରିବା । ବିବିଧ ଭିନ୍ନତା ନେଇ ରହିଥିବା ଶବ୍ଦର ସମ୍ମେଳନକୁ ବିବିଧ ମନ୍ତ୍ର ଭାବରେ କହି ପାରିବା । ଏହି ସୂତ୍ର ଅନୁସାରେ ପ୍ରତ୍ୟେକ କଥାକୁ ଏକ ମନ୍ତ୍ର ଭାବେ ହିସାବ କରାଯାଇ ପାରେ । ତେଣୁ ପୂର୍ବେ ଅନୁଭବୀ ବଡଲୋକମାନେ **ଭୂପୃଷ୍ଠରେ ଔଷଧ ନଥିବା ଗଛ ନାହିଁ, ମନ୍ତ୍ର ନଥିବା କଥା ନାହିଁ ବୋଲି କହୁଥିଲେ** । ଏହି ଅନୁସାରେ ମନ୍ତ୍ର କୌଣସି ଭାଷାରେ ଥିଲେ ମଧ୍ୟ, ସେହି ଭାଷାର ଶବ୍ଦ ଅନୁସାରେ ମନ୍ତ୍ରର ଶକ୍ତି ଅଛି ବୋଲି ଜାଣିବା ଉଚିତ୍ । ମନ୍ତ୍ର ବିଷୟରେ ବିବରଣାତ୍ମକ ଜାଣିବା ପାଇଁ ଏକ ଉଦାହରଣ ଭାବରେ ଯନ୍ତ୍ରକୁ ତୁଳନା କରି କହୁଛି ତଦ୍ଦ୍ୱାରା ବୁଝିବାକୁ ଚେଷ୍ଟା କରନ୍ତୁ । କେତେକ ଉପକରଣକୁ ଯୋଡିଲେ ତାହା ଏକ ଯନ୍ତ୍ର ହେବା ଭଳି, କେତେକ ଶବ୍ଦକୁ ଯୋଡିଲେ ତାହା ଏକ ମନ୍ତ୍ର ହୋଇଥାଏ । ଯୋଡାଯାଇଥିବା ଅଲଗା ଅଲଗା ଉପକରଣ ଗୁଡିକ ଅନୁସାରେ ଯନ୍ତ୍ର ଅଲଗା ଅଲଗା ତିଆରି ହୋଇପାରୁଥିବା ଭଳି,ଯୋଡାଯାଇଥିବା ଅଲଗା ଅଲଗା ଶବ୍ଦ ଅନୁସାରେ ଅଲଗା ଅଲଗା ମନ୍ତ୍ର ତିଆରି ହୋଇପାରେ । ଉଦାହରଣ ଭାବରେ କେତେକ ଉପକରଣକୁ ଯୋଡାଯାଇ ଗୋଟିଏ ବସ୍ ତିଆରି ହୋଇଛି ବୋଲି ଭାବିବା । ବସ୍‌ରେ ଯୋଡାଯାଇଥିବା ଉପକରଣ ବା ଯନ୍ତ୍ରପାତିଗୁଡିକ ଯୋଡିଦେଲେ ମଧ୍ୟ ବସଟି ରୋଡରେ ଚାଲିପାରେ ନାହିଁ । ବସ୍ ରୋଡରେ ଚାଲିବାକୁ ହେଲେ ଇନ୍ଧନ ଭାବରେ ଡିଜେଲ୍ ଆବଶ୍ୟକ, ତାକୁ ଚଲାଇବା ପାଇଁ ଜଣେ ଡ୍ରାଇଭର ଆବଶ୍ୟକ । କେତେକ ଯାତ୍ରୀ ଗୋଟିଏ ଗାଆଁରୁ ଆଉ ଗୋଟିଏ ଗାଆଁକୁ ଯିବାକୁ ହେଲେ ପ୍ରଥମେ ବସ୍, ତାପରେ ଡିଜେଲ୍, ତାପରେ ଜଣେ ଡ୍ରାଇଭର ଆବଶ୍ୟକ । ଯନ୍ତ୍ରପାତି ଗୁଡିକୁ ମିଶାଇ ବସ୍ ତିଆରି ହୋଇଥିବା ଭଳି, ଯୋଡାଯାଇଥିବା ଶବ୍ଦଗୁଡିକରେ ଏକ ମନ୍ତ୍ର ତିଆରି ହୋଇଛି ବୋଲି ଭାବିବା । ଯେମିତି ବସ୍ ଚାଲିବା ପାଇଁ ଇନ୍ଧନ ଦରକାର, ସେମିତି ମନ୍ତ୍ର କାର୍ଯ୍ୟ କରିବାପାଇଁ ପ୍ରଥମେ

ଉଚ୍ଚାରଣ ସିଦ୍ଧି ଆବଶ୍ୟକ । ଉଚ୍ଚାରଣ କହିଲେ ଜପ କରିବା, ସିଦ୍ଧି କହିଲେ ତାହା ସବୁ ଦିଗରୁ କାର୍ଯ୍ୟ କରିବାପାଇଁ ପ୍ରସ୍ତୁତ ରହିବା । ବସ୍ ଆଉ ଇନ୍ଧନ ଥିଲେ ମଧ୍ୟ ବସ୍ ଚଳିବା ପାଇଁ ଜଣେ ଡ୍ରାଇଭର ଆବଶ୍ୟକ ହେବା ଭଳି, ମନ୍ତ୍ର, ମନ୍ତ୍ର ସିଦ୍ଧି ହୋଇଯାଇଥିଲେ ମଧ୍ୟ ସେହି ମନ୍ତ୍ରକୁ ପ୍ରୟୋଗ କରିବାପାଇଁ ଜଣେ ବ୍ୟକ୍ତି ଆବଶ୍ୟକ । ବସ୍ ଚଲାଉଥିବା ବ୍ୟକ୍ତିକୁ ଡ୍ରାଇଭର କହିବା ଭଳି, ଯିଏ ମନ୍ତ୍ର ପ୍ରୟୋଗ କରେ ତାକୁ ମାନ୍ତ୍ରିକ କୁହାଯାଏ । ତିଆରି ହୋଇଯାଇଥିବା ବସରେ କେହି ମଧ୍ୟ ଇନ୍ଧନ ଢାଳି ପାରିବେ । ଇନ୍ଧନ ବା ଡିଜେଲ୍ କେହି ବି ପକାଇ ପାରିବା ଭଳି, ଚଲାଇ ଜାଣିଥିବା କେହି ମଧ୍ୟ ଡ୍ରାଇଭର ହୋଇ ବସକୁ ଚଲାଇ ପାରିବେ । ହେଲେ ମନ୍ତ୍ର ବିଷୟରେ ମନ୍ତ୍ରକୁ ଯିଏ ସିଦ୍ଧ କରିଥିବ କେବଳ ସେ ହିଁ ମନ୍ତ୍ରକୁ ପ୍ରୟୋଗ କରିପାରିବ । ଏଠାରେ ଯିଏ ଡିଜେଲ୍ ପକାଇଥିବ ସେ ହିଁ ଡ୍ରାଇଭର ହୋଇପାରିବ କହିବା ନିୟମ ଭଳି ନହୋଇ, ଯିଏ ମନ୍ତ୍ର ସିଦ୍ଧି କରିଥିବ କେବଳ ସେ ହିଁ ମନ୍ତ୍ରର ପ୍ରୟୋଗ କରିପାରିବ । ବସ୍, ଇନ୍ଧନ, ଡ୍ରାଇଭର ସବୁ ଠିକ୍ ଥିବାବେଳେ ଫଳ ସ୍ୱରୂପ ବସ୍ ଯାତ୍ରାକରି ପାରିବ । ସେହିଭଳି ତିଆରି ହୋଇଥିବା ମନ୍ତ୍ର କେଉଁ କାର୍ଯ୍ୟପାଇଁ ତିଆରିହୋଇଛି ଜାଣି, ମନ୍ତ୍ରର ସିଦ୍ଧି ହାସଲ କରି, ପ୍ରୟୋଗ କରି ପାରୁଥିବା ମାନ୍ତ୍ରିକ ଥିବାବେଳେ ମନ୍ତ୍ରଫଳ ପାଇପାରିବା । ମାନ୍ତ୍ରିକ ଥାଇ ଯଦି ମନ୍ତ୍ର ସିଦ୍ଧି ହୋଇ ନାହିଁ କିମ୍ବା ମନ୍ତ୍ର ଥାଇ ଯଦି ମାନ୍ତ୍ରିକ ନାହିଁ ତେବେ କିଛି ଫଳ ପାଇପାରିବା ନାହିଁ ।

ଏବେ କେତେକଙ୍କୁ ମନ୍ତ୍ରସିଦ୍ଧି କହିଲେ କଅଣ ? ନାମକ ପ୍ରଶ୍ନ ପଚାରିବା ସୁଯୋଗ ରହିଛି । ତାର ସମାଧାନ ହେଉଛି ! ପ୍ରଥମେ ଯିଏ ମନ୍ତ୍ରକୁ ତିଆରି କରିଥିବ ସେ ସେହି ମନ୍ତ୍ରରେ କେଉଁ କାର୍ଯ୍ୟ କରାଇବ ତାହା ନିଶ୍ଚୟ ଦୃଷ୍ଟିରେ ରଖି ମନ୍ତ୍ର ତିଆରି କରିଥିବ । ଯିଏ ଏକ ଯନ୍ତ୍ରକୁ ପ୍ରଥମେ ତିଆରି କରିଛି ସେ ଯନ୍ତ୍ରର ସୃଷ୍ଟିକର୍ତ୍ତା । ତାପରେ ସେହି ଯନ୍ତ୍ରକୁ ଅନ୍ୟମାନେ

ତିଆରି କଲେ ମଧ୍ୟ ପ୍ରଥମେ ତିଆରି କରିଥିବା ବ୍ୟକ୍ତି ତିଆରି କରିଥିବା ନିୟମ ଅନୁସାରେ ହିଁ ତିଆରି କରିବ । ତେଣୁ ଯନ୍ତ୍ରକୁ ପ୍ରଥମେ ଯିଏ ତିଆରି କରିଛି ସେ ଯନ୍ତ୍ରର ସୃଷ୍ଟିକର୍ତ୍ତା ହେବାବେଳେ, ତାପରେ ସୃଷ୍ଟିକର୍ତ୍ତାକୁ ଅନୁସରଣ କରି ଯିଏ ତିଆରି କରିବ ସେ କାର୍ଯ୍ୟକର୍ତ୍ତା ହେବ । ସେହିଭଳି ଏକ କାର୍ଯ୍ୟ ପାଇଁ କେତେକ ଶବ୍ଦକୁ ଯୋଡି ଏକ ମନ୍ତ୍ର ତିଆରି କରିଥିବା ବ୍ୟକ୍ତି ମନ୍ତ୍ରର ସୃଷ୍ଟିକର୍ତ୍ତା ହେବାବେଳେ, ସେହି ମନ୍ତ୍ରକୁ ଅନ୍ୟ କେହି ଯଦି ସିଦ୍ଧ କରିପାରେ ତାକୁ ମାନ୍ତ୍ରିକ କୁହାଯାଏ । ପ୍ରଥମେ ଏକ ଯନ୍ତ୍ରକୁ ଯିଏ ସୃଷ୍ଟି କରିଛି ବା ଉଦ୍ଭାବନ କରିଛି ସେହି ମନ୍ତ୍ର ସମ୍ବନ୍ଧୀୟ ସଂପୂର୍ଣ୍ଣ ବିବରଣୀକୁ ଏକ ସମାଚାର (ମ୍ୟାନୁଆଲ୍) ଭାବରେ ସେ ତିଆରି କରିଦେଇଥାଏ । ତାପରେ କେତେ ଯାନ୍ତ୍ରିକ ଆସିଲେ ମଧ୍ୟ ସେହି ମ୍ୟାନୁଆଲକୁ ଅନୁସରଣ କରି ଯନ୍ତ୍ରଟି ଚଲାଇଥାନ୍ତି । ସେହିଭଳି ପ୍ରଥମେ ମନ୍ତ୍ର ତିଆରି ହେବା ପରେ କୌଣସି ମାନ୍ତ୍ରିକ ପ୍ରଥମେ ମନ୍ତ୍ର ତିଆରି ହୋଇଥିବା ନିୟମ ଅନୁସାରେ ମନ୍ତ୍ରଟିକୁ ସିଦ୍ଧି କରିବାକୁ ପଡିଥାଏ, ବ୍ୟବହାର କରିବାକୁ ପଡିଥାଏ । ପ୍ରଥମେ ମନ୍ତ୍ର ତିଆରି କରିଥିବା ବ୍ୟକ୍ତି ମନ୍ତ୍ରରେ ବ୍ୟବହାର କରିଥିବା ଶବ୍ଦର ସଂଖ୍ୟା ଅନୁସାରେ, ତାପରେ ମନ୍ତ୍ର ଯେଉଁ କାର୍ଯ୍ୟପାଇଁ ତିଆରି ହୋଇଛି ସେହି କାର୍ଯ୍ୟର ସାନ୍ଦ୍ରତା ଅନୁସାରେ, ମନ୍ତ୍ରପାଇଁ ଦରକାରୀ ଶକ୍ତି ଅନୁସାରେ, ମନ୍ତ୍ରକୁ କେତେଥର ଏକକାଳୀନ ଜପ କରିବାକୁ ପଡିବ ତାର ହିସାବ କରି, ସେହି ମନ୍ତ୍ରକୁ ବ୍ୟବହାର କରୁଥିବା ମାନ୍ତ୍ରିକମାନେ କେଉଁ ସବୁ ନିୟମ ଆଚରଣ କରିବେ କହିଥାନ୍ତି । ଉଦାହରଣ ସ୍ୱରୂପ ଏକ ମନ୍ତ୍ର ସିଦ୍ଧି କରିବାପାଇଁ ଅମାବାସ୍ୟା ଯିବା ପରେ ଆସୁଥିବା ବୁଧବାର ଦିନ, ସବୁଜ ବସ୍ତ୍ର ପିନ୍ଧି, ଉତ୍ତରଦିଗକୁ ମୁଖ କରି, ପୂଜାଦ୍ରବ୍ୟ ହୋଇଥିବା ନଡିଆ, ହଳଦି, କୁଙ୍କୁମରେ କଳସକୁ ଅଳଙ୍କୃତ କରି, କଳସରେ ପାନପତ୍ର ନରଖି ପଳାଶପତ୍ର ରଖି, ମନ୍ତ୍ରକୁ ଏକକାଳୀନ ଦଶହଜାର ଥର ଜପକଲେ ସେ ମନ୍ତ୍ର ସିଦ୍ଧିଲାଭ କରେ । ତାପରେ ସେ ମନ୍ତ୍ର ଯେଉଁ କାର୍ଯ୍ୟ ପାଇଁ ତିଆରି ହୋଇଥିବ ସେହି କାର୍ଯ୍ୟର

ଆବଶ୍ୟକ ପଡିବା ବେଳେ କେବଳ ୧୧ଥର ସେହି ମନ୍ତ୍ରକୁ ଜପକରି ପ୍ରୟୋଗ କରିବା ଦ୍ୱାରା କାର୍ଯ୍ୟଟି ହୋଇଯିବ । ଏହି ନିୟମ ଅନୁସାରେ ମନ୍ତ୍ର ସିଦ୍ଧ ହେବ, କାର୍ଯ୍ୟ କରିବ । ଯେ କେହିବି ହେଉ ଏହି ନିୟମ ଅନୁସାରେ ଯଦି କୁହାଯାଇଥିବା କାର୍ଯ୍ୟ କରିଥିବ ତେବେ ମନ୍ତ୍ରଟି ସେ ବ୍ୟକ୍ତିର ବଶୀଭୂତ ହୋଇଯିବ । ଏହାକୁ ହିଁ ମନ୍ତ୍ର ସିଦ୍ଧି କରିବା କୁହାଯାଏ । ସିଦ୍ଧିପ୍ରାପ୍ତ ହେବା ପରେ ସେହି ମନ୍ତ୍ର ପାଇଁ ମଧ୍ୟ କିଛି ନିୟମ ରହିଥାଏ । ଅମାବାସ୍ୟା ଦିନ ଦର୍ପଣ ଦେଖିବା ଉଚିତ୍ ନୁହେଁ । ଖାଇବା ବେଳେ ଯଦି କେହି ଏହାର ସ୍ୱାଦ କିପରି ଅଛି ବୋଲି ପଚାରିଦେବେ ସେତେବେଳେ ଏହି ସ୍ୱାଦ (ରୁଚି) ନାଆଁ କାନରେ ପଡୁ ପଡୁ ଯେତିକି ଖାଇଥିବେ ସେତିକି ଖାଇ ଉଠିଯିବାକୁ ପଡିବ । ଏହି ନିୟମକୁ ନମାନିଲେ ତା ପାଖରେ ବଶୀଭୂତ ହୋଇଥିବା ମନ୍ତ୍ର ଆଉ ରହିବ ନାହିଁ । ଅମାବାସ୍ୟା ଦିନ ଯଦି ଭୁଲରେ ଦର୍ପଣରେ ନିଜକୁ ଦେଖିବେ ତେବେ ସେ ମନ୍ତ୍ର ଆଉ ପାଖରେ ନରହି ଚାଲିଯିବ । ଏହିଭଳି ବିଭିନ୍ନ ପ୍ରକାରର ନିୟମ ବିଭିନ୍ନ ପ୍ରକାରର ମନ୍ତ୍ର ପାଇଁ ରହିଥାଏ । ମନ୍ତ୍ର ଥରେ ସିଦ୍ଧିଲାଭ କରିବା ପରେ ମନ୍ତ୍ରର ଅନୁକୂଳ ନିୟମ ନିର୍ଦ୍ଦେଶରେ ରହିଲେ, ମାନ୍ତ୍ରିକ ପାଖରେ ସେ ମନ୍ତ୍ରଟି କେତେକାଳ ମଧ୍ୟ ରହିପାରେ । ଯେତେବେଳେ ନିୟମରୁ ବାହାର ହୋଇଯାଏ ସେତେବେଳେ ମନ୍ତ୍ରର ବଳ ଆଉ ରହେ ନାହିଁ । ଚାଲିଯାଇଥିବା ମନ୍ତ୍ରକୁ ଫେରିପାଇବାକୁ ହେଲେ ସେହି ମନ୍ତ୍ରକୁ ପଦ୍ଧତି ଅନୁସାରେ ଆଉଥରେ ସିଦ୍ଧ କରିବାକୁ ପଡିଥାଏ ।

ଥରେ ପୂଜାରେ ବସିଲେ ଆଉ ନଉଠି, ମନ୍ତ୍ରଜପ ବନ୍ଦ ନକରି, ଯେତିକି ସଂଖ୍ୟକ ଜପିବା ଉଚିତ୍ ସେତିକି ଜପକରିବା ପରେ ମନ୍ତ୍ର ସିଦ୍ଧି ହୋଇଥାଏ, ସିଦ୍ଧ ହୋଇଥିବା ମନ୍ତ୍ରବଳ ସାଧକ ଦେହରେ ମିଶିଯାଏ । ଏଭଳି ଦେହରେ ମିଶିଯାଇଥିବା ମନ୍ତ୍ରବଳ ସେହି ମନ୍ତ୍ର କେତେଥର ପଢିବା ପରେ (କହିବା ପରେ) ମାନ୍ତ୍ରିକର ସଂକଳ୍ପ ଅନୁସାରେ କାର୍ଯ୍ୟ କରିଥାଏ । କେତେକ ମାନ୍ତ୍ରିକମାନେ ଥରେ ମନ୍ତ୍ରସିଦ୍ଧି ପ୍ରାପ୍ତ ହୋଇ କେଇମାସ ପରେ

ସିଦ୍ଧି ହରାଇ ଦେଇଥାନ୍ତି, ପୁନର୍ବାର ଚେଷ୍ଟାକରି ମନ୍ତ୍ର ସିଦ୍ଧି କରିଥାନ୍ତି । ପୂର୍ବେ ମନ୍ତ୍ରର ବିଧିବିଧାନ ଜାଣିଥିବା ଲୋକେ ମଣିଷପାଇଁ ମନ୍ତ୍ର ସୃଷ୍ଟି କରିଥିଲେ । ମନ୍ତ୍ରକର୍ତ୍ତା ମନ୍ତ୍ର ସିଦ୍ଧି କରେ ନାହିଁ, ସେହି ମନ୍ତ୍ର ବ୍ୟବହାର କରିବାକୁ ଇଚ୍ଛା କରନ୍ତି ନାହିଁ । ମନ୍ତ୍ର ତିଆରି କରିଥିବା ବ୍ୟକ୍ତିମାନେ ମନ୍ତ୍ର ଶକ୍ତିକୁ ପାଇବାକୁ ଇଚ୍ଛା ନକରି, ଆତ୍ମାବଳ ପାଇବା ପାଇଁ ରହିଥିବା ନିୟମକୁ ଶିଖି ତାନ୍ତ୍ରିକ ହେବାକୁ ଇଚ୍ଛା କରିଥାନ୍ତି । ଆତ୍ମାଜ୍ଞାନ ଜାଣିଥିବା ମାତ୍ର କିଛି ଲୋକେ ମନ୍ତ୍ର ତିଆରି କରି, ତାର ନିୟମ ନିର୍ଦ୍ଦେଶକୁ ତିଆରି କରିଥାନ୍ତି । ଆତ୍ମାବଳ (ଦୈବଶକ୍ତି) ନଥିବା କୌଣସି ବ୍ୟକ୍ତି ମନ୍ତ୍ର ତିଆରି କରିପାରେ ନାହିଁ ।

ମନ୍ତ୍ର କହିଲେ କଅଣ, ତାହା କିପରି ରହିବା ଉଚିତ୍, ତାର କେତେ ଶକ୍ତି ଥାଏ ତାହାସବୁ କେବଳ ଦୈବବଳ ଥିବା ଲୋକମାନେ ଜାଣିଥାନ୍ତି । ଦୈବବଳ ବା ଦୈବଶକ୍ତି (ଆତ୍ମାଶକ୍ତି) ଥିବା ବ୍ୟକ୍ତି ହିଁ ମନ୍ତ୍ର ତିଆରି କରି ପାରିଥାଏ, କିନ୍ତୁ ଜଣେ ମାନ୍ତ୍ରିକ କୌଣସି ମନ୍ତ୍ର ତିଆରି କରିପାରେ ନାହିଁ ତିଆରି ହୋଇଥିବା ମନ୍ତ୍ରରୁ କେବଳ ଲାଭ ଉଠାଇଥାଏ । ମନ୍ତ୍ରକୁ ଶାସନ କରିପାରେ ଆତ୍ମଜ୍ଞାନ । କେବଳ ଆତ୍ମଜ୍ଞାନୀମାନେ ମନ୍ତ୍ରକୁ ଶାସନ କରି ତିଆରି କରିପାରନ୍ତି । ଆତ୍ମଜ୍ଞାନୀ ମାନଙ୍କ ଦ୍ୱାରା ତିଆରି ହୋଇଥିବା ମନ୍ତ୍ର ଆତ୍ମଜ୍ଞାନୀ ମାନଙ୍କ ଅଧିନରେ ଥାଏ ବୋଲି ବାହ୍ୟତଃ ଅନ୍ୟମାନେ ଜାଣିବା ପାଇଁ ଆତ୍ମଜ୍ଞାନୀମାନେ ମନ୍ତ୍ର ତିଆରି କରିଥିଲେ । ମନ୍ତ୍ରଶକ୍ତି ଆତ୍ମାଶକ୍ତି ଦ୍ୱାରା ତିଆରି ହୋଇଥାଏ । ତେଣୁ ମନ୍ତ୍ରଶକ୍ତି ମଧ୍ୟ ଆତ୍ମଶକ୍ତି ଥିବା କୌଣସି ବ୍ୟକ୍ତିର କିଛି କରିପାରିବ ନାହିଁ । ଆତ୍ମଶକ୍ତି ଥିବା ଆତ୍ମଜ୍ଞାନୀ ମାନଙ୍କୁ ଦେଖିଲେ ମନ୍ତ୍ର ଭୟ କରିଥାଏ । ସେଥିଲାଗି କୌଣସି ମନ୍ତ୍ର ପ୍ରୟୋଗ କଲେ ମଧ୍ୟ ତାର ପ୍ରଭାବ ଆତ୍ମଜ୍ଞାନୀ ଉପରେ ପଡିନଥାଏ ।

ମନ୍ତ୍ରଶକ୍ତି ଆଉ ଯନ୍ତ୍ରଶକ୍ତି ଭିତରେ ଅନେକ ପାର୍ଥକ୍ୟ ରହିଥାଏ । ଯନ୍ତ୍ରଶକ୍ତି ଜୀବହୀନ, ମନ୍ତ୍ରଶକ୍ତି ଜୀବନ୍ତ । ମନ୍ତ୍ର ଶକ୍ତିର ଜୀବ ଥାଏ କହିଲେ

ଆଶ୍ଚର୍ଯ୍ୟ ହେଉଥିବେ, କିନ୍ତୁ ଏହା ସଂପୂର୍ଣ୍ଣ ସତ୍ୟ । ପଥରରେ ତିଆରି ହୋଇଥିବା ପ୍ରତିମାର ମଧ୍ୟ ଜୀବ ଅଛି । ସେହିଭଳି ମନ୍ତ୍ର ସିଦ୍ଧି ହେବାବେଳେ ଜୀବନ୍ତ ହୋଇଥାଏ । ପଥରମୂର୍ତ୍ତି ପ୍ରତିଷ୍ଠା ହେବାବେଳେ ସେଥିରେ ଜୀବ ପ୍ରବେଶ କରିବା ଭଳି, ତିଆରି ହୋଇଥିବା ମନ୍ତ୍ର ସିଦ୍ଧିଲାଭ କଲାବେଳେ ଜୀବନ୍ତ ହୋଇଥାଏ ବା ସେତେବେଳେ ମନ୍ତ୍ର ଶକ୍ତିବନ୍ତ ହୋଇଥାଏ । ଏକ ମନ୍ତ୍ରରେ କେତେ ବଳ ଥିବା ଜୀବ ପ୍ରବେଶ କରିବ, ସେହି ମନ୍ତ୍ରରେ ଥିବା ଶବ୍ଦ ଅନୁସାରେ ଏବଂ ମନ୍ତ୍ର ଉଚ୍ଚରିତ ହେଉଥିବା ସଂଖ୍ୟା ଅନୁସାରେ ନିର୍ଣ୍ଣୀତ ହୁଏ । ଏକ ମନ୍ତ୍ର ସିଦ୍ଧିଲାଭ କରିବା ଦିନ ସେଥିରେ ଜୀବ ପ୍ରବେଶ କରିଥାଏ ବୋଲି କହିଥିଲୁ । ସେହି ମନ୍ତ୍ର କେହି ବି ସିଦ୍ଧ କରୁ, ସେତେବେଳେ ସେହି ମନ୍ତ୍ର ସାଧକ ଅନୁସାରେ ଅଲଗା ଅଲଗା ଜୀବ ପ୍ରବେଶ କରି ଅଲଗା ଅଲଗା ଶକ୍ତି ହୋଇ ସେମାନଙ୍କଠାରେ ରହିଯାଏ । ଏକ ମନ୍ତ୍ରକୁ ଜଣେ ମାନ୍ତ୍ରିକ ସିଦ୍ଧ କରିବାବେଳେ ତାଠାରେ ଯେଉଁ ଶକ୍ତି ପ୍ରବେଶ କରେ, ସେହି ଶକ୍ତି ସେହି ନିୟମ ଅନୁସାରେ ଅନ୍ୟ କେହି ସିଦ୍ଧ କଲେ ମଧ୍ୟ ତାଠାରେ ପ୍ରବେଶ କରିଥାଏ । ସେହି ମନ୍ତ୍ର ସିଦ୍ଧ କରିଥିବା ସମସ୍ତଙ୍କ ପାଖରେ ସମାନ ଭାବରେ କାର୍ଯ୍ୟ କରେ । ଉଦାହରଣ ସ୍ୱରୂପ ସାପବିଷ ହରଣ କରିବା ପାଇଁ ଏକ ମନ୍ତ୍ରକୁ ସିଦ୍ଧ କରି ଜଣେ ଅନ୍ୟମାନଙ୍କର ସାପ ବିଷ ହରଣ କରୁଛି ବୋଲି ଭାବନ୍ତୁ । ସେହି ବ୍ୟକ୍ତି ହାସଲ କରିଥିବା ମନ୍ତ୍ର ବାବଦରେ ଅନ୍ୟ ଦଶଜଣକୁ ମନ୍ତ୍ରର ନିୟମ ନିର୍ଦ୍ଦେଶ ବାବଦରେ ଯଦି କହିଲା ଏବଂ ସେମାନେ ମଧ୍ୟ ସେହି ନିୟମ ଅନୁସାରେ ମନ୍ତ୍ରକୁ ସିଦ୍ଧକରି ସାପବିଷକୁ ହରଣ କରିବା ପାଇଁ ମନ୍ତ୍ରକୁ ବ୍ୟବହାର କରିପାରିବେ, ମନ୍ତ୍ର ମଧ୍ୟ ପ୍ରଥମ ମାନ୍ତ୍ରିକ ପାଖରେ କାମ କରୁଥିବା ଭଳି ଅନ୍ୟ ଦଶଜଣଙ୍କ ପାଖରେ ସମାନ ଭାବରେ କାର୍ଯ୍ୟ କରିବ । ତେଣୁ କୌଣସି ଏକ ମନ୍ତ୍ରକୁ କେତେଜଣ ମଧ୍ୟ ସାଧ କରି ପାରିବେ । ସେହି ଗୋଟିଏ ମନ୍ତ୍ର ସିଦ୍ଧ କରିଥିବା ସମସ୍ତଙ୍କ ପାଖରେ ସମାନ ଭାବରେ ସଜୀବ ହୋଇ କାମ କରିବ ।

ଖଗୋଳରେ କୋଟି କୋଟି ଜୀବରାଶି ଗ୍ରହ ରୂପରେ, ଉପଗ୍ରହ ରୂପରେ, ଭୂତ ରୂପରେ, ଉପଭୂତ ରୂପରେ ଥାଆନ୍ତି । ସେମାନଙ୍କ ଭିତରୁ କେତେକଙ୍କର ସ୍ଥୁଳ ରୂପ ଥିବାବେଳେ, ଆଉ କେତେକଙ୍କର ସୂକ୍ଷ୍ମ ରୂପ ରହିଥାଏ । ସୂକ୍ଷ୍ମ ଭାବରେ ଥିବା ବଡ ଗ୍ରହ ହେଉ, ଉପଗ୍ରହ ହେଉ ସେମାନେ ଭୂପୃଷ୍ଠରେ ତିଆରି ହୋଇଥିବା ମନ୍ତ୍ରବଳ ସହିତ ସମାନ ବଳବିଶିଷ୍ଟ ହୋଇ ରହିଥାନ୍ତି । ଏକ ମନ୍ତ୍ର ତିଆରି ହୋଇ ଜଣେ ବ୍ୟକ୍ତି ଦ୍ୱାରା ସିଦ୍ଧିଲାଭ କଲା ପରେ ସେହି ମନ୍ତ୍ରର ସମାନ ଶକ୍ତି ଥିବା ଗ୍ରହ କିମ୍ବା ଉପଗ୍ରହ ଆସି ସେହି ମନ୍ତ୍ର ଉଚ୍ଚାରଣ ହେଉଥିବା ସ୍ଥଳକୁ ଆକ୍ରମଣ କରିଥାନ୍ତି । ସେତିକିବେଳେ ମନ୍ତ୍ର ଉଚ୍ଚାରଣ କରୁଥିବା ବ୍ୟକ୍ତିଠାରେ ବା ମାନ୍ତ୍ରିକଠାରେ ମଧ୍ୟ ପ୍ରବେଶ କରିଥାନ୍ତି । ଏହିଭଳି ଏକ ମନ୍ତ୍ରର ସମାନ ଶକ୍ତି ବିଶିଷ୍ଟ ଗ୍ରହଶକ୍ତି କିମ୍ବା ଉପଗ୍ରହ ଶକ୍ତି ମନ୍ତ୍ରଶକ୍ତି ଭାବରେ ମାନ୍ତ୍ରିକ ଶରୀରରେ ରହିଯାନ୍ତି । ଅନେକ ପ୍ରକାରର ମନ୍ତ୍ରପାଇଁ ମନ୍ତ୍ରସିଦ୍ଧି ହେବା ସମୟରେ ଜୀବଥିବା ଗ୍ରହମାନେ ମିଳିତ ହୋଇ ସେହି ମନ୍ତ୍ରଶକ୍ତି ଭାବରେ ରହିଯାନ୍ତି । ଏଭଳି ଆସିଥିବା ସୂକ୍ଷ୍ମଶକ୍ତି ମଣିଷର ବଳ ଅପେକ୍ଷା ଅନେକ ଗୁଣରେ ବଳଶାଳୀ ହେଲେ ମଧ୍ୟ, ମନ୍ତ୍ରକୁ ସିଦ୍ଧି କରିଥିବା ମାନ୍ତ୍ରିକର ଅଧିନରେ ରହି, ସମୟ ଆସିବା ବେଳେ ଅର୍ଥାତ୍ ମାନ୍ତ୍ରିକ ମନ୍ତ୍ରକୁ ପଢି ସଂକଳ୍ପ କରିବା ବେଳେ, ସଂକଳ୍ପ ଅନୁସାରେ କାର୍ଯ୍ୟ କରିଥାନ୍ତି ।

ପ୍ରତ୍ୟେକ ମନ୍ତ୍ର ସିଦ୍ଧ ହେବାପାଇଁ କିଛି ନିୟମ ଥିବାବେଳେ, ମନ୍ତ୍ର ସିଦ୍ଧି ହୋଇଯିବା ପରେ ମଧ୍ୟ କିଛି ନିୟମ ରହିଥାଏ । ସିଦ୍ଧି ପାଇଁ ନିୟମ ଅନୁସାରେ ଆଚରଣ କରି, ମନ୍ତ୍ର ସିଦ୍ଧ ହେବା ପରେ ବଶୀଭୂତ ହୋଇଥିବା ଗ୍ରହ ମାନ୍ତ୍ରିକର ଅଧିନରେ ରହି କାର୍ଯ୍ୟ କରିବାପାଇଁ ମଧ୍ୟ କେତୋଟି ନିୟମ ରହିଥାଏ । ତେଣୁ ପ୍ରତ୍ୟେକ ମନ୍ତ୍ର ସିଦ୍ଧିଲାଭ ପୂର୍ବରୁ, ସିଦ୍ଧିଲାଭ ପରେ କେତୋଟି ନିୟମବଦ୍ଧ ହୋଇ ରହିଥାଏ । ପ୍ରଥମେ ନିୟମ ଅନୁସାରେ

ଆଚରଣ ନକଲେ ମନ୍ତ୍ର ସିଦ୍ଧ ହୋଇନଥାଏ କି ଶକ୍ତି ପାଇ ନଥାଏ । ଯଦି ପ୍ରଥମେ ଉଚିତ୍ ନିୟମରେ ମନ୍ତ୍ରସିଦ୍ଧ ହୋଇଛି, ଦ୍ୱିତୀୟ ନିୟମରେ କିଛି ଭୁଲ୍ ହେଲା ତେବେ ବଶୀଭୂତ ହୋଇଥିବା ଗ୍ରହ ମାନ୍ତ୍ରିକକୁ ଛାଡି ଚାଲିଯାଏ । ତେଣୁ ନିୟମ ଅନୁସାରେ ନରହିଲେ ମନ୍ତ୍ର ସାଧକ ପାଖରେ କାର୍ଯ୍ୟ କରିନଥାଏ, ରହିଲେ ସେହି ମନ୍ତ୍ର ସେହିଭଳି ଶକ୍ତିଯୁକ୍ତ ହୋଇ ରହିଥାଏ । କେତେକ ବଶୀଭୂତ ହୋଇଥିବା ଗ୍ରହମାନେ ଅତି କଠୋର ରହିଥାନ୍ତି, କେତେକ ସରଳ ଥାଆନ୍ତି । ତେଣୁ ମନ୍ତ୍ରକୁ ମଧ୍ୟ ଦୁଇ ଭାଗରେ ବିଭକ୍ତ କରି କ୍ଷୁଦ୍ରମନ୍ତ୍ର, ସୌମ୍ୟମନ୍ତ୍ର ନାମରେ ମନ୍ତ୍ରକୁ ଦୁଇ ପ୍ରକାରର କୁହାଯାଏ । କଠୋର ଗ୍ରହମାନେ ମାନ୍ତ୍ରିକ ପାଖରେ ବଶୀଭୂତ ହୋଇଥିଲେ ମଧ୍ୟ, ସେମାନେ ତାପାଖରୁ ପଳାଇଯିବା ପାଇଁ ଇଚ୍ଛାକରି ରହିଥାନ୍ତି । ଯଦି ମାନ୍ତ୍ରିକ ତାର ନିୟମ ନିର୍ଦ୍ଦେଶରେ କିଛି ଭୁଲଭଟକା କଲା ସେତେବେଳେ ସେହି ବାହାନାରେ ପଳାଇ ଯାଇଥାନ୍ତି, କିନ୍ତୁ ସେମାନେ ମାନ୍ତ୍ରିକକୁ ଛାଡି ଚାଲିଯିବା ବେଳେ, ସେହି ମାନ୍ତ୍ରିକ ଯେପରି ତାକୁ ଆଉଥରେ ବଶୀଭୂତ କରି ନପାରିବ ସେହି ଭାବନାରେ ମାନ୍ତ୍ରିକର ଶରୀରକୁ ଅଙ୍ଗବୈକଲ୍ୟ କରିଦେଇଥାନ୍ତି, କିମ୍ବା ସଂପୂର୍ଣ୍ଣ ଜୀବନରେ ମାରିଦେଇଥାନ୍ତି । ଏହିଭଳି ଅନେକ ମାନ୍ତ୍ରିକ ସେମାନଙ୍କର ଅଙ୍ଗ ହରାଇଛନ୍ତି । କେହି କେହି ଅନ୍ଧ ହୋଇଛନ୍ତି, କେହି କେହି ହାତଗୋଡ ହରାଇଛନ୍ତି, କେତେକଙ୍କର ଜୀବନ ମଧ୍ୟ ଚାଲିଯାଇଛି ।

କେତେକ ମନ୍ତ୍ରସିଦ୍ଧ କରୁଥିବା ସମୟରେ ଆଚରଣ କରିବାକୁ ଥିବା ନିୟମରେ ଭୁଲଭଟକା କରିଥାନ୍ତି, ସେତେବେଳେ ସେମାନଙ୍କ ଜୀବନ ଚାଲିଯିବାର ଆଶଂକା ଥାଏ । ନିୟମରେ ତ୍ରୁଟି ହେଉ, ମଦ୍ୟପାନ କରି ହେଉ ଏଭଳି ନିୟମ ଭଙ୍ଗକରି ସାଧନା କରନ୍ତି । ଏଭଳି କେତେକ ଗ୍ରହ ପ୍ରବଳ କ୍ରୋଧିତ ହୋଇ ସାଧକକୁ ଜୀବନରେ ମାରିଦେଇଥିବା ଘଟଣା ମଧ୍ୟ ରହିଛି । କ୍ଷୁଦ୍ର ମନ୍ତ୍ରର ସାଧନା କରିବାରେ ଯେଉଁ ଭୁଲ୍ କରିଥାନ୍ତି ତଦ୍ୱାରା କେତେକ

ଗ୍ରହମାନେ ଯେଉଁ ପ୍ରଭାବ ପକାଇଥାନ୍ତି ସେଥିରେ କେତେକ ମାନ୍ତ୍ରିକମାନେ ରକ୍ତବାନ୍ତି କରି ମରିଯାଇଛନ୍ତି । ଆଉ କିଛି ମାନ୍ତ୍ରିକମାନେ ନମରି କୋମା (ଅପସ୍ମାରକ ସ୍ଥିତିରେ)ରେ ରହି, କିଛିଦିନ ପରେ ମରିଯାଇଛନ୍ତି । ଏସବୁ ଜାଣିବା ପରେ ମନ୍ତ୍ର, ମନ୍ତ୍ରଶକ୍ତି କହିଲେ କଅଣ ନଜାଣି ମନ୍ତ୍ର ବିଷୟରେ ଅବହେଳିତ କଥାବାର୍ତ୍ତା କରିବା ଠିକ୍ ନୁହେଁ ବୋଲି ଲାଗୁଛି । କେତେକ ପାଠପଢୁଆ ଲୋକେ କିଛି ବିଜ୍ଞାନଶାସ୍ତ୍ର ଜାଣି, ମନ୍ତ୍ର, ମନ୍ତ୍ରମହିମାର ପ୍ରମାଣ ଦେଇପାରିବେ ? ବୋଲି କହିଥାନ୍ତି । ହେଲେ ବିଜ୍ଞାନର କୌଣସି ଗବେଷଣାରେ ମଧ୍ୟ ନିରୂପଣ ହୋଇପାରୁ ନଥିବା ଅନେକ ବିଷୟ ଭୂପୃଷ୍ଠରେ ରହିଛି ବୋଲି ସେମାନଙ୍କୁ ଜଣାନାହିଁ ।

ପୂର୍ବକାଳରେ ଅର୍ଥାତ୍ କଳିଯୁଗର ପୂର୍ବରୁ ଥିବା ଦ୍ୱାପରଯୁଗ ଶେଷ ସମୟ ପର୍ଯ୍ୟନ୍ତ ଏହିଭଳି ମନ୍ତ୍ରର ବହୁଳ ବ୍ୟବହାର ହେଉଥିଲା । ସେକାଳରେ ମଣିଷ ଶିଖୁଥିବା ବିଦ୍ୟା ଭିତରେ ମନ୍ତ୍ରବିଦ୍ୟା ମୁଖ୍ୟ ସ୍ଥାନରେ ଥିଲା । ତେଣୁ ସେତେବେଳେ ମନ୍ତ୍ର କହିଲେ କଅଣ, ମନ୍ତ୍ରଶକ୍ତି କଅଣ ଜାଣିନଥିବା ଲୋକେ କେହି ନଥିଲେ । ସେ କାଳରେ ଯନ୍ତ୍ରବଳ ନଥିଲା, ଯାହା ହେଉଥିଲା ତାହାସବୁ ମନ୍ତ୍ରବଳରେ ହେଉଥିଲା । ଆଜି ଖୁବ୍ ବେଗରେ ଯାଇପାରୁଥିବା ବ୍ୟୋମଯାନ ଯନ୍ତ୍ର ଥିବାବେଳେ, ତ୍ରେତାଯୁଗରେ ରାବଣବ୍ରହ୍ମଙ୍କର ଯାନ ହୋଇଥିବା ପୁଷ୍ପକ ବିମାନ ମନ୍ତ୍ରବଳରେ ଆଜିର ବ୍ୟୋମଯାନ ଅପେକ୍ଷା ଖୁବ୍ ବେଗରେ ଯାଇପାରୁଥିଲା ବୋଲି କେହି ଜାଣନ୍ତି ନାହିଁ । କାଳ ଗମନରେ ସେକାଳର ମନ୍ତ୍ରବଳ ଲୋପପାଇ ଆଜି ଯନ୍ତ୍ରବଳ ଅଧିକ ହୋଇଯାଇଥିବାରୁ, ଆଜି ଯନ୍ତ୍ରବଳ ଅଛି ମନ୍ତ୍ରବଳ ନାହିଁ ବୋଲି ସମସ୍ତେ କହୁଛନ୍ତି । ମନ୍ତ୍ରବଳ କଣ କେହି ଜାଣିନଥିବାରୁ ତା ଉପରେ କାହାର ବିଶ୍ୱାସ ନାହିଁ । ଗତ କାଳରେ ମନ୍ତ୍ର ଦ୍ୱାରା ହେଉଥିବା କାର୍ଯ୍ୟର ବିବରଣୀ ଜାଣିନଥିବା ମଣିଷ ତାକୁ ଯାହା ଜଣାଅଛି ତାହା ବିଜ୍ଞାନ ଭାବିବା ଭୁଲ୍ ।

ଆଜି ଯନ୍ତ୍ରଶକ୍ତିକୁ ଅଶ୍ୱଶକ୍ତି (ହର୍ସପାୱାର୍) ଭାବେ ହିସାବ କରୁଛେ, ସେଦିନ ମନ୍ତ୍ରଶକ୍ତିକୁ ଅସ୍ତ୍ରଶକ୍ତି ଭାବରେ ହିସାବ କରୁଥିଲେ । ସ୍ଥୂଳତଃ ଦେଖା ଯାଉଥିବା ଯନ୍ତ୍ରଶକ୍ତିକୁ ଅଶ୍ୱଶକ୍ତି ଭାବରେ କହୁଥିବା ଆମେ, ସୂକ୍ଷ୍ମ ଭାବରେ ଥିବା ମନ୍ତ୍ରଶକ୍ତିକୁ ଅସ୍ତ୍ରଶକ୍ତି ଭାବରେ ଆମ ପୂର୍ବପୁରୁଷମାନେ କହୁଥିଲେ ବୋଲି ନଜାଣିବା ବ୍ୟତୀତ, ସେମାନଙ୍କଠାରୁ ଆମେମାନେ ଅଧିକ ଚାଲାକ୍ ଭାବିବା କଣ ଭୁଲ୍ ନୁହେଁ ! ସୂକ୍ଷ୍ମ ଭାବକୁ ବୁଦ୍ଧି ବିଚାର କରେ, ସ୍ଥୂଳ ଭାବକୁ ବୁଦ୍ଧି ଆଲୋଚନା କରେ । ଆଲୋଚନା ଆଉ ବିଚାର ଭିତରେ ଏତେ ଭିନ୍ନତା ଅଛି ବୋଲି ମଧ୍ୟ ଆମକୁ ଜଣା ନାହିଁ । ଏ ବାବଦରେ ପୂର୍ବରୁ ବିବରଣୀ ଜାଣିଛେ । ଆଜିର ଲୋକମାନେ କେବଳ ବୁଦ୍ଧିର ଆଲୋଚନାରେ ପରିମିତ ରହିଥାନ୍ତି । ସମସ୍ତେ ଆଶ୍ଚର୍ଯ୍ୟ ହେବା ଭଳି କହିଲେ ଆଲୋଚନା ଶରୀରର ବାହ୍ୟଦୃଷ୍ଟି ଜାତ କରେ, ବିଚାର ଶରୀରାନ୍ତର୍ଗତ ଦୃଷ୍ଟି ଜାତ କରେ ବୋଲି କହିପାରିବା । ତେଣୁ ଶରୀର ପରିଧିକୁ ନଡେଇଁ ଭିତରେ ବିଚାରଦୃଷ୍ଟି ଥିବା ଯୋଗୀମାନେ, ଜ୍ଞାନୀମାନେ ଆଜି ମଧ୍ୟ ମନ୍ତ୍ର,ମନ୍ତ୍ରଶକ୍ତି ବାବଦରେ ଥିବା ତଥ୍ୟକୁ ଗ୍ରହଣ କରିପାରିବେ ।

ଆଜିକୁ ୫୩୦୦ବର୍ଷ ତଳକୁ ଗଲେ ସେତେବେଳେ ଦ୍ୱାପର ଯୁଗର ଶେଷ ସମୟରେ କୌରବ, ପାଣ୍ଡବମାନଙ୍କ ଭିତରେ ହୋଇଥିବା ଯୁଦ୍ଧରେ ସେମାନେ ଅସ୍ତ୍ରବଳ ବ୍ୟବହାର କରୁଥିଲେ ବୋଲି ଜଣାଯାଉଛି । ସେକାଳରେ ମନ୍ତ୍ରବଳ ଯୁକ୍ତ ଅନେକ ପ୍ରକାରର ଅସ୍ତ୍ର ଥିଲା । ସବୁ ପ୍ରକାରର ଅସ୍ତ୍ର ବିବରଣ, ନାମ ଆମକୁ ଜଣା ନଥିଲେ ମଧ୍ୟ କେତୋଟି ମୁଖ୍ୟ ମୁଖ୍ୟ ଅସ୍ତ୍ରର ନାମ ଜାଣିଛୁ । ମୁଁ ଯେତିକି ଜାଣିଛି, ସେତେବେଳେ ବ୍ରହ୍ମାସ୍ତ୍ର, ନାଗାସ୍ତ୍ର, ପାଶୁପତ୍ୟାସ୍ତ୍ର, ଶବ୍ଦଭେଦନାସ୍ତ୍ର,ବରୁଣାସ୍ତ୍ର, ଅଗ୍ନ୍ୟାସ୍ତ୍ର ଇତ୍ୟାଦି ଅସ୍ତ୍ର ରହିଥିଲା । ଏହା ବ୍ୟତୀତ ଆହୁରି ଅନେକ ଅସ୍ତ୍ର ସବୁ ଥିଲା । ଅସ୍ତ୍ରଗୁଡିକ ମନ୍ତ୍ରବଳ ଯୁକ୍ତ ଥିଲା । ସେଦିନ ଅସ୍ତ୍ରଗୁଡିକୁ ବୁଦ୍ଧିବଳ ଥିବା ଲୋକମାନେ ସାଧ କରି ପାରୁଥିଲେ, ତା ବାବଦରେ ବୋଧ କରିବା ପାଇଁ ଗୁରୁମାନେ ମଧ୍ୟ

ଥିଲେ । ମହାଭାରତ ଯୁଦ୍ଧରେ ଅସ୍ତ୍ରବଳ ନହୋଇ ଭୁଜବଳରେ ଦୁର୍ଯୋଧନ ଯୁଦ୍ଧ କରୁଥିବା ବେଳେ, ସେହି ଯୁଦ୍ଧରେ କର୍ଣ୍ଣ, ଅର୍ଜୁନ, ଭୀଷ୍ମ ଅସ୍ତ୍ରବଳର ବ୍ୟବହାର କରୁଥିଲେ ବୋଲି ଜଣାଯାଉଛି । ଏକ ଅସ୍ତ୍ର ଅତି ବଳଶାଳୀ ହୋଇ ଅନେକଙ୍କୁ ସଂହାର କରିପାରୁଥିଲା । ସେକାଳରେ ଯୁଦ୍ଧରେ ଅଧିକ ସୈନ୍ୟବଳ ଦେଖି ଭୟ କରୁନଥିଲେ । ଶତ୍ରୁ ପାଖରେ ଅସ୍ତ୍ରବଳ ଅଛି ବୋଲି ଜାଣିପାରି ଯୁଦ୍ଧକ୍ଷେତ୍ର ଛାଡି ଭୟରେ ପଳାଉଥିଲେ ।

ଗତ ଦ୍ୱାପର ଯୁଗରେ ମନ୍ତ୍ରବଳ ଥିବା ଅସ୍ତ୍ରରେ ଭୟଙ୍କର ଯୁଦ୍ଧ ହେଉଥିଲା । ସେତେବେଳେ ଅସ୍ତ୍ରଶକ୍ତିରେ ବଳଶାଳୀ ଦେଶ ଭାବରେ ଭାରତ ବ୍ୟତୀତ ଅନ୍ୟ କୌଣସି ଦେଶ ନଥିଲା ବୋଲି କହିପାରିବା । ସାରା ଦୁନିଆରେ ଭାରତଦେଶ ଭଳି ବଳଶାଳୀ ଦେଶ ନଥିଲା । ଇତର ଦେଶଗୁଡିକରେ ମନ୍ତ୍ରବଳ ବିଷୟରେ ସଂପୂର୍ଣ୍ଣ ଜାଣିଥିବା ଆତ୍ମଜ୍ଞାନୀମାନେ ନଥିବାରୁ ସେମାନଙ୍କୁ ଅସ୍ତ୍ରଶକ୍ତି ବାବଦରେ ଜଣା ନଥିଲା । ଭାରତର ଅସ୍ତ୍ରବଳ ସହିତ ସମକକ୍ଷ ହେବାକୁ ବାହାର ଦେଶର ଲୋକମାନେ ଯନ୍ତ୍ରବଳର ଅଭିବୃଦ୍ଧି କରିଥିଲେ । ଏଭଳି ସେମାନଙ୍କର ସେହି ଅଭ୍ୟାସରେ ଆଜି ଅସ୍ତ୍ରବଳ ବଦଳରେ ଅନେକ ପ୍ରକାରର ଅଣୁବମ୍ ତିଆରି ହୋଇ ସବୁ ଦେଶକୁ ବ୍ୟାପିଯାଇଛି । ଦ୍ୱାପର ଯୁଗ ପରେ ଭାରତରେ ମଧ୍ୟ ମନ୍ତ୍ରବଳ କମ୍ ହୋଇଗଲା । ମନ୍ତ୍ରବଳ ଦିନକୁ ଦିନ ଭାରତରୁ ଲୋପପାଇ ଆଜି ଭାରତ ମଧ୍ୟ ଅନ୍ୟମାନଙ୍କଠାରୁ ଶିଖି ଯନ୍ତ୍ରବଳ ବଢାଇଛି । ଦିନେ ମନ୍ତ୍ରବଳ ଜନ୍ମ କରିଥିବା ଭାରତରେ ଆଜି ମନ୍ତ୍ରବଳ କଣ କେହି ଜାଣନ୍ତି ନାହିଁ । ଗତ ଇତିହାସ ଜଣାନଥିବା ଆଜିର ଭାରତୀୟମାନେ ମନ୍ତ୍ର ବାବଦରେ ହେଳିତ କଥାବାର୍ତ୍ତା କରୁଛନ୍ତି ।

ପୂର୍ବେ କେତେକ ରୋଗ ପାଇଁ ଚେରମୂଳି ଔଷଧ ଥିଲେ ମଧ୍ୟ, କେତେକ ରୋଗ ପାଇଁ ଔଷଧ ନଥିଲା । ଔଷଧ ନଥିବା ସେହି ରୋଗଗୁଡିକୁ

ନିବାରଣ କରିବା ପାଇଁ ମନ୍ତ୍ରର ବ୍ୟବହାର ହେଉଥିଲା । ରୋଗ ସହିତ ପ୍ରେତମାନେ (ସୂକ୍ଷ୍ମଭୂତ), ଦେବତାମାନେ ଦେଖାନଯାଇ ମଣିଷ ଶରୀରରେ ନିବାସ କରି ରୋଗ ଭଳି ନାନା ଯନ୍ତ୍ରଣା ଦେଉଥିଲେ । ଖାଲି ସେଦିନ କାହିଁକି ! ଆଜି ମଧ୍ୟ ଏହିଭଳି ପ୍ରେତମାନେ, ଦେବତାମାନେ ବିଭିନ୍ନ ପ୍ରକାର ରୋଗବାଧା ଭଳି ବାଧା ଦେଉଛନ୍ତି । ତାହା ରୋଗ ନୁହେଁ, ତାହା କୌଣସି ଔଷଧ ଦ୍ୱାରା ଭଲ ହୋଇପାରିବ ନାହିଁ ବୋଲି ଅନେକଙ୍କୁ ଜଣା ନାହିଁ । ଗ୍ରହ, ପ୍ରେତ, ଦେବତାମାନଙ୍କ ଯନ୍ତ୍ରଣା ବାବଦରେ ଜାଣି ନପାରି, ଆମକୁ କିଛି ରୋଗ ହୋଇଛି ଭାବି ଡାକ୍ତରଖାନାରେ ରୋଗ ଭଲହେବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ଲୋକମାନେ ଆଜି ମଧ୍ୟ ଅନେକ ଅଛନ୍ତି, ସେମାନଙ୍କୁ ଔଷଧ ନୁହେଁ ମନ୍ତ୍ରବଳ ଉପଯୋଗ କରି ଚିକିତ୍ସା କଲେ ସେମାନଙ୍କ ରୋଗ ଭଲ ହୋଇଯାଇ ପାରେ, ହେଲେ ଏହି ରୋଗ କଣ ବୋଲି ଆଜି ମଣିଷ ଚିହ୍ନିପାରୁ ନାହିଁ । ଯଦି ଏହା ରୋଗନୁହେଁ ବୋଲି ଜାଣିଲା ତେବେ ମଧ୍ୟ କେଉଁ ମନ୍ତ୍ର ଦ୍ୱାରା, କାହା ପାଖରେ ଏହା ଭଲ ହୋଇପାରେ ବୋଲି ଜାଣୁନାହିଁ । ଅମୁକ ମନ୍ତ୍ର ଦ୍ୱାରା ରୋଗ ଭଲହେବ ବୋଲି ଜାଣିଲେ ମଧ୍ୟ, ସେଭଳି ମାନ୍ତ୍ରିକ ଆଉ ନାହାନ୍ତି । ଆଜିର କାଳରେ କଣ ମନ୍ତ୍ରକୁ ବିଶ୍ୱାସ କରିବା ଉଚିତ୍ ବୋଲି ଅବହେଳିତ କଥା କହନ୍ତି, ବାଧିତ ସେକଥା ବିଶ୍ୱାସ କରି ଶେଷରେ ଗ୍ରହ, ଦେବତା, ପ୍ରେତମାନଙ୍କ ଦାଉରେ ହିଁ ମରିଯାଏ । ଆଜି ମନ୍ତ୍ର ନଥିବାରୁ କଣ ସେଭଳି ଯନ୍ତ୍ରଣାରେ ଲୋକେ ମରିବେ ? କିଛି ଉପାୟ ନାହିଁ ? ବୋଲି ପଚାରିପାରନ୍ତି । ଏ ପ୍ରଶ୍ନର ଜବାବରେ ଗୋଟିଏ କଥା କୁହାଯାଇ ପାରେ । ଆଜି ମନ୍ତ୍ର ନାହିଁ, ତାହା ସତକଥା ହୋଇଥିଲେ ମଧ୍ୟ, ଗ୍ରହ, ଦେବତାଦି ମାନଙ୍କ ଦାଉରୁ ରକ୍ଷା ପାଇବା ପାଇଁ ବାଟ ଅଛି । ତାହା ହେଉଛି ଦୈବଜ୍ଞାନ । ଦୈବଜ୍ଞାନ ଜାଣିବା ଦ୍ୱାରା ଗ୍ରହମାନେ, ଦେବତାମାନେ ଶରୀରରୁ ଛାଡି ପଳାଇଥାନ୍ତି । ମନ୍ତ୍ରବଳ ଅପେକ୍ଷା ଜ୍ଞାବବଳ ମହାନ । ମନ୍ତ୍ରବଳ ମଧ୍ୟ ଜ୍ଞାନରୁ ଜନ୍ମ ହୋଇଥାଏ ।

ଆଜି ସେଭଳି ରୋଗ ହୋଇନଥିବା ରୋଗ ପାଇଁ ଉପଯୁକ୍ତ ମନ୍ତ୍ର ନଥିବାରୁ, ମନ୍ତ୍ରଠାରୁ ବଳି ରହିଥିବା ଦୈବଜ୍ଞାନକୁ ମୁଣ୍ଡରେ ଚଢାଇ ପାରିଲେ ମୁକ୍ତି ପାଇପାରିବା ।

ଏବେ କିଛିଲୋକ ମୋତେ ଏକ ପ୍ରଶ୍ନ ପଚାରିବା ସୁଯୋଗ ରହିଛି । ତାହା ହେଉଛି ! ପୂର୍ବେ ଗ୍ରହବାଧାରୁ, ଦେବତାମାନଙ୍କ ଦାଉରୁ ରକ୍ଷା ପାଇବା ପାଇଁ ମନ୍ତ୍ରର ବ୍ୟବହାର କରୁଥିଲେ ବୋଲି  ଆପଣ କହୁଛନ୍ତି । ଗ୍ରହମାନେ ଦେଉଥିବା କଷ୍ଟରୁ ରକ୍ଷା ପାଇବାପାଇଁ ମନ୍ତ୍ର ବ୍ୟବହାର କରିବା ଭଳି, ଗ୍ରହକଷ୍ଟ ନଥିବା ଲୋକମାନଙ୍କୁ ଗ୍ରହକଷ୍ଟ ଦେବାଭଳି ମନ୍ତ୍ର ଦ୍ୱାରା କଣ ଗ୍ରହମାନଙ୍କୁ ପ୍ରେରଣ କରିହେବ ନାହିଁ ? ଏଥିପାଇଁ ସମାଧାନ ହେଉଛି ! ପୂର୍ବେ ରହିଥିବା ମାନ୍ତ୍ରିକମାନେ ସେମାନଙ୍କ ମନ୍ତ୍ର ଦ୍ୱାରା ଗ୍ରହମାନଙ୍କ କଷ୍ଟକୁ ଦୂର କରିପାରିବା ଭଳି, ସେମାନଙ୍କ ମନ୍ତ୍ର ଦ୍ୱାରା ଗ୍ରହମାନଙ୍କୁ ପ୍ରେରଣ କରି ଅନ୍ୟମାନଙ୍କୁ କଷ୍ଟ ଦେଇପାରୁଥିଲେ । କେତେକ ଭଲ ମାନ୍ତ୍ରିକମାନେ ଲୋକକଲ୍ୟାଣ ଉଦ୍ଦେଶ୍ୟରେ କିଛିଲୋକଙ୍କ ଗ୍ରହକଷ୍ଟକୁ ସେମାନଙ୍କ ମନ୍ତ୍ର ଦ୍ୱାରା ଦୂର କରିଦେଉଥିବା ସ୍ଥଳେ, ଆଉ କେତେକ ଖରାପ ମାନ୍ତ୍ରିକମାନେ ସେମାନଙ୍କ ମନ୍ତ୍ରବଳ ବ୍ୟବହାର କରି ଧନ ଲୋଭରେ ଭଲ ଲୋକମାନଙ୍କ ଉପରେ ମନ୍ତ ପ୍ରୟୋଗ (ବାଣମତି ବା ବାଣ ପ୍ରୟୋଗ) କରି ସେମାନଙ୍କର କ୍ଷତି କରୁଥିଲେ, କେତେକ ନିଜର ଶତ୍ରୁ ଉପରେ, ନିଜର ଅନୁକୂଳିତ ନଥିବା ବ୍ୟକ୍ତିମାନଙ୍କ ଉପରେ ମଧ୍ୟ ମନ୍ତ୍ର ପ୍ରୟୋଗ କରୁଥିଲେ । ଏହି ଅନୁସାରେ ପୂର୍ବକାଳର ମାନ୍ତ୍ରିକମାନଙ୍କ ଭିତରେ ଭଲ ମାନ୍ତ୍ରିକ, ଖରାପ ମାନ୍ତ୍ରିକ ଥିଲେ, ଭଲ ସ୍ୱଭାବର ମାନ୍ତ୍ରିକମାନେ ସେମାନଙ୍କ ମନ୍ତ୍ରବଳର ପ୍ରୟୋଗରେ ଭଲକାମ କରୁଥିବାବେଳେ, ଖରାପ ମାନ୍ତ୍ରିକମାନେ ଅନ୍ୟମାନଙ୍କର ହାନୀ କରୁଥିଲେ । ଆଜିର କାଳରେ ମନ୍ତ୍ର ହିଁ ନାହିଁ, ତେଣୁ ଆଜି ମନ୍ତ୍ର ଦ୍ୱାରା ଭଲକାମ କରିବା ଲୋକେ ନାହାନ୍ତି କି ଖରାପକାମ କରିବାକୁ ନାହାନ୍ତି ।

ଆଜି ମାନ୍ତ୍ରିକମାନେ ଦେଖିବାକୁ ମିଳୁନାହାନ୍ତି, ସେମାନେ କେଉଁଠି ନାହାନ୍ତି ବୋଲି ଆମେ କହିବା ପରେ କଣ ସତରେ ଆଜି ଭୂପୃଷ୍ଠରେ ମାନ୍ତ୍ରିକମାନେ ନାହାନ୍ତି ? ବୋଲି କିଛିଲୋକ ପ୍ରଶ୍ନ କରିପାରନ୍ତି । ତାର ଉତ୍ତର ହେଉଛି ! ପ୍ରତି ପତ୍ର ଔଷଧ, ପ୍ରତି କଥା ମନ୍ତ୍ର ନାମକ କଥାକୁ ବଡମାନେ କହିଥିବା ଅନୁସାରେ,ଏ ପ୍ରପଞ୍ଚ ଥିବା ପର୍ଯ୍ୟନ୍ତ ପତ୍ର ବା ଗଛରେ ଔଷଧ ରହିଥିବ । ସେହିଭଳି କଥା (ଶବ୍ଦ) ରୂପରେ ଥିବା ମନ୍ତ୍ର ମଧ୍ୟ ରହିଥିବ । ହେଲେ ତଦ୍ଦ୍ୱାରା ଆମେ କରିବାକୁ ଇଚ୍ଛା କରୁଥିବା କାର୍ଯ୍ୟ ବଳଶାଳୀ ମନ୍ତ୍ର ନଥିବା କାରଣରୁ ହୋଇପାରିବ ନାହିଁ । ଆଜି ଭୂପୃଷ୍ଠରେ ବିଭିନ୍ନ ପ୍ରକାରର ଶବ୍ଦ ବିଶିଷ୍ଟ ମନ୍ତ୍ର ରହିଛି, କିନ୍ତୁ ସେହି ସେହି ମନ୍ତ୍ରକୁ ସିଦ୍ଧ କରିବାକୁ କେହି ନାହାନ୍ତି । ସିଦ୍ଧ ନହେଲେ ମନ୍ତ୍ର ଥାଇ ମଧ୍ୟ ଲାଭ ନାହିଁ । ଭୂପୃଷ୍ଠରେ ପ୍ରତ୍ୟେକ ଗଛର ପତ୍ରରେ ଔଷଧ ରହିଥିଲେ ମଧ୍ୟ, ତାହା ବ୍ୟବହାର କରିବା ବିଧି ଆଜି କାହାକୁ ଜଣା ନଥିବାରୁ ତାହା ବ୍ୟର୍ଥ ହେଉଥିବା ଭଳି, ସବୁ କଥାଗୁଡିକ ମନ୍ତ୍ର ହୋଇଥିଲେ ମଧ୍ୟ ତାହା ସିଦ୍ଧ ହୋଇ ନପାରିବାରୁ ତାହା ନିରର୍ଥକ । ପ୍ରତ୍ୟେକ ରୋଗକୁ ନିବାରଣ କରିପାରୁଥିବା ଔଷଧଯୁକ୍ତ ପତ୍ର ଭୂପୃଷ୍ଠରେ ଅନେକ ଅନେକ ଥିଲେ ମଧ୍ୟ, ସେଗୁଡିକୁ କିପରି ବ୍ୟବହାର କରିବା ଜଣାନଥିବା ଭଳି, ମନ୍ତ୍ର ହୋଇଥିବା କଥା (ଶବ୍ଦ) ଅନେକ ଥିଲେ ମଧ୍ୟ, ତାହା ସିଦ୍ଧ କରିବା ବିଧି ଆଜିର ମଣିଷକୁ ଜଣା ନାହିଁ । ଆମେ ଭୂପୃଷ୍ଠରେ ମନ୍ତ୍ର ନାହିଁ ବୋଲି କହୁ ନାହୁଁ । ମନ୍ତ୍ରବଳ ନାହିଁ ବୋଲି କହୁଛୁ ।

ପୂର୍ବେ ମନ୍ତ୍ରବଳ ଅନେକ ପ୍ରକାରର ରହିଥିଲା, ତଦ୍ଦ୍ୱାରା ଅନେକ କାର୍ଯ୍ୟ ହୋଇପାରୁଥିଲା । ଆଜିର କାଳରେ ମଧ୍ୟ ଅନେକ ମନ୍ତ୍ର ଅଛି ବୋଲି ଆମେ ଜାଣିଛେ । ସେଦିନ, ଆଜି ରହିଥିବା ମନ୍ତ୍ର ମନ୍ତ୍ରହେଲେ ମଧ୍ୟ, ତାର ଉପଯୋଗିତା ଆଜି ନାହିଁ, ସେତେବେଳେ ଥିଲା । ପୂର୍ବକାଳରେ ମନ୍ତ୍ର ଅନେକ କାର୍ଯ୍ୟରେ ବ୍ୟବହାର ହେଉଥିଲେ ମଧ୍ୟ, ତାହା କେବଳ ଭୌତିକ

ବିଷୟରେ ବ୍ୟବହାର ହେଉଥିଲା ସିନା, ଦୈବିକ କାର୍ଯ୍ୟରେ ବା ପରମାତ୍ମା କାର୍ଯ୍ୟରେ ବ୍ୟବହାର ହେଉନଥିଲା । ଆଜି ଅନେକ ସ୍ୱାମୀଜୀମାନେ, ପିଠାଧିପତିମାନେ, ମଠାଧିପତିମାନେ ସମସ୍ତେ କଥା ରୂପରେ ବା ଶବ୍ଦ ରୂପରେ ଥିବା ମନ୍ତ୍ରଗୁଡିକର ଆଧାରରେ ଆମେ ଦୈବମାର୍ଗରେ ହିଁ ଅଛୁ ବୋଲି କହୁଥାନ୍ତି । ହେଲେ କୌଣସି ମନ୍ତ୍ର ଦୈବସନ୍ନିଧିକୁ ନେଇପାରେନି, କୌଣସି ମନ୍ତ୍ର ଦ୍ୱାରା ଈଶ୍ୱର ଜଣାପଡନ୍ତି ନାହିଁ ବୋଲି ଭଗବଦ୍ଗୀତାରେ ଭଗବାନ କହିଥିବା କଥାକୁ ସମସ୍ତେ ଭୁଲିଯାଇଛନ୍ତି । ସେତେବେଳେ ହେଉ କି ଆଜି ହେଉ ଅନେକ ମନ୍ତ୍ର ଥିଲେ ମଧ୍ୟ ଯଦି ସେଗୁଡିକ ଉପଯୋଗ ହୋଇପାରୁଛି, ତେବେ ସବୁ ଉପ (ଅନ୍ୟ ବା କଡରେ ଥିବା) ଯୋଗ ହେବ ସିନା, ଯୋଗ ହୋଇପାରିବ ନାହିଁ । ତେଣୁ ଉନ୍ନତ ଜ୍ଞାନ ଆହରଣ କରିଥିବା ପୂର୍ବପୁରୁଷମାନେ "ମନ୍ତ୍ରଗୁଡିକ ଭୌତିକ ଲାଭ ଦିଏ ସିନା, ଦୈବସନ୍ନିଧି ହୋଇଥିବା ମୋକ୍ଷ ଦେବାରେ ସାହାଯ୍ୟ କରିନଥାଏ" ବୋଲି କହିଛନ୍ତି ।

ସାରା ବିଶ୍ୱକୁ ଦୁଇ ଭାଗରେ ବିଭାଜନ କରିପାରିବା । ତେଣୁ ବିଶ୍ୱ ସ୍ଥୁଳ, ସୂକ୍ଷ୍ମ ହୋଇ ଦୁଇ ପ୍ରକାରର ରହିଛି ବୋଲି କହିପାରିବା । ସ୍ଥୁଳଭାଗ ସମସ୍ତଙ୍କୁ ଦେଖାଯାଉଛି, ଆଖିକୁ ଦେଖାଯାଉଥିବା ସର୍ବ ଜଗତ ସ୍ଥୁଳ ହୋଇଥିବା ସ୍ଥଳେ, ଆଖିକୁ ଦେଖାଯାଉ ନଥିବା କୋଟି କୋଟି ମଣିଷ, ପଶୁପକ୍ଷୀ, କୀଟପତଙ୍ଗାଦିଙ୍କୁ ସୂକ୍ଷ୍ମ ବୋଲି କହିପାରିବା । ସେହିଭଳି ଗ୍ରହ, ଉପଗ୍ରହାଦିଙ୍କ ଠାରୁ ଆରମ୍ଭ କରି, ଭୂତ, ମହାଭୂତ ପର୍ଯ୍ୟନ୍ତ କୋଟି କୋଟି ସୂକ୍ଷ୍ମବିଶ୍ୱ ରହିଛି ବୋଲି କହିପାରିବା । ଆଖିକୁ ଦେଖାଯାଉ ନଥିବା ତାଲିକାରେ କମ୍ ବଳଥିବା ଗ୍ରହମାନଙ୍କଠାରୁ ଆରମ୍ଭ କରି, ଅଧିକ ବଳଶାଳୀ ଗ୍ରହମାନଙ୍କ ପର୍ଯ୍ୟନ୍ତ ସମସ୍ତେ ମନ୍ତ୍ରର ଆଶ୍ରୟ ନେଇ ରହିଛନ୍ତି । ମନ୍ତ୍ର ଭିତରେ ଛୋଟ ବଡ ଅନେକ ପ୍ରକାରର ମନ୍ତ୍ର ରହିଛି । ମନ୍ତ୍ରର ସ୍ଥିତି ଅନୁସାରେ ଉପଯୁକ୍ତ ସ୍ଥିତିର ବା ମନ୍ତ୍ର ଅନୁସାରେ କାର୍ଯ୍ୟଦକ୍ଷତା ଥିବା ଗ୍ରହମାନେ

ସେହି ମନ୍ତ୍ରଗୁଡିକର ଅଧିପତି ଭାବରେ ରହିଥାନ୍ତି । କେଉଁ ମନ୍ତ୍ରପାଇଁ କେଉଁ ଗ୍ରହ ଅଧିପତି ହେବ ତାହା ସେ ଗ୍ରହର ଆତ୍ମା ନିର୍ଣ୍ଣୟ କରିଥାଏ । ଏହିଭଳି ଅନେକ ସ୍ଥିତିର ମନ୍ତ୍ରପାଇଁ ଅନେକ ଗ୍ରହ କର୍ତ୍ତବ୍ୟ ଗ୍ରହଣ କରି ରହିଥାନ୍ତି ବୋଲି ଜଣାଯାଉଛି । ସର୍ବ ପ୍ରପଞ୍ଚରେ ଯେତେ ମନ୍ତ୍ର ଅଛି ସେହି ମନ୍ତ୍ରଗୁଡିକ ଅନୁସାରେ ଅଧିକାରୀ ହୋଇ ଗ୍ରହମାନେ ଥିଲେ ମଧ୍ୟ, ଅସଂଖ୍ୟ ଗ୍ରହମାନେ କେବଳ ମନ୍ତ୍ରର ଅଧିପତି ହେବା ସହିତ ମନ୍ତ୍ରର ବଳ ହୋଇ ରହିଥାନ୍ତି । ମନ୍ତ୍ର ପାଇଁ ଶକ୍ତି ହୋଇ ରହିଥିବା ଗ୍ରହମାନଙ୍କ ବ୍ୟତୀତ ଅନେକ ଗ୍ରହମାନେ ଖଗୋଳରେ ରହିଥାନ୍ତି । ଖଗୋଳରେ ରହିଥିବା ଗ୍ରହମାନଙ୍କ ଭିତରେ ମନ୍ତ୍ରଗ୍ରହମାନଙ୍କ ଅପେକ୍ଷା ଛୋଟଗ୍ରହ, ବଡଗ୍ରହମାନେ ଅନେକ ରହିଥାନ୍ତି । ଖଗୋଳରେ ରହିଥିବା ଗ୍ରହମାନେ, ଭୂତମାନେ ପ୍ରାୟ ୯୯ ପ୍ରତିଶତ ଦୈବଜ୍ଞାନ ଜାଣିଥାନ୍ତି, ସେଗୁଡିକ ଭିତରେ ଏକ କିମ୍ବା ଦୁଇ ପ୍ରତିଶତ ଗ୍ରହମାନେ, ଭୂତମାନେ ଜ୍ଞାନହୀନ ହୋଇ ରହିଥାନ୍ତି । ମନ୍ତ୍ରମହିମା ବିଶିଷ୍ଟ ଗ୍ରହମାନଙ୍କୁ ଜ୍ଞାନହୀନ ଗ୍ରହମାନେ, ଭୂତମାନେ ଭୟ କରିଥାନ୍ତି । ଦୈବଜ୍ଞାନ ଜାଣିଥିବା ଗ୍ରହମାନେ, ଭୂତମାନେ ମନ୍ତ୍ରବଳ ଥିବା ଗ୍ରହମାନଙ୍କ ଅପେକ୍ଷା ଛୋଟ ହୋଇଥିଲେ ମଧ୍ୟ, ବଡ ମନ୍ତ୍ରବଳକୁ ମଧ୍ୟ ଭୟ କରନ୍ତି । ଦୈବଜ୍ଞାନ ଜଣାଥିବା ଛୋଟ ଗ୍ରହକୁ, ଅଧିକ ମନ୍ତ୍ରଶକ୍ତି ବିଶିଷ୍ଟ ଗ୍ରହମାନେ ମଧ୍ୟ ଭୟ କରନ୍ତି । କୌଣସି ଦୈବବଳ ନଥାଇ କେବଳ ମନ୍ତ୍ରବଳ ବିଶିଷ୍ଟ ହୋଇଥିବା ଗ୍ରହମାନଙ୍କୁ ଦୈବଜ୍ଞାନ ବିଶିଷ୍ଟ ହୋଇଥିବା କୌଣସି ଗ୍ରହ କିମ୍ବା ଭୂତମାନେ ଭୟ କରିନଥାନ୍ତି ବୋଲି ଜାଣିବା ଉଚିତ୍ ।

କୌଣସି ମାନ୍ତ୍ରିକ ନିଜର ଅଜ୍ଞାନରେ, ମାନ୍ତ୍ରିକ ବୋଲି ଗର୍ବରେ ଯଦି ଦୈବଜ୍ଞାନ ବିଶିଷ୍ଟ କାହାକୁ ସମ୍ମାନ ନଦେଲା, ହେଳିତ କଥାବାର୍ତ୍ତା କଲା, ନ୍ୟୁନ ଭାବରେ ଦେଖିଲା ତେବେ ଜ୍ଞାନୀ ବା ଯୋଗୀମାନଙ୍କ ଠାରେ ଥିବା ଦୈବଶକ୍ତି ଦ୍ୱାରା ସେହି ମନ୍ତ୍ରଶକ୍ତି ନିର୍ବୀର୍ଯ୍ୟ ହୋଇଯାଇଥାଏ,

ସେତେବେଳଯାଏଁ ମନ୍ତ୍ରବଳ ବିଶିଷ୍ଟ ହୋଇଥିବା ମାନ୍ତ୍ରିକ, ସେତିକିବେଳୁ ମନ୍ତ୍ରବଳହୀନ ହୋଇଯାଏ, ତାର ସମସ୍ତ ଶକ୍ତି ଖରାପ ହୋଇଯାଏ । ଜ୍ଞାନୀମାନେ, ଯୋଗୀମାନେ ମାନ୍ତ୍ରିକର କିଛି କ୍ଷତି କରିବାକୁ ନଚାହିଁଲେ ମଧ୍ୟ, ଯଦି ଭୁଲ୍ ବଶତଃ ସେଭଳି ମାନ୍ତ୍ରିକ କିଏ ସେମାନଙ୍କ ଆଗରେ ପଡିଲା ସେତେବେଳେ ମାନ୍ତ୍ରିକ ପାଖରେ ଥିବା ଗ୍ରହଶକ୍ତି ଜ୍ଞାନୀ ବା ଯୋଗୀମାନଙ୍କ ପାଖରେ ଥିବା ଦୈବଶକ୍ତିର ପ୍ରଭାବରେ ମାନ୍ତ୍ରିକ ପାଖରୁ ଛାଡି ପଳାଇଯାଇଥାନ୍ତି । ସେ ପର୍ଯ୍ୟନ୍ତ ମାନ୍ତ୍ରିକ ନାନା କଷ୍ଟ କରି ଅର୍ଜନ କରିଥିବା ମନ୍ତ୍ରଶକ୍ତି ବେକାର ହୋଇଯାଇଥାଏ । ଏହିଭଳି ଅନେକ ମାନ୍ତ୍ରିକମାନେ ସେମାନଙ୍କ ଶକ୍ତିକୁ ଯୋଗୀମାନଙ୍କ ନିକଟରେ, ଜ୍ଞାନୀମାନଙ୍କ ନିକଟରେ ହରାଇ ଦେଇଛନ୍ତି । ଏହି ଅନୁସାରେ ମନ୍ତ୍ରଶକ୍ତି ଦୈବଶକ୍ତି ଆଗରେ ଖୁବ୍ ଛୋଟ, ଦୈବଶକ୍ତି ନିକଟରେ ମନ୍ତ୍ରଶକ୍ତି ଛିଡାହୋଇ ପାରିବ ନାହିଁ ବୋଲି ଜଣାଯାଉଛି । କେତେକ ମନ୍ତ୍ରଶକ୍ତି ମାନ୍ତ୍ରିକର ଆଜ୍ଞା ଆନୁସାରେ କେତେକ ଲୋକଙ୍କଠାରେ ପ୍ରବେଶ କରି ଯନ୍ତ୍ରଣା ଦେଇଥାନ୍ତି । ମନ୍ତ୍ରଶକ୍ତି ଦ୍ୱାରା ଯନ୍ତ୍ରଣା ଭୋଗୁଥିବା ଲୋକମାନେ ଯେତେବେଳେ ଯୋଗୀ ବା ଜ୍ଞାନୀମାନଙ୍କ ଆଶ୍ରୟ ନିଅନ୍ତି ସେତେବେଳେ ଯୋଗୀ କିମ୍ବା ଜ୍ଞାନୀମାନଙ୍କର ଦୈବଶକ୍ତିକୁ ଦେଖି ଭୟରେ ସେ ମଣିଷ ଶରୀରରୁ ବାହାରକୁ ଚାଲିଯାଆନ୍ତି, ତେଣୁ ମନ୍ତ୍ରଶକ୍ତି ବା ମନ୍ତ୍ରବଳ ଦୈବଜ୍ଞାନ ଜାଣିଥିବା କୌଣସି ବ୍ୟକ୍ତିକୁ, କୌଣସି ଗ୍ରହକୁ, କୌଣସି ଭୂତକୁ କୌଣସି ଅସୁବିଧାରେ ପକାଇ ପାରନ୍ତି ନାହିଁ ବୋଲି ଜଣାଯାଉଛି ।

ପୂର୍ବେ ମଣିଷ ଭିତରେ ବହୁଳ ଭାବରେ ବ୍ୟାପିରହିଥିବା ମନ୍ତ୍ରଶକ୍ତି, ଆଜି ଭୂପୃଷ୍ଠରେ ଯଦିଓ ଦେଖାଯାଉ ନାହିଁ, ଯନ୍ତ୍ରଶକ୍ତି ବଢିଛି ତେବେ ତାର କାରଣ କଣ ହୋଇପାରେ ବୋଲି କେତେକ ପଚାରିପାରନ୍ତି । ତାର ଉତ୍ତର ବିବରଣାତ୍ମକ କହିଲେ ! ମନ୍ତ୍ର ଶବ୍ଦ ରୂପରେ ଆଜି ମଧ୍ୟ ଅଛି । ବେଦରେ ଅନେକ ମନ୍ତ୍ର କୁହାଯାଇଛି । ସେହିଭଳି କେତେକ ଦେବତାମାନଙ୍କ ପାଖରେ

ମନ୍ତ୍ରପାଠ ହେଉଛି । ସବୁଦିନ ନାନା ମନ୍ଦିରରେ, ନାନା ଆରାଧନାରେ ମନ୍ତ୍ରର ବ୍ୟବହାର ହେଉଛି । କେତେକ ନିତ୍ୟ ଭାବରେ ଗାୟତ୍ରୀ ମନ୍ତ୍ରକୁ ଜପ କରୁଛନ୍ତି, କିନ୍ତୁ ସେସବୁ ମନ୍ତ୍ରଶକ୍ତି ମଣିଷର କୌଣସି କାର୍ଯ୍ୟରେ ଆସୁନାହିଁ । ଏଭଳି ଅନେକ ମନ୍ତ୍ରକୁ ମଣିଷ ନିତ୍ୟଜପ କରୁଥିଲେ ମଧ୍ୟ ତାହା କାହିଁକି କୌଣସି କାର୍ଯ୍ୟରେ ଆସୁନାହିଁ ବୋଲି ବିଚାର କଲେ ଜଣାଯାଉଛି ଯେ, ପୂର୍ବଜମାନେ କଥା ପ୍ରସଂଗରେ ଏକ ଲୋକକଥା କହୁଥିଲେ । ତାହା ହେଉଛି ! "ସବୁଥାଇ ବି ଜୋଇଁ ପାଟିରେ ଜିଭ ନାହିଁ" । ଶାଶୁ କେତେ ପ୍ରକାରର ପିଠାପଣା ଆଣି ଜୋଇଁ ଆଗରେ ରଖିଲେବି, ଜୋଇଁ ସବୁ ଖାଇଦେଇଥିଲେ ବି ଯାହା ଖାଇଛି ତାର ସୁଆଦ କିପରି ବୋଲି କହିପାରିଲା ନାହିଁ । ସେହିଭଳି ଆମ ଆଗରେ ନିତ୍ୟପାଠ ହେଉଥିବା ମନ୍ତ୍ର ଅନେକ ଥିଲେ ମଧ୍ୟ ତାର ବଳକୁ ନିର୍ଣ୍ଣୟ କରୁଥିବା ସିଦ୍ଧି ନଥିବାରୁ ସେ ମନ୍ତ୍ର ସବୁ କେଉଁ କାମରେ ଆସୁନାହିଁ । ଗୋଟିଏ ଜାଗାରେ ଇଟାଗୁଡିଏ ଆଣି ଗଦେଇ ଦେଲେ ତାହା ଘର ହୋଇଯିବନି ! ସେଗୁଡିକୁ କ୍ରମ ଅନୁସାରେ ସଜାଇଲେ ପ୍ରଥମେ କାନ୍ଥ ହେବ, ପରେ ଘର ହେବ । ଏମିତି ନକରି ସବୁଦିନ ଇଟା ଆଣି କେତେ ବର୍ଷଯାଏଁ ଗଦାକଲେ କଣ ହେବ ! ବଡ ଇଟାଗଦାଟିଏ ହିଁ ହେବ ! ତାହା ମଣିଷର କେଉଁ କାମରେ ଆସିବ ନାହିଁ । ଇଟାପୁରାଣ ଭଳି ଆଜିର କାଳରେ ପୂଜାରୀମାନେ ମନ୍ଦିରରେ, ନାନା ଆରାଧନାରେ, ଘରେ କରୁଥିବା ପୂଜାରେ ବିଭିନ୍ନ ପ୍ରକାରର ମନ୍ତ୍ର ପଢୁଛନ୍ତି । କିଛିଲୋକ ସବୁଦିନ ଗାୟତ୍ରୀ ମନ୍ତ୍ର ପଢୁଛନ୍ତି । ସୂତାରେ ଗୁନ୍ଥାହୋଇ ନଥିବା ଫୁଲ ପବନରେ ଉଡିଗଲା ଭଳି, ସେମାନଙ୍କ ଆରାଧନା ଉପାସନା ବୃଥା ହେଉଛି । ଏଭଳି ବୃଥା ହେବାର କାରଣ ହେଉଛି ସେ ମନ୍ତ୍ରକୁ ତିଆରି କରିଥିବା ପାତ୍ରମାନେ ଉପଯୁକ୍ତ ନିୟମ ତିଆରି କରି, ସିଦ୍ଧିସୂତ୍ର କହିନାହାନ୍ତି । ସେଥିଲାଗି ସେ ମନ୍ତ୍ରଗୁଡିକ ଫୁଲମାଳ ନହୋଇ ଫୁଲଗଦା ହୋଇଯାଇଛି ।

ଔଷଧ ପାଇଁ ଯେମିତି ଶୁଦ୍ଧି କରିବା ବିଧାନ ମୁଖ୍ୟହୋଇ ରହିଥାଏ ସେହିଭଳି ଏକ ମନ୍ତ୍ରପାଇଁ ତାକୁ ସିଦ୍ଧି କରିବା ବିଧାନ ମଧ୍ୟ ସେତିକି ମୁଖ୍ୟ ହୋଇ ରହିଥାଏ । ଔଷଧ ଭିତରେ ଓଲୁଅକୁ ଗାଈ କ୍ଷୀରରେ ସିଝାଇଲେ ତାହା ଶୁଦ୍ଧି ହୋଇ ସେଥିରେ ଔଷଧଗୁଣ ପ୍ରବେଶ କରି ଔଷଧ ହୋଇଥାଏ । ସେହିଭଳି ନେପାଳମଞ୍ଜି (ଗବମଞ୍ଜି) ଗୋବରପାଣିରେ ସିଝାଇଲେ ତାହା ଶୁଦ୍ଧି ହୋଇ ଔଷଧ ହୋଇଥାଏ । ଚାରି ଅକ୍ଷର ବିଶିଷ୍ଟ ପେଟବ୍ୟଥା ନିବାରଣ ମନ୍ତ୍ରକୁ ଦଶହଜାର ଥର ଏକକାଳୀନ ଜପକଲେ ସେହି ମନ୍ତ୍ର ସିଦ୍ଧିଲାଭ କରି ସେଥିରେ ମନ୍ତ୍ରଶକ୍ତି ଆସିଥାଏ । ଦୁଇ ଅକ୍ଷର ବିଶିଷ୍ଟ ଗୋଡବିନ୍ଧା ନିବାରଣ ମନ୍ତ୍ରକୁ ଆଠହଜାର ଥର ଏକକାଳୀନ ଜପକଲେ ତାହା ସିଦ୍ଧିଲାଭ କରି ଶକ୍ତି ପାଇଥାଏ । ଏହିଭଳି ପ୍ରତ୍ୟେକ ମନ୍ତ୍ର ସ୍ୱତନ୍ତ୍ର ସ୍ୱତନ୍ତ୍ର ନିୟମ ସହିତ ତାହା ତିଆରି କରିବା କ୍ରମକୁ ରଖିଥାନ୍ତି । ଯିଏ ମନ୍ତ୍ର ତିଆରି କରିଥାଏ ତାର ନିୟମ ଅନୁସାରେ ଯେତେବେଳେ ମନ୍ତ୍ରର ଉଚ୍ଚାରଣ ହୁଏ ସେତେବେଳେ ତାହା ସିଦ୍ଧ ହୁଏ । ଏକ ଔଷଧର ଶୁଦ୍ଧି ଯେପରି ଆବଶ୍ୟକ, ସେହିଭଳି ଏକ ମନ୍ତ୍ରର ସିଦ୍ଧି ମଧ୍ୟ ଆବଶ୍ୟକ । ଶୁଦ୍ଧି ହୋଇନଥିବା ଔଷଧ କାର୍ଯ୍ୟ ନକରିବା ଭଳି ସିଦ୍ଧ ହୋଇନଥିବା ମନ୍ତ୍ର କାର୍ଯ୍ୟ କରି ନଥାଏ । ଏହି ପଦ୍ଧତି ସଂପୂର୍ଣ୍ଣ ନିଖୋଜ ହୋଇଯାଇଥିବାରୁ ଆଜି ପୂର୍ବକାଳର ଔଷଧ ନାହିଁ କି ପୂର୍ବକାଳର ମନ୍ତ୍ର ମଧ୍ୟ ନାହିଁ ।

ଜଣେ ମାନ୍ତ୍ରିକ ସାପକାମୁଡା ବିଷକୁ ହରଣ କରୁଥିବା ମନ୍ତ୍ର ଶିଖି ନିୟମ ଅନୁସାରେ ସିଦ୍ଧିଲାଭ କଲା ବୋଲି ଭାବିବା । କୌଣସି ମନ୍ତ୍ର ହେଉ ତାହା ସିଦ୍ଧି ହେବା ପୂର୍ବରୁ ନିୟମ ଥିବା ଭଳି, ସିଦ୍ଧିହେବା ପରେ ମଧ୍ୟ କେତେକ ନିୟମକୁ ମାନିବାକୁ ପଡିଥାଏ । ଏକ ଔଷଧକୁ ତିଆରି କରି ବ୍ୟବହାର କରିବା ପରେ ସେ ଔଷଧ ବ୍ୟବହାର ପାଇଁ ରହିଥିବା ପଥିକୁ ମଧ୍ୟ ଆଚରଣ କରିବାକୁ ପଡିଥାଏ ବୋଲି ଭୁଲିବା ଉଚିତ୍ ନୁହେଁ । ଯିଏ ମନ୍ତ୍ରକୁ

ସିଦ୍ଧିକରିଛି ସେ ସିଦ୍ଧିଲାଭ କଲା ପରେ ମଧ୍ୟ ଥିବା ନିୟମକୁ ମାନିବାକୁ ପଡିଥାଏ । ସାପବିଷ ନିବାରଣ ମନ୍ତ୍ରର ସାଧକ ତାପରେ କୌଣସି ବିଷଧର ସାପକୁ ହେଉ, କଙ୍କଡାବିଛାକୁ ହେଉ ମାରିବା ଉଚିତ୍ ନୁହେଁ ବୋଲି ନିୟମକୁ ମାନିବାକୁ ପଡିଥାଏ, ସେ ଯଦି ଏହି ନିୟମ ନମାନି କୌଣସି ଛୋଟ ବିଛାଟିଏ ମଧ୍ୟ ଯଦି ମାରିଦେଲା ତେବେ ତାର ମନ୍ତ୍ର ପାଇଥିବା ସିଦ୍ଧତାକୁ ହରାଇ ପ୍ରୟୋଜନହୀନ ହୋଇଯିବ । ଏହିଭଳି ନିୟମଗୁଡିକୁ ମାନୁନଥିବା କେତେକ ମାନ୍ତ୍ରିକମାନେ ନିଜର ମନ୍ତ୍ରବଳ ଖରାପ ହୋଇଯିବ ବୋଲି ନଜାଣି, ନିଜର ମନ୍ତ୍ରକୁ ପ୍ରୟୋଗ କରି, ତାହା କାର୍ଯ୍ୟ ନକଲା ବେଳେ ଲୋକହସା ହେଉଥିବାରୁ, ତାଛଡା ଯାହାଠାରେ ମନ୍ତ୍ର ପ୍ରୟୋଗ ହେଉଛି ସେ ମଧ୍ୟ ମନ୍ତ୍ର ଉପରୁ ଭରସା ରଖି ନଥିବାରୁ, ସାଧକ ମଧ୍ୟ ସେ ମନ୍ତ୍ର ଉପରେ ଆଉ ଆଶକ୍ତି ନ ରଖିବାରୁ, ଆଜିର ସ୍କୁଲ ପାଠପଢା କାରଣରୁ, ସୂକ୍ଷ୍ମବିଦ୍ୟାକୁ ବିଚାର କରୁଥିବା ବୁଦ୍ଧିର ସାମର୍ଥ୍ୟ ନଥିବାରୁ, ବିଜ୍ଞାନ କହି ଅସଲ ଜ୍ଞାନକୁ ଭୁଲିଯାଉଥିବା ଲୋକମାନେ ଥିବାରୁ, ପୂର୍ବର ମନ୍ତ୍ର, ଔଷଧାଦି ବିଷୟରେ ଜାଣିନଥିବା ଲୋକମାନେ ଥିବାରୁ, ଆଜି ମନ୍ତ୍ରବିଦ୍ୟା ବାବଦରେ ବୋଧ କରୁଥିବା ଲୋକମାନେ ନଥିବାରୁ, ମନ୍ତ୍ରବିଦ୍ୟା ଅଭ୍ୟାସ କରିବା ଲୋକମାନେ ଦେଖିବାକୁ ମିଳୁନାହାନ୍ତି ।

ମଣିଷ ଭିତରେ ବିଶ୍ୱାସୀ, ଅବିଶ୍ୱାସୀ ନାମରେ ଦୁଇ ପ୍ରକାରର ମଣିଷ ଅଛନ୍ତି । ବିଶ୍ୱାସୀମାନଙ୍କ ଭିତରେ ଜ୍ଞାନବିଶ୍ୱାସୀ, ମୂଢବିଶ୍ୱାସୀ ନାମରେ ଦୁଇ ପ୍ରକାରର ମଣିଷ ଥିବା ସ୍ଥଳେ, ଅବିଶ୍ୱାସୀମାନଙ୍କ ଭିତରେ ମଧ୍ୟ ଏକ ବିଷୟକୁ ସବୁଦିଗରୁ ଦେଖିବା ପରେ ସେଥିରେ ବିଶ୍ୱାସ ଯୋଗ୍ୟ କିଛି ନଥିବାବେଳେ ପଦ୍ଧତିବଦ୍ଧ ଭାବରେ ବିଶ୍ୱାସ କରୁନଥିବା ମଣିଷ କେତେକ ରହିଛନ୍ତି, ଏକ ବିଷୟକୁ ସଂପୂର୍ଣ୍ଣ ଦେଖିବା ଆଗରୁ, ସେଥିରେ ବିଶ୍ୱାସ ଯୋଗ୍ୟ ଜିନିଷ କିଛି ଅଛି କି ନାହିଁ ଗ୍ରହଣ ନକରି,

ମୁର୍ଖଙ୍କ ଭଳି ବିଶ୍ୱାସ କରୁନଥିବା ମୂଢବିଶ୍ୱାସୀମାନେ କେତେକ ଥାଆନ୍ତି, ଏମାନଙ୍କ ଭିତରୁ ପଦ୍ଧତିବଦ୍ଧ ଭାବରେ ବିଶ୍ୱାସ କରୁନଥିବା ଲୋକମାନଙ୍କୁ ହେତୁବାଦୀ, ମୂଢ ଅବିଶ୍ୱାସୀମାନଙ୍କୁ ନାସ୍ତିକବାଦୀ ବୋଲି କହିପାରିବା । ଏକ ପଦ୍ଧତିକୁ ଅନୁସରଣ କରି ସେମାନଙ୍କ ପ୍ରଶ୍ନର ଜବାବ ନଥିବା ବେଳେ ଏକ ବିଷୟକୁ ବିଶ୍ୱାସ କରୁନଥିବା ହେତୁବାଦୀ ମାନଙ୍କୁ ସ୍ୱୀକାର କରି ପାରିବା, କିନ୍ତୁ କୌଣସି ପଦ୍ଧତିରେ ନରହି ମୁର୍ଖଙ୍କ ଭଳି ଅବିଶ୍ୱାସ କରୁଥିବା ନାସ୍ତିକ ମାନଙ୍କୁ ଆମେ ମଧ୍ୟ ସ୍ୱୀକାର କରୁନାହୁଁ । ଯେଉଁଭଳି ବିଶ୍ୱାସୀ ମାନଙ୍କ ଭିତରେ ମୂଢ ବିଶ୍ୱାସୀମାନେ ଅଛନ୍ତି, ସେହିଭଳି ଅବିଶ୍ୱାସୀମାନଙ୍କ ଭିତରେ ମୂଢ ଅବିଶ୍ୱାସୀମାନେ (ନାସ୍ତିକମାନେ) ମଧ୍ୟ ଅଛନ୍ତି ବୋଲି କହୁଛୁ । ନାସ୍ତିକମାନେ ମୁର୍ଖଙ୍କ ଭଳି କଥାବାର୍ତ୍ତା କରନ୍ତି ତେଣୁ ସେମାନଙ୍କୁ ଆମେ କୌଣସି ଉତ୍ତର ନଦେଲେ ଚଳିବ, କିନ୍ତୁ ହେତୁବାଦୀମାନଙ୍କ ପ୍ରଶ୍ନର ଜବାବ ଅବଶ୍ୟ ଦେବାକୁ ହେବ । ଆମେ ହେତୁବାଦୀ ମାନଙ୍କ ପ୍ରଶ୍ନର ଜବାବ ଯଦି ନଦେବୁ ତେବେ ହେତୁବାଦୀ ପ୍ରକୃତ ବିଷୟ ବାବଦରେ ଜାଣିପାରିବ ନାହିଁ, ସେ ଦ୍ୱିତୀୟ ବ୍ୟକ୍ତିକୁ କହିବା ବେଳେ ମଧ୍ୟ ବିଷୟଟି ଜାଣି ନଥିବାରୁ ଠିକ୍ କହିପାରିବ ନାହିଁ । ତେଣୁ ହେତୁବାଦୀ ମାନଙ୍କୁ ନିଶ୍ଚୟ କହିବୁ । ମନ୍ତ୍ରବିଷୟରେ ଠିକ୍ ଏଇଆ ହିଁ ହୋଇଛି ବୋଲି କହିପାରିବା । ଜଣେ ମାନ୍ତ୍ରିକ ମନ୍ତ୍ରବିଷୟକୁ ସଂପୂର୍ଣ୍ଣ ଜାଣି ନଥିବା ବେଳେ, ଦ୍ୱିତୀୟବ୍ୟକ୍ତି କେହି ପଚାରିଲେ ତା ପାଖରେ ଜବାବ ନାହିଁ । ହେତୁବାଦୀମାନେ ମନ୍ତ୍ର ବିଷୟରେ ହେଉ କି ମାନ୍ତ୍ରିକ ବିଷୟରେ ହେଉ ଆଦୌ ବିଶ୍ୱାସ କରିବେ ନାହିଁ । ସେଥିଲାଗି ସେ ବିଷୟ ସଂପୂର୍ଣ୍ଣ ନିଖୋଜ ହୋଇଯିବା ସମ୍ଭାବନା ଅଛି । ମନ୍ତ୍ର ବିଷୟରେ ଆଜି ହେତୁବାଦୀ ମାନଙ୍କ ପ୍ରଶ୍ନର ଜବାବ ନଥିବାରୁ, ତାହା ବିଶ୍ୱାସଯୋଗ୍ୟ ବିଷୟ ନୁହେଁ ବୋଲି ହେତୁବାଦୀମାନେ କହୁଥିବାରୁ, ଆଜି ମନ୍ତ୍ରବିଦ୍ୟା ସଂପୂର୍ଣ୍ଣ ନିଖୋଜ ହୋଇଯିବାକକୁ ବସିଛି ।

ମନ୍ତ୍ରବିଦ୍ୟା ସତ୍ୟ ହୋଇଥିବାବେଳେ ମାନ୍ତ୍ରିକମାନେ ଜବାବ ଦେଇ ନପାରିବା ସ୍ଥିତିରେ କାହିଁକି ଅଛନ୍ତି ? ବୋଲି ପ୍ରଶ୍ନ କାହାଠାରେ ମଧ୍ୟ ଉତ୍ପନ୍ନ ହୋଇପାରେ । ଏଭଳି ପ୍ରଶ୍ନରେ କଣ ମନ୍ତ୍ରବିଦ୍ୟା ଶାସ୍ତ୍ରବଦ୍ଧ ନୁହେଁ ? ମନ୍ତ୍ରବିଦ୍ୟା ସତ୍ୟ ହୋଇଥିବା ବେଳେ ତାର ଶାସ୍ତ୍ରୀୟତା ନିଶ୍ଚୟ ରହିଥିବା ଆବଶ୍ୟକ ! ଯଦି ଅଛି, ତେବେ ଅନ୍ୟମାନେ ଏ ବାବଦରେ ପଚାରୁଥିବା ପ୍ରଶ୍ନର ଜବାବ କାହିଁକି ନାହିଁ ? ଜବାବ ଦେଇ ନ ପାରିବା ସ୍ଥିତି କାହିଁକି ଆସିଛି ? ବୋଲି ସତ୍ୟ ଅନ୍ୱେଷଣକାରୀ ମାନଙ୍କଠାରେ ପ୍ରଶ୍ନ ନଆସି ରହି ପାରିବ ନାହିଁ । ଏଭଳି ପରିସ୍ଥିତି କାହିଁକି ଆସିଛି ଏବେ ସେ ବିଷୟରେ ଆମେ କହୁଛୁ ଶୁଣନ୍ତୁ । ଜଣେ ମାନ୍ତ୍ରିକ ସାପବିଷକୁ ତାର ମନ୍ତ୍ର ଦ୍ୱାରା ହରଣ କରିପାରୁଛି, ତା ପଖକୁ ଗଲେ ସାପବିଷକୁ ସେ ହରଣ କରିଦେଇଥାଏ, ତାପାଖକୁ ଯାଉଥିବା ଲୋକେ କେହି ଅସଫଳ ହୋଇନାହାନ୍ତି ବୋଲି ଅନ୍ୟ ଜଣେ ଲୋକଠାରୁ ସେ ମାନ୍ତ୍ରିକ ବାବଦରେ ଶୁଣିଥିବା ଜଣେ ବ୍ୟକ୍ତି ମୁଁ ମଧ୍ୟ ମନ୍ତ୍ରବିଦ୍ୟା ଶିଖିବି ବୋଲି ଭାବିଲା । ଦିନେ ସେ ବ୍ୟକ୍ତିଜଣକ ସାପବିଷ ହରଣ କରୁଥିବା ମାନ୍ତ୍ରିକ ପାଖକୁ ଯାଇ, ଆଜ୍ଞା ! ମୁଁ ଆପଣଙ୍କଠାରୁ ସାପବିଷ ହରଣ ବିଦ୍ୟା ଶିଖିବି ବୋଲି ଇଚ୍ଛାକରି ଆସିଛି ବୋଲି କହିଲା ତାକଥା ଶୁଣି ମାନ୍ତ୍ରିକଜଣକ ମଧ୍ୟ ତାକୁ ସେହି ବିଦ୍ୟା ଶିଖାଇବ ବୋଲି ଭାବିଲା । ଦିନେ ମାନ୍ତ୍ରିକ ଜଣେ ବ୍ୟକ୍ତିର ସାପବିଷ ହରଣ କରୁଥିବା ବେଳେ ଶିଖିବାକୁ ଇଚ୍ଛାକରି ଆସିଥିବା ବ୍ୟକ୍ତି ତା ପାଖରେ ରହି ସବୁ ପ୍ରତ୍ୟକ୍ଷ ଭାବେ ଦେଖିଲା । ପ୍ରତ୍ୟକ୍ଷ ଭାବରେ ଦେଖୁଥିବା ବେଳେ ବିଦ୍ୟାର୍ଥୀ ଭାବରେ ମନ୍ତ୍ରବିଦ୍ୟା ଶିଖିବାକୁ ଆସିଥିବା ବ୍ୟକ୍ତିଠାରେ ଅନେକ ପ୍ରଶ୍ନ ଆସିଲା, ସେହି ପ୍ରଶ୍ନଗୁଡିକୁ ସେ ଗୁରୁ ବୋଲି ଭାବୁଥିବା ମାନ୍ତ୍ରିକକୁ ପଚାରିଲା ।

**ବିଦ୍ୟାର୍ଥୀ:-** ଗୁରୁ ମହାଶୟ ! ଆପଣ ସାପ କାମୁଡିଥିବା ବ୍ୟକ୍ତି ସାମ୍ନାରେ ବସି, ମନ୍ତ୍ରକୁ କେତେଥର ଜପକରି, ସେ ବ୍ୟକ୍ତି ଦେହକୁ ଫୁଙ୍କିଲେ ।

ତାଛଡା ଆଉ କିଛି ମଧ କରିନାହାନ୍ତି । ମନ୍ତ୍ର ଜପକରି ଫୁଙ୍କିଦେବା ପରେ ଆପଣଙ୍କ ମନ୍ତ୍ର କାର୍ଯ୍ୟ କରି ତାର ବିଷକୁ କିପରି ହରଣ କରୁଛି ? ଆପଣ ମନ୍ତ୍ରକୁ କେତେଥର ଜପ କରୁଛନ୍ତି ?

**ମାନ୍ତ୍ରିକ:-** ସର୍ପ ବିଷ ନିବାରଣ ମନ୍ତ୍ର ପ୍ରଥମେ ସିଦ୍ଧିଲାଭ ହେବାଠାରୁ ମୁଁ ପ୍ରାୟ କେତେଶହ ଲୋକଙ୍କୁ ଚିକିତ୍ସା କରି ବଞ୍ଚାଇଛି । ଯାହାକୁ ସାପ କାମୁଡିଛି ତାକୁ ମୋ ଆଗରେ ବସାଇ ସିଦ୍ଧିଲାଭ କରିଥିବା ମନ୍ତ୍ରକୁ ୧୧ଥର ପଢି ତା ଦେହକୁ ଫୁଙ୍କୁଛି । ମନ୍ତ୍ରକୁ ଏଭଳି ଜପକରି ଫୁଙ୍କିବା ଦ୍ୱାରା ସେ ବ୍ୟକ୍ତିର ଶରୀରରେ ଥିବା ବିଷ ଆଉ କାର୍ଯ୍ୟ କରିପାରୁ ନାହିଁ । ସେତେବେଳେ ବ୍ୟକ୍ତିଟି ସୁସ୍ଥ ହୋଇଯାଉଛି ।

**ବିଦ୍ୟାର୍ଥୀ:-** ମନ୍ତ୍ର ସିଦ୍ଧିଲାଭ ହେବା କହିଲେ କଅଣ ?

**ମାନ୍ତ୍ରିକ:-** ପ୍ରତି ମନ୍ତ୍ରର ଏକ ନିୟମ ରହିଥାଏ । ସର୍ପ ବିଷ ନିବାରଣ ମନ୍ତ୍ରର ଏକ ନିୟମ ରହିଛି । ସେହି ନିୟମ ଅନୁସାରେ ସର୍ପ ବିଷହରଣ ମନ୍ତ୍ର ବିଷକୁ ହରଣ କରିବା ଶକ୍ତି ପାଇବାକୁ ହେଲେ ପ୍ରଥମେ ତାହା ସିଦ୍ଧିଲାଭ କରିଥିବା ଆବଶ୍ୟକ । ସର୍ପ ବିଷହରଣ ମନ୍ତ୍ର ଅନେକ ପ୍ରକାରର ଥାଏ । ସେଗୁଡିକ ଭିତରୁ ମୁଁ ସିଦ୍ଧି କରିଥିବା ମନ୍ତ୍ର ସପ୍ତବୀଜାକ୍ଷରୀ । ସେଥିରେ ଗୋଟିଏ "ଶ୍ରୀଂ", ଚାରିଗୋଟି "ହ୍ରୀଂ", ଦୁଇଟି "କ୍ଲୀଂ" ଅଛି । ସପ୍ତ ବୀଜାକ୍ଷରୀ ମନ୍ତ୍ରକୁ ପ୍ରଥମ ଦିନ ସାତହଜାର ଥର, ଦ୍ୱିତୀୟ ଦିନ ଚାରିହଜାର ଥର, ତୃତୀୟ ଦିନ ଏକହଜାର ଥର ଜପ କରିବାକୁ ହୁଏ । ମୁଁ ଏହିଭଳି ତିନିଦିନ ଜପ କରି ମନ୍ତ୍ର ସିଦ୍ଧି କରିଛି (ସିଦ୍ଧିଲାଭ କରିଛି) । ସିଦ୍ଧିଲାଭ କରିବା ପରେ ସାପ କାମୁଡିଥିବା କୌଣସି ବ୍ୟକ୍ତିକୁ ରକ୍ଷା କରିବାପାଇଁ ମନ୍ତ୍ରକୁ ୧୧ ଥର ଜପକଲେ ସେହି ମନ୍ତ୍ର ପ୍ରଭାବିତ ହେଉଛି । ତାପରେ ମୁଁ ମୋ ମୁଖରୁ ଫୁଙ୍କିବା ଦ୍ୱାରା ଯାଉଥିବା ପବନ ସେ ବ୍ୟକ୍ତିର ଦେହରେ ବାଜିଲେ ତାର ବିଷ ହରଣ ହୋଇଯାଉଛି ।

**ବିଦ୍ୟାର୍ଥୀ:-** ମନ୍ତ୍ର କିପରି ସିଦ୍ଧିହୁଏ ବୁଝିଲି । ତାପରେ ଆବଶ୍ୟକ ପଡିବା ବେଳେ ମନ୍ତ୍ରକୁ ୧୧ଥର ଜପ କଲେ ତାହା ପ୍ରଭାବିତ ହେଉଛି ବୋଲି ମଧ୍ୟ ବୁଝିଗଲି । କିନ୍ତୁ ୧୧ଥର ଜପ କଲାବେଳେ ପ୍ରଭାବିତ ହେଉଥିବା ମନ୍ତ୍ର ସେ ବ୍ୟକ୍ତି ଶରୀରରେ କେମିତି କାର୍ଯ୍ୟକରୁଛି ତାହା ମୁଁ ବୁଝିପାରିଲି ନାହିଁ । ସେ ବିଷୟରେ ମୋତେ ଟିକିଏ ବୁଝାଇ କହନ୍ତୁ ।

**ମାନ୍ତ୍ରିକ:-** ମନ୍ତ୍ରକୁ ପଢି ଫୁଙ୍କିବା ଉଚିତ୍ ବୋଲି ମୋତେ ମଧ୍ୟ ମନ୍ତ୍ର ଶିଖାଇଥିବା ଗୁରୁ କହିଛନ୍ତି । ମୁଁ ତାଙ୍କରି କଥା ଅନୁସାରେ ସେହିଭଳି କରୁଛି, ତାପରେ କଣ ହେଉଛି, କେମିତି ହେଉଛି ମୁଁ ଜାଣି ନାହିଁ, କିନ୍ତୁ ସାପ କାମୁଡିଥିବା ବ୍ୟକ୍ତିର ଶରୀରରୁ ବିଷ ହରଣ ହୋଇ ସେ ଭଲ ହୋଇଯାଉଛି ।

**ବିଦ୍ୟାର୍ଥୀ:-** ମନ୍ତ୍ରର ଶକ୍ତି କିପରି କାର୍ଯ୍ୟ କରୁଛି ଜଣାନଥିବା ବେଳେ, ଯଦି ସେ ମନ୍ତ୍ର କେତେବେଳେ କାର୍ଯ୍ୟ ନକରିବ ସେତେବେଳେ ତାହା ପୁନଃ କିପରି କାର୍ଯ୍ୟ କରିବ ଆମେ ଜାଣିପାରିବା ନାହିଁ! ତାଛଡା ମନ୍ତ୍ରଶକ୍ତି କିପରି ? ତାହା କିପରି କାର୍ଯ୍ୟକରୁଛି ମୁଁ ଜାଣିବାକୁ ଚାହୁଁଛି ।

**ମାନ୍ତ୍ରିକ:-** ମନ୍ତ୍ରକୁ ସିଦ୍ଧ କରିବା, ତାପରେ ତାକୁ ବ୍ୟବହାର କରିବା ଜାଣିଛି, ହେଲେ ମନ୍ତ୍ରଶକ୍ତି କିପରି, କେମିତି କାର୍ଯ୍ୟକରୁଛି ମୋତେ ସତରେ ଜଣାନାହିଁ । ତାହା କାମ ନ କଲାବେଳେ ପୁଣି ତାକୁ କେମିତି କାର୍ଯ୍ୟକ୍ଷମ କରିହେବ ତା ମଧ୍ୟ ଜାଣିନି । ମୋତେ ଯିଏ ଏସବୁ ଶିଖାଇଥିଲେ ସେ ମଧ୍ୟ ଏତେ ବିବରଣ କହିନାହାନ୍ତି ।

**ବିଦ୍ୟାର୍ଥୀ:-** ଏକ ମନ୍ତ୍ର ବାବଦରେ ସଂପୂର୍ଣ୍ଣ ଜାଣିବାକୁ ହେଲେ କାହା ପାଖକୁ ଯିବାକୁ ହେବ ?

**ମାନ୍ତ୍ରିକ:-** ମୋତେ ମନ୍ତ୍ର ଶିଖାଇଥିବା ଗୁରୁ ମଧ୍ୟ ଏ ବାବଦରେ ସଂପୂର୍ଣ୍ଣ ଜାଣି ନାହାନ୍ତି, ହେଲେ ସେ ମୋତେ ଗୋଟିଏ କଥା କହିଥିଲେ । ମନ୍ତ୍ର, ମନ୍ତ୍ରର

ଶକ୍ତି, ତାର କାର୍ଯ୍ୟ ଇତ୍ୟାଦି ସୂକ୍ଷ୍ମ ଭାବରେ ରହିଥାଏ । ସୂକ୍ଷ୍ମ ବିଷୟଗୁଡିକ କେବଳ ଜଣେ ଯୋଗୀଙ୍କ ବ୍ୟତୀତ ଅନ୍ୟ କାହାକୁ ଜଣାନଥାଏ । ମୁଁ ଏତିକି ଶୁଣିଛି ସିନା ମନ୍ତ୍ର ବାବଦରେ ଆଉ କିଛି ଅଧିକ ଜାଣିନି ।

ଏହିଭଳି ଘଟିଥିବା ସେମାନଙ୍କ ସମ୍ଭାଷଣରେ ମନ୍ତ୍ର ବିଷୟକୁ ସଂପୂର୍ଣ୍ଣ ଭାବରେ ଜଣେ ଯୋଗୀ ଜାଣିଥାନ୍ତି ବୋଲି ଜଣାଯାଉଛି । ମୁଁ ମଧ୍ୟ ଟିକିଏ ଆଗରୁ କହିଥିଲି ଯେ, କେବଳ ଦୈବଶକ୍ତି ଥିବା ବ୍ୟକ୍ତିମାନେ ମନ୍ତ୍ରଶକ୍ତି ତିଆରି କରନ୍ତି । ମନ୍ତ୍ରଶକ୍ତିକୁ ସୃଷ୍ଟି କରିଥିବା ପାତ୍ରକୁ ହିଁ ମନ୍ତ୍ରର ସୂକ୍ଷ୍ମତା ଜଣାଥାଏ । ଏବେ ସେମାନେ ଜାଣିପାରି ନଥିବା ବିଷୟ ଆମେ ଜାଣିବା । ସେମାନେ ସର୍ପବିଷହରଣ ମନ୍ତ୍ର ବାବଦରେ କଥାବାର୍ତ୍ତା ହେଉଥିଲେ । ଏବେ ଆମେ କଙ୍କଡାବିଛା ବିଷହରଣ ମନ୍ତ୍ର ବାବଦରେ ଜାଣିବା । ଏହି ବିଷୟକୁ ବୁଝିପାରିଲେ ମନ୍ତ୍ରର ସୂକ୍ଷ୍ମବିଷୟ ସବୁ ଜାଣିପାରିବା । ମୋ ଅନୁଭବରେ ମୁଁ କଙ୍କଡାବିଛା ବିଷହରଣ ମନ୍ତ୍ର ବାବଦରେ କିଛି ଜାଣିଛି । ମନ୍ତ୍ରପାଠ ଆରମ୍ଭ ହେବା ବେଳେ ପ୍ରଥମେ “ଓଁ” ପାଠ କରାଯାଇଥାଏ । ପୁନଃ ଶେଷରେ କୌଣସି ଦିନେ ବିନାଶ ହେଉଥିବା ଜୀବାତ୍ମା ସମ୍ବନ୍ଧୀୟ ବୀଜାକ୍ଷର “ସ୍ୱାହା” ରହିଥାଏ । ସୃଷ୍ଟିକୁ ଆରମ୍ଭ କରିଥିବା ଈଶ୍ୱରଙ୍କ ସଂକେତ ଭାବରେ ପ୍ରଥମେ “ଓଁ” ନାମକ ବୀଜାକ୍ଷର ରହିବାବେଳେ, ଦିନେନା ଦିନେ ଅନ୍ତ ହେଉଥିବା ଜୀବାତ୍ମାର ଚିହ୍ନ ଭାବରେ “ସ୍ୱାହା” ନାମକ ବୀଜାକ୍ଷର ରହିଥାଏ । ବଳକା ରହିଥିବା ମଝି ଅଂଶରେ ଯାହାସବୁ ଥାଏ ତାହା ଆତ୍ମାଶକ୍ତିର ବୀଜାକ୍ଷର ହୋଇ ରହିଥାଏ । ଏହି ଅନୁସାରେ କଙ୍କଡାବିଛା ବିଷହରଣ ମନ୍ତ୍ରରେ ପରମାତ୍ମା, ଆତ୍ମା ଜୀବାତ୍ମା ରହିଛନ୍ତି, ଅର୍ଥାତ୍ ତ୍ରୈତସିଦ୍ଧାନ୍ତ ରହିଛି । କଙ୍କଡାବିଛାର ବିଷହରଣ ମନ୍ତ୍ରଟି “ଓଁ ଚହ୍ ଫଟ୍ ସ୍ୱାହା” ଭାବରେ ଥିବାବେଳେ, ସେଥିରେ (ଓଁ), (ଚହ୍ ଫଟ୍), (ସ୍ୱାହା) ନାମକ ତିନି ଭାଗ ରହିଛି । କୌଣସି ମନ୍ତ୍ର ହେଉ ଓଁ ଏବଂ ସ୍ୱାହା ମଝିରେ ଯାହାସବୁ ଥାଏ ତାହା ମନ୍ତ୍ରର ଗୋଟିଏ

ଭାଗ ହୋଇ ରହିଥାଏ ବୋଲି ଜାଣିବା ଉଚିତ୍ । ମନ୍ତ୍ରରେ ଏଦିଗରୁ ପ୍ରଥମେ ଆରମ୍ଭ ହୋଇଥିବା ପରମାତ୍ମା, ସେ ଦିଗରେ ଶେଷରେ ଥିବା ଜୀବାତ୍ମା, ଏ ଦୁହେଁ କିଛି କରନ୍ତି ନାହିଁ, କେବଳ ରହିଥାନ୍ତି । ଜଗତରେ ସମସ୍ତଙ୍କୁ ପରିଚାଳିତ କରାଇଥାଏ ଆତ୍ମା । ତେଣୁ ମଝି ଭାଗରେ ଆତ୍ମାଶକ୍ତି ମିଶି ରହିଛି । ମନ୍ତ୍ର ସିଦ୍ଧି ହେବାବେଳେ, ଆତ୍ମାଶକ୍ତି ମନ୍ତ୍ରଶକ୍ତିରେ ବଦଳି ତାର କର୍ତ୍ତବ୍ୟ କାର୍ଯ୍ୟ କରିଥାଏ । ଏକ ମନ୍ତ୍ରରେ ତ୍ରୈତ ସିଦ୍ଧାନ୍ତ ମିଶି ରହିଛି, ଅର୍ଥାତ୍ ସେଥିରେ ତିନି ଆତ୍ମାର ବିଷୟ ମିଶିରହିଥିବାରୁ ତାହା ନିଶ୍ଚୟ ସଜୀବଶକ୍ତି ହୋଇ ରହିଥାଏ । ତେଣୁ ମନ୍ତ୍ର ସିଦ୍ଧ କଲାବେଳେ ଖଗୋଳରେ ଥିବା ମନ୍ତ୍ରୋପଯୋଗୀ ଗ୍ରହ ଆସି ମାନ୍ତ୍ରିକ ପାଖରେ ପ୍ରବେଶ କରିଥାଏ । ପ୍ରବେଶ କରିଥିବା ଗ୍ରହ ସଜୀବ ହୋଇଥିବାରୁ ତାଠାରେ ମଧ୍ୟ ଜୀବାତ୍ମା, ଆତ୍ମା, ପରମାତ୍ମା ନିବାସ କରିଥାନ୍ତି ବୋଲି ଜାଣିବା ଉଚିତ୍ ।

କଙ୍କଡାବିଛା ମନ୍ତ୍ରର ପ୍ରଥମରୁ ଥିବା "ଓଁ" ନାମକ ବୀଜାକ୍ଷରକୁ ଏବଂ ଶେଷରେ ଥିବା "ସ୍ୱାହା" ନାମକ ବୀଜାକ୍ଷରକୁ ବାହାର କରିଦେଲେ "ଓଁ" ଆଉ "ସ୍ୱାହା" ମଝିରେ ଥିବା "ଚହ୍ ଫଟ୍" ବଳକା ରହିଥାଏ । ମନ୍ତ୍ରକୁ ତିଆରି କରିଥିବା ବ୍ୟକ୍ତିର ଦୃଷ୍ଟିରେ ଚହ୍ କହିଲେ କଙ୍କଡାବିଛାର ବିଷ, ଫଟ୍ କହିଲେ ଫାଟିଯାଆ ବା ବିନାଶ ହୋଇଯାଆ । ଚହ୍ ଫଟ୍ କହିଲେ, "ବିଷ ହରଣ ହୋଇଯାଆ" । ବିଷକୁ ହରଣ କରିବା କାର୍ଯ୍ୟ କରୁଛି କେବଳ ଆତ୍ମା । ପରମାତ୍ମା, ଜୀବାତ୍ମା କୌଣସି କାର୍ଯ୍ୟ କରନ୍ତି ନାହିଁ ସବୁବେଳେ ମନେ ରଖିବା ଉଚିତ୍ । ଯେଉଁ କାର୍ଯ୍ୟ ହେବାକୁ ଥିବ ତାହା କେବଳ ମନ୍ତ୍ରର ଏହି ମଧ୍ୟ ଭାଗରେ ଥିବା ଶକ୍ତି ହିଁ କରିଥାଏ, ସେହି ମନ୍ତ୍ର ପାଇଁ ଅଧିପତି ହୋଇ ଆସିଥିବା ଗ୍ରହର ଆତ୍ମାଶକ୍ତି ହିଁ ମନ୍ତ୍ରଶକ୍ତିରେ ବଦଳି କାର୍ଯ୍ୟ କରିଥାଏ । ଯିଏ କଙ୍କଡାବିଛା ବିଷହରଣ ମନ୍ତ୍ରକୁ ତିଆରି କରିଛନ୍ତି, ସେହି ମନ୍ତ୍ରକୁ ଦଶହଜାର ଥର ଜପକରିବା

ପରେ ତାହା ସିଦ୍ଧି ହୋଇଥାଏ ବୋଲି ନିୟମକୁ ସେହିମାନେ ହିଁ ରଖିଛନ୍ତି । ସେମାନେ ରଖିଥିବା ନିୟମ ଅନୁସାରେ ଜପକଲେ ସେହି ମନ୍ତ୍ର ସିଦ୍ଧିଲାଭ କରିଥାଏ । ସିଦ୍ଧ ହୋଇଥିବା ମନ୍ତ୍ରକୁ ବ୍ୟବହାର କଲା ସମୟରେ ନଅଥର କିମ୍ବା ଅଠରଥର ଜପ କରିବା ଉଚିତ୍ । ସେତେବେଳେ ମନ୍ତ୍ର କାର୍ଯ୍ୟ କରି ବିଷ ହରଣ କରିବ । ମନ୍ତ୍ରକୁ  ନଅଥର  ଜପକରି, ଗ୍ଲାସରେ ଏକ ଗ୍ଲାସ୍ ପାଣି ନେଇ, ସେହି ପାଣିରେ ମନ୍ତ୍ରଶକ୍ତି ମିଶିଯାଉ ବୋଲି ସଂକଳ୍ପ କଲେ, ମନ୍ତ୍ରଶକ୍ତି ଭାବରେ ଥିବା ଗ୍ରହ ଗ୍ଲାସରେ ଥିବା ପାଣି ଭିତରକୁ ପ୍ରବେଶ କରିଥାଏ । ସେତେବେଳେ ସେହି ପାଣିକୁ କଙ୍କଡାବିଛା ଦଂଶନ କରିଥିବା ବ୍ୟକ୍ତିକୁ ପିଇବାକୁ ଦେଲେ ତାସହିତ ଗ୍ରହଶକ୍ତି ଭିତରେ ପ୍ରବେଶ କରି, ବିଷ ରହିଥିବା ସ୍ଥାନକୁ ଯାଇ ବିଷକୁ ନିର୍ବୀର୍ଯ୍ୟ କରିଥାଏ । ପାଣି  ପିଇବାର ଦୁଇ  କିମ୍ବା  ତିନି ମିନିଟ୍ ଭିତରେ ଆଉ କୌଣସି ଯନ୍ତ୍ରଣା ରହିନଥାଏ ।

ଏସବୁ କେଉଁ କଳ୍ପିତ କଥା ଭଳି ଲାଗୁଛି, ବିଶ୍ୱାସ କରିହେବ ନାହିଁ ବୋଲି କେହି ମଧ୍ୟ ଭାବି ପାରେ । କାରଣ ! ମାନ୍ତ୍ରିକକୁ ମଧ୍ୟ ଜଣା ନଥିବା, କାହା ଆଖିକୁ ଦେଖାଯାଉ ନଥିବା ବିଷୟ ଏମିତି ଅଛି କହିଲେ ଶୁଣିବା ବେଳେ, କାହାଠାରେ ମଧ୍ୟ ସନ୍ଦେହ ଆସିବ, କିନ୍ତୁ ସୂକ୍ଷ୍ମ ବିଷୟକୁ କେହି ତ ଜଣେ କହିବେ ! ଖାଲି ଏଇ ମନ୍ତ୍ର ନୁହେଁ କୌଣସି ମନ୍ତ୍ରରେ ମଧ୍ୟ, ମନ୍ତ୍ରଶକ୍ତି ଭାବରେ ଥିବା ଏକ ଗ୍ରହ କାର୍ଯ୍ୟ କରିଥାଏ । ଗ୍ରହର ଥିବା ଆତ୍ମାଶକ୍ତି ହିଁ ଏହି କାର୍ଯ୍ୟ କରିଥାଏ ବୋଲି ଜାଣିବା ଉଚିତ୍ । କଙ୍କଡାବିଛାର ବିଷ ହାତଠାରୁ ଭୁଜ ପର୍ଯ୍ୟନ୍ତ ଯନ୍ତ୍ରଣା ଦେବାବେଳେ, ଶରୀର ଭିତରକୁ ପ୍ରବେଶ କରିଥିବା ଗ୍ରହ ହାତର ଯନ୍ତ୍ରଣା ହରଣ କରିବା ପରେ ପୁଣି ଶରୀରରୁ ବାହାରକୁ ଆସି ମାନ୍ତ୍ରିକର ଶରୀରରେ ରହିଯାଏ । କଙ୍କଡାବିଛା କଥା ବାଦ୍‌ଦେଇ କାହାର ମୁଣ୍ଡବିନ୍ଧା ହେଉଛି ବୋଲି ଭାବନ୍ତୁ । ମୁଣ୍ଡବିନ୍ଧା (ମୁଣ୍ଡବ୍ୟଥା) ନିବାରଣ ମନ୍ତ୍ର ଜାଣିଥିବା ମାନ୍ତ୍ରିକ ମନ୍ତ୍ର ପ୍ରୟୋଗ କଲାବେଳେ, ମନ୍ତ୍ରଶକ୍ତି ବ୍ୟଥା ଅନୁଭବ

କରୁଥିବା ବ୍ୟକ୍ତିର ଶରୀରରେ ପ୍ରବେଶ କରି ମୁଣ୍ଡବ୍ୟଥା ଦୂର କରିବାକୁ ଯିବା ସମୟରେ, ସେଠାରେ ମୁଣ୍ଡବ୍ୟଥାର କାରଣ ହୋଇଥିବା ଏକ ସୂକ୍ଷ୍ମଶରୀରୀ ବା କୌଣସି ଦେବତା ହୋଇଥିଲେ ସେ ମୁଣ୍ଡରେ ନରହି ଶରୀରର ଅନ୍ୟ ଭାଗଗୁଡିକରେ ଏପଟ ସେପଟ ହୋଇ ଅନ୍ୟ କୌଣସି ସ୍ଥାନରେ ରହିବାକୁ ଚେଷ୍ଟା କରିବ । ଯଦି ନପାରିଲା ତେବେ ବାହାରକୁ ଚାଲିଯିବ । ଯଦି ଶରୀର ଯନ୍ତ୍ରଣାର  କାରଣ  ହୋଇ କୌଣସି ବଳଶାଳୀ ଦେବତା କିମ୍ୱା ପ୍ରେତ ଥାଏ ତେବେ ସେ ମନ୍ତ୍ରଶକ୍ତି ସହିତ ଲଢି ଯଦି ହାରିଯାଏ ତେବେ ବାହାରକୁ ପଳାଇଯାଏ । ଯଦି ମନ୍ତ୍ର ବଳ କମ୍ ହୋଇ ଦେବତା ବଳ ଅଧିକ ହେଲା ତେବେ ସେତେବେଳେ ମନ୍ତ୍ରଶକ୍ତି କାର୍ଯ୍ୟ କରିବ ନାହିଁ । ସେତେବେଳେ ମାନ୍ତ୍ରିକ ତା ମନ୍ତ୍ରର ବଳ କମ୍ ବୋଲି ଜାଣିପାରେ । ଯଦି ତା ପାଖରେ ତାଠାରୁ ଆଉ ଅଧିକ ବଳଶାଳୀ ମନ୍ତ୍ର ଥାଏ ତାହା ପ୍ରୟୋଗ କରେ, ନଚେତ ମୋଦ୍ୱାରା ଆଉ ଚେଷ୍ଟା କରିବା ସମ୍ଭବ ନୁହେଁ ବୋଲି କହିଦିଏ ।

ସବୁ ମନ୍ତ୍ର ଏକ ପ୍ରକାରର ବଳ ବିଶିଷ୍ଟ ନୁହେଁ । ପ୍ରୟୋଗ ହୋଇଥିବା ମନ୍ତ୍ର ଅପେକ୍ଷା ରୋଗଶକ୍ତି ବଡ ହୋଇଥିଲେ ମନ୍ତ୍ର କାର୍ଯ୍ୟ କରେ ନାହିଁ । ତେଣୁ ସବୁ ମନ୍ତ୍ର ସମାନ ବଳ ବିଶିଷ୍ଟ ନୁହେଁ । ମନ୍ତ୍ରଶକ୍ତି ଦୈବଶକ୍ତିର କିଛି ବିଗାଡିପାରେ ନାହିଁ । ଏକ ମଣିଷ ଶରୀରରେ ଜଣେ ଯୋଗୀ ପ୍ରବେଶ କରି ଥିବାବେଳେ ମାନ୍ତ୍ରିକ ତାର ମନ୍ତ୍ରରେ ସେ ଯୋଗୀକୁ କଦାପି ବାହାରକୁ ଆଣିପାରେ ନାହିଁ । ତେଣୁ ସବୁମନ୍ତ୍ର ସବୁ ସମୟରେ କାର୍ଯ୍ୟକରେ ନାହିଁ ବୋଲି ଜଣାଯାଉଛି । ରୋଗଶକ୍ତି, ମନ୍ତ୍ରଶକ୍ତି ଅପେକ୍ଷା ଦୈବଶକ୍ତି ମହାନ । ଦୈବଶକ୍ତି  ଆଗରେ  କୌଣସି  ଦେବତା ହେଉ, କୌଣସି ରୋଗ ହେଉ ହାର ମାନନ୍ତି । ତେଣୁ ଯୋଗୀଠାରେ କୌଣସି ମନ୍ତ୍ର କାର୍ଯ୍ୟକରେ ନାହିଁ । ଯୋଗୀ ଇଚ୍ଛାକଲେ ମନ୍ତ୍ରଶକ୍ତିକୁ ନଷ୍ଟ କରିଦିଏ, ଯୋଗୀକୁ ରୋଗ ଭୟ କରିଥାଏ । ଜଣେ ଯୋଗୀ ମନ୍ତ୍ରଶକ୍ତି ଅପେକ୍ଷା ଦୈବଶକ୍ତି ମହାନ ବୋଲି

ଜାଣି କୌଣସି ମନ୍ତ୍ରାଭ୍ୟାସ କରେ ନାହିଁ । କେତେବଡ ମନ୍ତ୍ର ଶିଖିଥିବା ବ୍ୟକ୍ତି ମଧ୍ୟ ଜଣେ ଯୋଗୀ ଆଗରେ ଛୋଟ ବୋଲି ଜାଣିବା ଉଚିତ୍ । ମନ୍ତ୍ରରେ ଥିବା ଶକ୍ତି ଦୈବଶକ୍ତି ହେଲେ ମଧ୍ୟ ତାହା ଆତ୍ମାଶକ୍ତି, ଆତ୍ମାଶକ୍ତି ହିଁ ମନ୍ତ୍ରଶକ୍ତି ଭାବରେ ବଦଳିଥାଏ ବୋଲି ଜାଣି, ମନ୍ତ୍ରଶକ୍ତି ଛାଡି ଆତ୍ମାଶକ୍ତି ଉପାର୍ଜନ କରୁଥିବା ବ୍ୟକ୍ତି ସମସ୍ତଙ୍କଠାରୁ ମହାନ ହୋଇଥାଏ । ସେଭଳି ଯୋଗୀଠାରେ କୌଣସି ମନ୍ତ୍ରଶକ୍ତି କାର୍ଯ୍ୟ କରିନଥାଏ । ମନ୍ତ୍ର, ମନ୍ତ୍ର ମହିମା ବାସ୍ତବ ହେଲେ ମଧ୍ୟ, ମନ୍ତ୍ର ମହିମାକୁ ଅତିକ୍ରମ କରି ଦୈବଶକ୍ତି ରହିଥାଏ ବୋଲି ଜାଣି, ତାହାକୁ ଉପାର୍ଜନ କରିଥିବା ବ୍ୟକ୍ତି ଭୂପୃଷ୍ଠରେ ସମସ୍ତଙ୍କ ଅପେକ୍ଷା ମହାନ ହୋଇଥାଏ ବୋଲି କହିପାରିବା ।

## ସମାପ୍ତ

**ଏକ ବିଷୟକୁ ସମର୍ଥନ କରିବା ପାଇଁ ଶାସ୍ତ୍ର ଯେତିକି ଆବଶ୍ୟକ ସେହିଭଳି ଏକ ବିଷୟକୁ ଖଣ୍ଡନ କରିବା ପାଇଁ ମଧ୍ୟ ଶାସ୍ତ୍ର ସେତିକି ଆବଶ୍ୟକ ।**

*****

**ଅସତ୍ୟକୁ ହଜାରେ ଜଣ ସତ୍ୟ କହିଲେ ମଧ୍ୟ ତାହା ସତ୍ୟ ନୁହେଁ, ସତ୍ୟକୁ ହଜାରେ ଜଣ ଅସତ୍ୟ କହିଲେ ମଧ୍ୟ ତାହା ଅସତ୍ୟ ନୁହେଁ**

*****

**ତୋର ମାତା କିଏ ତୋତେ ଜଣାପଡିଗଲେ ତୋର ପିତାଙ୍କୁ ଜାଣି ପାରିବୁ, ତୋର ପିତା କିଏ ତୋତେ ଜଣାପଡିଗଲେ ତୋର ଲକ୍ଷ୍ୟ କଣ ଜାଣି ପାରିବୁ ।**

# ହିନ୍ଦୁ ରକ୍ଷଣ ! ହିନ୍ଦୁ ଭକ୍ଷଣ !!

## ଯିଏ ଭଗବଦ୍ଗୀତା ପଢି ନାହିଁ ସେ ହିନ୍ଦୁ ରକ୍ଷକ ?
## ଯେଉଁମାନେ ହିନ୍ଦୁ ଧର୍ମକୁ ଜାଣିନାହାନ୍ତି ସେମାନେ ହିନ୍ଦୁ ରକ୍ଷକ ?

ହିନ୍ଦୁମାନେ ଆଜି ନାନା ଜାତିରେ ବିଭାଜିତ ହୋଇ ଛୋଟ, ବଡ ଜାତିରେ ବା କୁଳରେ ବର୍ଣ୍ଣିତ ହୋଇଛନ୍ତି, ଏହା ଆଜି ସମସ୍ତେ ଜାଣିଥିବା ସତ୍ୟକଥା । ଈଶ୍ୱର ସମସ୍ତଙ୍କୁ ସମାନ ଭାବରେ ଜନ୍ମ କରାଇଥିବା ବେଳେ କିଛିଲୋକ ସେମାନଙ୍କର ସ୍ୱାର୍ଥବୁଦ୍ଧିରେ ହିନ୍ଦୁ (ଇନ୍ଦୁ) ସମାଜକୁ ଖଣ୍ଡ ଖଣ୍ଡକରି, ବଳହୀନ କରି ସେଇମାନେ ହିଁ ବଡ, ସେମାନେ ଯାହା କହୁଛନ୍ତି ତାହା ସମସ୍ତେ ଶୁଣି, ସେହି ଅନୁସାରେ କାର୍ଯ୍ୟ କରିବା ଉଚିତ୍ ବୋଲି କହୁଛନ୍ତି । ନାନା କୁଳ (ଜାତି) ଭାବରେ ଥିବା ହିନ୍ଦୁ ସମାଜରେ ସେମାନଙ୍କ କୁଳ ହିଁ ଉଚ୍ଚକୁଳ ବା ଅଗ୍ରକୁଳ (ବଡଜାତି) ବୋଲି କହିବା ବ୍ୟତୀତ, ଅନ୍ୟ କୁଳଗୁଡିକର ସେଇମାନେ ହିଁ ମାର୍ଗଦର୍ଶକ, ଗୁରୁ ବୋଲି କହୁଛନ୍ତି । ଭବିଷ୍ୟତରେ ଯେମିତି କେହି ସେମାନଙ୍କର ଅବରୋଧ ନହେବେ ସେଥିଲାଗି ଅନ୍ୟକୁଳଗୁଡିକୁ ଅଛୁତଜାତି କରିଦେଇ, ହିନ୍ଦୁଧର୍ମପାଇଁ ଘୋର ଅନ୍ୟାୟ କରିଛନ୍ତି । ସେତିକିରେ ରହିନଯାଇ ଆଜି ମଧ୍ୟ ଆମେ ହିନ୍ଦୁ ସମାଜର ରକ୍ଷକ ହୋଇ ରହିଛୁ ବୋଲି କହୁଥାଇ, ହିନ୍ଦୁ ସମାଜର ସର୍ବନାଶ କରି, ହିନ୍ଦୁ ସମାଜର ଲୋକମାନେ ଅନ୍ୟ ମତରେ ପ୍ରବେଶ କରିବାର ପ୍ରଥମ କାରକ ହେଉଛନ୍ତି । ସେଇଭଳି ଥିବା ଲୋକମାନେ ହିନ୍ଦୁସମାଜର କ୍ଷତିକାରକ ହୋଇ ରହିଥିଲେ ମଧ୍ୟ ଅନ୍ୟ ଜାତିର ଲୋକମାନେ ସେମାନଙ୍କ ପ୍ରକୃତ ସ୍ୱରୂପକୁ ନ ଜାଣି ସେମାନେ କହିବା ଅନୁସାରେ ଶୁଣୁଥିବାରୁ, ହିନ୍ଦୁ ସମାଜ ସମ୍ପୂର୍ଣ୍ଣ ଅଜ୍ଞାନ ଦିଗରେ, ଅଧର୍ମ ବାଟରେ ଚାଲୁଛି । ପ୍ରଜାମାନେ ଦୈବଜ୍ଞାନ ଜାଣିବାରୁ ବଞ୍ଚିତ ରହିଯାଇ ସେମାନେ କହୁଥିବା କଥାକୁ ହିଁ ବାସ୍ତବ ଦୈବଜ୍ଞାନ ଭାବୁଛନ୍ତି ।

ଏହିଭଳି ସ୍ଥିତିରେ ଆଜି ତ୍ରୈତ ସିଦ୍ଧାନ୍ତର କର୍ତ୍ତା ଭାବରେ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର ମହାଶୟ ଅଜ୍ଞାନ ଦିଗରେ ରହିଯାଇଥିବା ହିନ୍ଦୁ

ସମାଜକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରାଇବା ପାଇଁ, **ଭଗବଦ୍ଗୀତାର ପୁରୁଷୋତ୍ତମପ୍ରାପ୍ତି ଯୋଗ ନାମକ ଅଧ୍ୟାୟରେ ବୋଧ କରାଯାଇଥିବା କ୍ଷର, ଅକ୍ଷର, ପୁରୁଷୋତ୍ତମ ନାମକ ତିନି ପୁରୁଷଙ୍କ ବିଷୟକୁ 'ତ୍ରୈତ ସିଦ୍ଧାନ୍ତ' ନାଆଁରେ ପ୍ରତିପାଦନ କରି ଦୈବଜ୍ଞାନକୁ ସମସ୍ତେ ବୁଝିପାରିବା ଭଳି ଗ୍ରନ୍ଥରୂପରେ ଲେଖୁଛନ୍ତି, ବୋଧ ମଧ୍ୟ କରୁଛନ୍ତି, ତଦ୍ଦ୍ୱାରା ଆଜିଅନେକଲୋକ ଆମକୁ ବାସ୍ତବ ଜ୍ଞାନ ମିଳିଯାଇଛି ବୋଲି ଖୁସି ହେଉଛନ୍ତି ।** ଅଗ୍ରକୁଳ କୁହାଯାଉଥିବା କୁଳର ଲୋକମାନେ ମଧ୍ୟ ସେମାନଙ୍କ ଅଜ୍ଞାନ ଅନ୍ଧକାରକୁ ଦୂରକରି, ଆଜିଯାଏଁ ଆମକୁ ଜଣାପଡି ନଥିବା ଜ୍ଞାନ ଯୋଗୀଶ୍ୱରଙ୍କ ଦ୍ୱାରା ଜାଣିପାରିଛୁ କହି ଶିଷ୍ୟ ଭାବରେ ରହିଛନ୍ତି । ହେଲେ ଅଗ୍ରକୁଳର ମାତ୍ର କିଛିଲୋକ ଯୋଗୀଶ୍ୱର ଜଣାଉଥିବା ଜ୍ଞାନ ବିଷୟକୁ ଦେଖି, ଏହି ଜ୍ଞାନ ଦ୍ୱାରା ପ୍ରଜାମାନେ ଜ୍ଞାନଚୈତନ୍ୟ ପାଇ, ଜ୍ଞାନ ଜାଣି ନଥିବା ସେମାନଙ୍କୁ ସମ୍ମାନ ଦେବେ ନାହିଁ ବୋଲି ଭାବୁଛନ୍ତି ଆଉ ଏଭଳି ହେବା ଦ୍ୱାରା ସମାଜ ଉପରେ ସେମାନଙ୍କର ଆଧିପତ୍ୟ ରହିବ ନାହିଁ ବୋଲି ଯୋଗୀଶ୍ୱର ଜଣାଉଥିବା ତ୍ରୈତ ସିଦ୍ଧାନ୍ତ ହିନ୍ଦୁ ମାନଙ୍କର ନୁହେଁ, ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା ମଧ୍ୟ କଦାପି ହିନ୍ଦୁମାନଙ୍କର ନୁହେଁ, ତାହା ଖ୍ରୀଷ୍ଟିଆନ ମାନଙ୍କର, ତାହା କେହି ପଢିବା ଉଚିତ୍ ନୁହେଁ ବୋଲି ପ୍ରଚାର କରିବା ଆରମ୍ଭ କଲେଣି । ତାଛଡା ସେମାନେ ନିଜକୁ ହିନ୍ଦୁଧର୍ମର ରକ୍ଷକ କହି କିଛି ରାଜକୀୟ ରଙ୍ଗ ବୋଳିହୋଇ, ଆମ ଜ୍ଞାନ ପ୍ରଚାର ହେବାରେ ଅନେକ ସ୍ଥାନରେ ଅବରୋଧ ହେଉଛନ୍ତି । ସେମାନଙ୍କ କଥା ଶୁଣୁଥିବା ଇତର କୁଳର ଲୋକମାନଙ୍କୁ ମଧ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର କହୁଥିବା ଜ୍ଞାନ ହିନ୍ଦୁଜ୍ଞାନ ନୁହେଁ, ତାହା ଖ୍ରୀଷ୍ଟଧର୍ମର ଜ୍ଞାନ, ସେମାନେ ହିନ୍ଦୁମାନଙ୍କ ବେଶରେ ପ୍ରଚାର କରୁଛନ୍ତି ବୋଲି କହୁଛନ୍ତି । ତାଛଡା ସେହି ନିମ୍ନକୁଳର ଲୋକମାନଙ୍କୁ ପ୍ରେରଣା ଦେଇ ଆମ ଜ୍ଞାନ ପ୍ରଚାରରେ ଅବରୋଧ ହେଉଛନ୍ତି ।

ଯୋଗୀଶ୍ୱର ସ୍ଥାପନ କରିଥିବା ହିନ୍ଦୁ **(ଇନ୍ଦୁ) ଜ୍ଞାନ ବେଦିକା** ଏଭଳି ଲୋକମାନଙ୍କର ନାଟକୁ ଅନେକ ଦିନଧରି ଧୈର୍ଯ୍ୟର ସହିତ ସହି ଆସିଛି । ଆମଠାରେ ଧୈର୍ଯ୍ୟର ସୀମା ଡେଇଁଯିବା ପରେ, ଆମକୁ ପରମତ ପ୍ରଚାରକ ବର୍ଣ୍ଣନା କରି କହୁଥିବା ଅଗ୍ରକୁଳ (ବଡଜାତି)ର ଲୋକମାନଙ୍କୁ, ସେମାନଙ୍କ ଅନୁଚରମାନଙ୍କୁ ସମ୍ମୁଖୀନ କରି ପ୍ରଶ୍ନ କରିବାକୁ ପଡିଛି । ଆମେ ପଚାରିଥିବା କୌଣସି ଗୋଟିଏ ପ୍ରଶ୍ନର ମଧ୍ୟ ସଠିକ ସମାଧାନ ସେମାନେ କହିପାରି ନାହାନ୍ତି । ସେମାନଙ୍କ ଉତ୍ତର କେଉଁଭଳି ଥିଲା ତାହା ନିମ୍ନମତେ ଦେଉଛୁ ଆପଣମାନେ ଟିକିଏ ଦେଖନ୍ତୁ ।

**ଆମପ୍ରଶ୍ନ - ଏପର୍ଯ୍ୟନ୍ତ ହିନ୍ଦୁମାନେ କରୁନଥିବା କାର୍ଯ୍ୟ କରିବା ପୂର୍ବକ ଆମେ ଗାଆଁ ଗାଆଁ, ଘର ଘର ବୁଲି ହିନ୍ଦୁ ଧର୍ମର ପ୍ରଚାର କରୁଛୁ, ଆପଣ ଆମକୁ ପରମତ ପ୍ରଚାରକ ବୋଲି କାହିଁକି କହୁଛନ୍ତି ?**

**ସେମାନଙ୍କ ସମାଧାନ -** ହିନ୍ଦୁ ମତରେ (ହିନ୍ଦୁ ଧର୍ମରେ) ଅନେକ ସ୍ୱାମୀଜୀ ଅଛନ୍ତି । ସେମାନେ କେହି ଘର ଘର ବୁଲି ପ୍ରଚାର କରନ୍ତି ନାହିଁ, ହିନ୍ଦୁମାନେ ଏମିତି କେବେ ବି ପ୍ରଚାର କରନ୍ତି ନାହିଁ, ସେଥିଲାଗି କହୁଛୁ ଆପଣ ହିନ୍ଦୁବେଶରେ ଘର ଘର ବୁଲି ଖ୍ରୀଷ୍ଟଧର୍ମ ପ୍ରଚାର କରୁଛନ୍ତି ।

**ଆମ ପ୍ରଶ୍ନ - ଯଦି ଆମେ ଖ୍ରୀଷ୍ଟିଆନ ତେବେ ଭଗବଦ୍ଗୀତା କାହିଁକି ପ୍ରଚାର କରୁଛୁ ?**

**ସେମାନଙ୍କ ସମାଧାନ** - ଆପଣମାନେ ତ୍ରୈତ ସିଦ୍ଧାନ୍ତ ନାମକ ଭଗବଦ୍ଗୀତା ପ୍ରଚାର କରୁଛନ୍ତି, ତାହା ଖ୍ରୀଷ୍ଟିଆନ ମାନଙ୍କର । ଆପଣମାନେ ବାଇବେଲ୍‌ର ଏଭଳି ନାଆଁ ଦେଇଛନ୍ତି ।

**ଆମ ପ୍ରଶ୍ନ - ଖ୍ରୀଷ୍ଟିଆନମାନେ ନିଜକୁ ଖ୍ରୀଷ୍ଟିଆନ କହନ୍ତି, ସେମିତି ବାଇବେଲକୁ ବାଇବେଲ କହନ୍ତି । ସେମାନଙ୍କ ପ୍ରଚାର ଖ୍ରୀଷ୍ଟଧର୍ମ ଏବଂ ବାଇବେଲ ହୋଇଥିବା ବେଳେ ସେହି ନାଆଁରେ ପ୍ରଚାର କରିବେ**

**ସିନା, ହିନ୍ଦୁ ବେଶରେ ଭଗବଦ୍ଗୀତା ନାଆଁରେ କାହିଁକି ପ୍ରଚାର କରିବେ ? ଏମିତି ଆଯିଯାଏଁ କେଉଁଠି ହୋଇନାହିଁ । ଯେଉଁ ଧର୍ମର ଲୋକେ ସେଇ ଧର୍ମର ପ୍ରଚାର କରିବେ ସିନା, ଅନ୍ୟ ଧର୍ମର ପ୍ରଚାର କାହିଁକି କରିବେ ? ଏତେକଥା କାହିଁକି ଆପଣ ଆମ ଭଗବଦ୍ଗୀତା ଖୋଲି ଦେଖିଛନ୍ତି ? ସେଥିରେ ଭଗବଦ୍ଗୀତା ଶ୍ଳୋକ ଅଛି କି ବାଇବେଲ୍ ବାକ୍ୟ ଅଛି ?**

**ସେମାନଙ୍କ ସମାଧାନ** - ବାଇବେଲ ବାକ୍ୟ ନ ଥିଲେ କଣହେଲା ତ୍ରୈତ ସିଦ୍ଧାନ୍ତ ବୋଲି ତ ଅଛି ! ତ୍ରୈତ କହିଲେ ତ୍ରିତ୍ୱ ବା ଟ୍ରିନିଟି ବୋଲି ଆମକୁ ଭଲରେ ଜଣାଅଛି ।

**ଆମ ପ୍ରଶ୍ନ - ହିନ୍ଦୁ ଧର୍ମରେ ଥିବା ଅଦ୍ୱୈତ ସିଦ୍ଧାନ୍ତକୁ ଆଦି-ଶଙ୍କରାଚାର୍ଯ୍ୟ ପ୍ରତିପାଦନ କରିଥିଲେ । ବିଶିଷ୍ଟାଦ୍ୱୈତ ସିଦ୍ଧାନ୍ତକୁ ରାମାନୁଜାଚାର୍ଯ୍ୟ ପ୍ରତିପାଦନ କରିଥିଲେ, ଦ୍ୱୈତ ସିଦ୍ଧାନ୍ତକୁ ମଧ୍ୱାଚାର୍ଯ୍ୟ ପ୍ରକଟିତ କରିଥିଲେ । ଏବେ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରିଛନ୍ତି । ସିଦ୍ଧାନ୍ତକର୍ତ୍ତାମାନେ ଏବଂ ସେମାନଙ୍କ ସିଦ୍ଧାନ୍ତଗୁଡିକ ଅଲଗା ଅଲଗା ହେଲେ ମଧ୍ୟ ସେମାନେ ସମସ୍ତେ ହିନ୍ଦୁ ବୋଲି ଆପଣ କାହିଁକି ଭାବୁନାହାନ୍ତି ?**

**ସେମାନଙ୍କ ସମାଧାନ** - ଆପଣଙ୍କ ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାରେ ଯଞ୍ଚ କରିବା ଉଚିତ ନୁହେଁ ବୋଲି ଲେଖିଛନ୍ତି ! ବାସ୍ତବ ଭଗବଦ୍ଗୀତାରେ କଣ ତାହା ଅଛି !

**ଆମ ପ୍ରଶ୍ନ - ଆପଣ ହିନ୍ଦୁମାନଙ୍କ ଭିତରେ ମୁଖ୍ୟଲୋକ ଭାବରେ ରହି ଏମିତି ମୁର୍ଖଙ୍କ ଭଳି କିପରି କଥା କହୁଛନ୍ତି ? ସାରା ଦୁନିଆଁରେ ଭଗବଦ୍ଗୀତା ଗୋଟିଏ ! ତମ ଭଗବଦ୍ଗୀତା, ଆମ ଭଗବଦ୍ଗୀତା ହୋଇ ଭଗବଦ୍ଗୀତା ନାହିଁ । ଭଗବଦ୍ଗୀତାର ଭାଷ୍ୟ ଲେଖିବା ବେଳେ**

**ଯିଏ ଯାହାର ଭାବର ଅନୁଗୁଣ ବିବରଣ ଲେଖିଥାଇ ପାରନ୍ତି, ହେଲେ ଭଗବଦ୍ଗୀତା ସମସ୍ତଙ୍କର ମୂଳଗ୍ରନ୍ଥ ବୋଲି ଗ୍ରହଣ କରନ୍ତୁ। ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା ଅନ୍ୟମାନେ ଲେଖିଥିବା ଭଗବଦ୍ଗୀତାର ଭାବଠାରୁ ଉନ୍ନତ ଭାବର ସହିତ ଲେଖାଯାଇଛି ବୋଲି ଜ୍ଞାନୀମାନେ ତାର ଗୁଣଗାନ କରିବା ସହିତ ଆପଣଙ୍କ କୁଳର ଅନେକ ଲୋକମାନେ ମଧ୍ୟ ପ୍ରଶଂସା କରୁଛନ୍ତି । ଆପଣଙ୍କ ଭଳି ମାତ୍ର କିଛିଲୋକ ଏହାର ବିରୁଦ୍ଧ ହୋଇ ରହିଛନ୍ତି ବୋଲି ଲାଗୁଛି । ଯଜ୍ଞ କରନାହିଁ ବୋଲି ଆମେ କେଉଁଠି କହିନାହୁଁ। ଯଜ୍ଞ ଦ୍ୱାରା ପୁଣ୍ୟ ହୁଏ, ସ୍ୱର୍ଗ ମିଳିଥାଏ କହିଛୁ। ଯଜ୍ଞ ଦ୍ୱାରା ମୋକ୍ଷ ମିଳେ ନାହିଁ, ଈଶ୍ୱର ଜଣାପଡନ୍ତି ନାହିଁ କହିଛୁ । ଏତେକଥା କାହିଁକି ଆପଣ ନିଜକୁ ସ୍ୱଚ୍ଛ ହିନ୍ଦୁ କହୁଛନ୍ତି ପରା ! ଭଗବଦ୍ଗୀତାରେ କୁହାଯାଇଥିବା ଗୋଟିଏ ହିନ୍ଦୁଧର୍ମକୁ କହନ୍ତୁ ।**

**ସେମାନଙ୍କ ସମାଧାନ-** ଏତେକଥା ଆମର ଦରକାର ନାହିଁ... ଆପଣ ହିନ୍ଦୁ ନୁହନ୍ତି ।

**ଆମ ପ୍ରଶ୍ନ - ମୁର୍ଖଙ୍କଭଳି କଥା କୁହନ୍ତୁ ନାହିଁ । ଆପଣ ଅଗ୍ରକୁଳର ବୋଲି ମନଇଛା ଯାହା ପାଇବେ ତାହା କହନ୍ତୁ ନାହିଁ । ଆମେ ହିନ୍ଦୁ ନୋହୁଁ ବୋଲି ଆପଣ ଗୋଟିଏ ପ୍ରମାଣ ଦେଇପାରିବେ ? ଆମ କଥା ଛାଡନ୍ତୁ ! ଆପଣ ଯଦି ସ୍ୱଚ୍ଛ ହିନ୍ଦୁ ତେବେ ଭଗବଦ୍ଗୀତାର ବିଶ୍ୱରୂପ ସନ୍ଦର୍ଶନ ଯୋଗରେ ଥିବା ୪୮ ଏବଂ ୫୩ ତମ ଶ୍ଲୋକରେ ଭଗବାନ କଣ କହିଛନ୍ତି ଆପଣ ହିଁ କହନ୍ତୁ ।**

**ସେମାନଙ୍କ ସମାଧାନ -** ଆମେ ଏପର୍ଯ୍ୟନ୍ତ ଭଗବଦ୍ଗୀତା କେବେ ପଢିନାହୁଁ, ଯଦି ଆପଣଙ୍କର ଏ ସମାଧାନ ଦରକାର ତେବେ ସମ୍ପୂର୍ଣ୍ଣାନନ୍ଦସ୍ୱାମୀଙ୍କ ଦ୍ୱାରା କୁହାଇଦେଇ ପାରିବୁ ।

**ଆମପ୍ରଶ୍ନ - ଅତି କମରେ ଭଗବଦ୍ଗୀତା ପଢିନଥିବା ଆପଣମାନେ**

**ଯୋଗୀଶ୍ୱର ହୋଇଥିବା ପ୍ରବୋଧାନନ୍ଦ ସ୍ୱାମୀଙ୍କୁ ନିନ୍ଦା କରିବା କଣ ଭଲ ? ଗୋଟିଏ ହିନ୍ଦୁଧର୍ମକୁ ମଧ୍ୟ ଜାଣି ନଥିବା ଆପଣମାନେ ଆମେ ହିନ୍ଦୁଧର୍ମର ରକ୍ଷକ ବୋଲି କିପରି କହୁଛନ୍ତି ? ଯୋଗୀଶ୍ୱର ଲେଖିଥିବା କୌଣସି ଗୋଟିଏ ଗ୍ରନ୍ଥ ମଧ୍ୟ ନପଢି ଆମଛଡା ପୂଜ୍ୟହୋଇ, ଗୁରୁହୋଇ ଆଉ କେହି ନରହନ୍ତୁ ବୋଲି ଘୃଣାର ସହିତ ଏମିତି କଥାବାର୍ତ୍ତା କଲେ ଈଶ୍ୱର ସହିବେ ନାହିଁ ।**

**ସେମାନଙ୍କ ସମାଧାନ** - ଆମ ହିନ୍ଦୁଧର୍ମରେ ଅନେକ ଦେବତା ଅଛନ୍ତି । ଶିବ ଜଣେ ଦେବତା, ତାଙ୍କ ପୁଅ ଗଣେଶ ଜଣେ ଦେବତା, ରାମ ଜଣେ ଦେବତା ତାଙ୍କ ଭକ୍ତ ହନୁମାନ ମଧ୍ୟ ଜଣେ ଦେବତା ଏମିତି ଅନେକ ଦେବତା ଥିବା ବେଳେ, ହିନ୍ଦୁ ମତରେ କେବଳ ଜଣେ ଦୈବ ବା ଈଶ୍ୱର ଅଛନ୍ତି ବୋଲି ଆପଣଙ୍କର କହିବା କଣ ଭୁଲ ନୁହେଁ ?

**ଆମ କଥା - ଆମେ ଧର୍ମ (ମତ) ବାବଦରେ କହୁନାହୁଁ । ହିନ୍ଦୁମତରେ ନାନା ଦେବତା ଅଛନ୍ତି ସତକଥା, ହେଲେ ହିନ୍ଦୁ ଜ୍ଞାନରେ, ହିନ୍ଦୁଧର୍ମ ଅନୁସାରେ ସାରାବିଶ୍ୱର ଦୈବ ବା ଈଶ୍ୱର ଜଣେ ଅଛନ୍ତି ବୋଲି କହୁଛୁ । ଭଗବଦ୍ଗୀତାରେ ଈଶ୍ୱର ଯାହା କହିଛନ୍ତି ସେଇକଥା କହୁଛୁ ସିନା ଦେବତାମାନେ ନାହାନ୍ତି ବୋଲି ତ କହୁନାହୁଁ ! ଦେବତା ମାନଙ୍କର ଜଣେ ଅଧିପତି ଅଛି ସେ ହିଁ ଦେବାଧିଦୈବ, ଈଶ୍ୱର ବା ପରମାତ୍ମା ତାଙ୍କରି ଉପାସନା କରନ୍ତୁ ବୋଲି କହିଛୁ ।**

**ସେମାନଙ୍କ କଥା -** ଆପଣ ରାମଙ୍କ ନାଆଁ କହୁ ନାହାନ୍ତି, ଶିବଙ୍କ ନାଆଁ କହୁ ନାହାନ୍ତି ଗଣେଶଙ୍କ କଥା ମଧ୍ୟ କହୁ ନାହାନ୍ତି, କୌଣସି ହିନ୍ଦୁ ଦେବତାଙ୍କ ନାଆଁ ନକହି ଈଶ୍ୱର, ସୃଷ୍ଟିକର୍ତ୍ତା ବୋଲି ଅନେକ ଥର କହିଛନ୍ତି । ଈଶ୍ୱର, ସୃଷ୍ଟିକର୍ତ୍ତା ଭଳି ଶବ୍ଦଗୁଡିକ ଖ୍ରୀଷ୍ଟିଆନମାନେ ବ୍ୟବହାର କରନ୍ତି ସିନା, ହିନ୍ଦୁମାନେ ବ୍ୟବହାର କରନ୍ତି ନାହିଁ, ସେଥିଲାଗି ଆପଣମାନଙ୍କୁ ଏମାନେ ହିନ୍ଦୁ ନୁହନ୍ତି ଖ୍ରୀଷ୍ଟିଆନ ବୋଲି କହୁଛୁ ।

**ଆମପ୍ରଶ୍ନ - ଖ୍ରୀଷ୍ଟଧର୍ମ ଜନ୍ମ ହୋଇ ଦୁଇହଜାର ବର୍ଷ ବିତିଲାଣି । ସୃଷ୍ଟି କେବେଠାରୁ ହୋଇଛି ସେ ବାବଦରେ କେହି ମଧ୍ୟ କହିପାରିବେ ନାହିଁ । ସୃଷ୍ଟି ଆରମ୍ଭରୁ ଈଶ୍ୱର, ସୃଷ୍ଟିକର୍ତ୍ତା ଇତ୍ୟାଦି ଶବ୍ଦକୁ ହିନ୍ଦୁମାନେ ହିଁ ବ୍ୟବହାର କରି ଆସୁଛନ୍ତି । ଆଜି ଈଶ୍ୱର, ସୃଷ୍ଟିକର୍ତ୍ତା ନାମକ ଶବ୍ଦ କଣ ହିନ୍ଦୁମାନେ ଖ୍ରୀଷ୍ଟିଆନମାନଙ୍କୁ ଲିଜ୍ ଦେଇଛନ୍ତି ? କି ପୁରା ବିକି ଦେଇଛନ୍ତି ? ସୃଷ୍ଟିକର୍ତ୍ତା, ଈଶ୍ୱର ନାମକ ଶବ୍ଦ ହିନ୍ଦୁମାନେ ବ୍ୟବହାର କରିବା ଉଚିତ୍ ନୁହେଁ ବୋଲି କେଉଁଠି ଲେଖାହୋଇଛି ?**

**ସେମାନଙ୍କ ସମାଧାନ** - ଆପଣ ହିନ୍ଦୁଧର୍ମ ନୁହେଁ ଖ୍ରୀଷ୍ଟଧର୍ମ ପ୍ରଚାର କରୁଛନ୍ତି ବୋଲି କହିବାପାଇଁ ନିଜେ ନିଜକୁ ହିନ୍ଦୁ କହୁଛନ୍ତି । ନିଜକୁ ହିନ୍ଦୁ ମଧ୍ୟ ନ କହି ଇନ୍ଦୁ କହୁଛନ୍ତି । ହିନ୍ଦୁଧର୍ମକୁ ଇନ୍ଦୁଧର୍ମ କହିବା ଦ୍ୱାରା ଆପଣ ହିନ୍ଦୁଧର୍ମକୁ ଖଣ୍ଡ ଖଣ୍ଡ କରିଦେବା ଭଳି ହେଉଛି । ସ୍ୱତନ୍ତ୍ର ଇନ୍ଦୁଧର୍ମ ପ୍ରଚାର ହେବାଭଳି ହେଉଛି । ଆପଣ ଯଦି ହିନ୍ଦୁ ତେବେ ଆପଣଙ୍କ ଗ୍ରନ୍ଥଗୁଡିକରେ, ଆପଣଙ୍କ ପ୍ରବଚନରେ ସ୍ୱତନ୍ତ୍ର ଭାବେ ଇନ୍ଦୁ ବୋଲି କାହିଁକି କହୁଛନ୍ତି ?

**ଆମ କଥା -** ଆମେ ଗୋଟିଏ ସିଧା ପ୍ରଶ୍ନ ପଚାରୁଛୁ ତାର ସମାଧାନ କରନ୍ତୁ ତ ! ହିନ୍ଦୁ ଆଉ ଇନ୍ଦୁ ନାମକ ଶବ୍ଦରେ ମାତ୍ର ଟିକିଏ ଭିନ୍ନତା ଛଡା ଆଉ କଣ ଅଛି ଆପଣ କହନ୍ତୁ । ତେଲୁଗୁ ଭାଷାରେ ଲେଖିଥିବା ଲୋକମାନେ ହିରଣ୍ୟ କଶ୍ୟପକୁ 'ନରଶିଂହ ସ୍ୱାମୀ' ମାରିଥିଲେ ବୋଲି ଲେଖିଛନ୍ତି । ଆଜି ଏଇ ନାଆଁ ଥିବା ଲୋକମାନେ ମଧ୍ୟ 'ନରଶିଂହ' ଲେଖୁଛନ୍ତି । ହେଲେ ତାହା ଏଭଳି ଲେଖାଯିବା ଅନୁଚିତ୍ 'ନରସିଂହ' ଲେଖାଯିବା ଉଚିତ୍ ବୋଲି ଆମେ କହୁଛୁ । ଜଙ୍ଗଲର ରାଜା 'ସିଂହ' କୁହାଯାଏ ସିନା 'ଶିଂହ' କୁହାଯାଏ ନାହିଁ । 'ସିଂହ'ର ଅର୍ଥ ଅଛି, ହେଲେ 'ଶିଂହ'ର କିଛି ମଧ୍ୟ ଅର୍ଥ ନାହିଁ । ଏମିତି ଯାହା ଠିକ୍ ତାହା ଲେଖାଯିବା ଉଚିତ୍ । ସେହିଭଳି '**ଇନ୍ଦୁ**'ର ଅର୍ଥ ଅଛି ସିନା '**ହିନ୍ଦୁ**'ର ଅର୍ଥ ନାହିଁ ବୋଲି କହିଛୁ । ସୃଷ୍ଟ୍ୟାଦିରେ ଜନ୍ମ ହୋଇଥିଲା ଇନ୍ଦୁସମାଜ, ତାହା ମଝିରେ ବଦଳି 'ସଂକ୍ରାନ୍ତିକୁ' 'ସଙ୍କରାନ୍ତି'

କହିବା ଭଳି ଇନ୍ଦୁ ଶବ୍ଦ ହିନ୍ଦୁ ହୋଇଯାଇଛି ବୋଲି କହିଛୁ । ଇନ୍ଦୁ ଶବ୍ଦର ଅର୍ଥ କଅଣ, କାହିଁକି ହିନ୍ଦୁ ନକହି ଇନ୍ଦୁ କହିବା ଉଚିତ୍ ତାହା ମଧ୍ୟ ଆମ ଗ୍ରନ୍ଥଗୁଡିକରେ ବିବରଣାତ୍ମକ ଲେଖିଛୁ । ଥିବା ସତକଥାକୁ କହିଲେ ତାହା ଘୃଣା କାହିଁକି ଲାଗୁଛି । ଆମଠାରୁ ଆଉ କେହି ବଡ ନରହନ୍ତୁ ଭାବର ସହିତ କଥା କହୁଛନ୍ତି ଆପଣ ।

ଅଗ୍ରକୁଳର ଅନେକଲୋକ ଆମ ଜ୍ଞାନକୁ ଜାଣି ସନ୍ତୋଷତା ବ୍ୟକ୍ତ କରୁଛନ୍ତି, କିନ୍ତୁ ମାତ୍ର କେଇଜଣ ସଠିକ ଭାବରେ ବୁଝି ନପାରି ମାରିଦବୁ, ପୋଡିଦବୁ ଏସବୁ ପ୍ରଚାର କରନାହିଁ ବୋଲି କହୁଛନ୍ତି । ଏହା ଠିକ୍ କଥା ନୁହେଁ । ଆମର କୌଣସି ଗ୍ରନ୍ଥ ମଧ୍ୟ ନପଢି, ଆମକଥା ନଶୁଣି ଏସବୁ ଡ୍ରାମା, ନାଟକ କହିବା ଠିକ୍ ନୁହେଁ । ଆପଣଙ୍କ ଭିତରୁ କେହି ଜଣେ ଆସି ଆମେ କାହାକୁ ଅମୁକ ଧର୍ମରେ ରହ ବୋଲି କହୁଛୁ କି ଆମେ ଅନ୍ୟମତ ପ୍ରଚାର କରୁଛୁ ବୋଲି ପ୍ରମାଣିତ କରନ୍ତୁ । **ଏମିତି ଯିଏ ପ୍ରମାଣ କରି ଦେଖାଇଦେବ ତାକୁ ଇନ୍ଦୁ ଜ୍ଞାନବେଦୀକା ତରଫରୁ ୧୦ଲକ୍ଷ ଟଙ୍କା ଦେବୁ, ଯଦି ପ୍ରମାଣିତ କରି ନ ପାରିବେ ତେବେ, ଆପଣ କୌଣସି ଗାଆଁରେ ଥିବା ଶ୍ରୀକୃଷ୍ଣ ମନ୍ଦିରକୁ ମାତ୍ର ଲକ୍ଷେ ଟଙ୍କା ଦେବାକୁ ହେବ ।** ଏହି ସର୍ତ୍ତରେ କେହି ଆଗକୁ ଆସିପାରିବେ ? ବୋଲି ପଚାରୁଛୁ ।

ଇତି

**ଇନ୍ଦୁ ଜ୍ଞାନ ବେଦିକା, ପ୍ରବୋଧା ସେବା ସମିତି**

ଅବଶ୍ୟ ପାଠକରନ୍ତୁ                                                    ପାଠକରାନ୍ତୁ

# ଶ୍ରୀକୃଷ୍ଣ ଈଶ୍ୱର (ପରମାତ୍ମା) ? କି ଭଗବାନ ?

ଏହି ଗ୍ରନ୍ଥ ଦ୍ୱାରା କୃଷ୍ଣ କହିଲେ କଅଣ ଏବଂ କିଏ ବୋଲି ଜଣାପଡିଥାଏ । ଈଶ୍ୱର ମାନବରୂପ ଧାରଣ କରିଥାନ୍ତି କହିବାକୁ ଏହା ଏକ ନିଦର୍ଶନ । ଏହା ଦ୍ୱାରା କେତେ ମହାନ ଜ୍ଞାନ ଜଣାପଡିବା ସହିତ, ଏପର୍ଯ୍ୟନ୍ତ ଜଣା ନଥିବା ଅନେକ ଆଧ୍ୟାତ୍ମିକ ରହସ୍ୟ ଜଣାପଡିଥାଏ । ଏହି ଜ୍ଞାନ ଦ୍ୱାରା ଈଶ୍ୱର ଅଲଗା, ଭଗବାନ ଅଲଗା ବୋଲି ଜଣାପଡିଥାଏ । କୃଷ୍ଣ ମଣିଷ ହେଲେହେଁ ତାଙ୍କ ମରଣରେ ଘଟିଥିବା ରହସ୍ୟ ଏପର୍ଯ୍ୟନ୍ତ କାହାକୁ ମଧ୍ୟ ଜଣା ନାହିଁ । କୃଷ୍ଣଙ୍କ ମରଣ ରହସ୍ୟ ଏହି ଗ୍ରନ୍ଥ ଦ୍ୱାରା ଜାଣି ପାରିଲେ ଭୂପୃଷ୍ଠରେ କୌଣସି ମତଭେଦ ରହିବ ନାହିଁ, ମତକଳହ ରହିବ ନାହିଁ ।

**ରଚୟିତା** : ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅବଶ୍ୟ ପାଠକରନ୍ତୁ ପାଠକରାନ୍ତୁ

# ଦେବାଳୟ ରହସ୍ୟ

ପ୍ରପଞ୍ଚ ପଟ୍ଟରେ ଭାରତଦେଶ ଆଧ୍ୟାତ୍ମିକର ଏକତୁଡିଶାଳ ଭାବରେ କୁହାଯାଉଥିବା ଦକ୍ଷିଣ ଭାରତଦେଶ ସ୍ୱଚ୍ଛ ଐଶ୍ୱରୀୟ ଜ୍ଞାନର ନିଳୟ । ଦକ୍ଷିଣ ଭାରତ ଦେଶରେ ନିର୍ମିତ ହୋଇଥିବା ଦେବାଳୟଗୁଡିକ (ମନ୍ଦିରଗୁଡିକ), ସୃଷ୍ଟ୍ୟାରମ୍ଭରେ କୁହାଯାଇଥିବା ଐଶ୍ୱରୀୟ ଜ୍ଞାନର ସଙ୍କେତ ତଥା ସନ୍ଦେଶ ଭାବରେ ବିରାଜିତ । ଦେବାଳୟଗୁଡିକର ବିଧିବିଧାନ ଜଣାନଥିବା ଦୂର୍ଭାଗ୍ୟ ପରିସ୍ଥିତିରେ ଆମେ ଆଜି ରହିଛେ । ଆମ ଉତ୍ତରପିଢୀମାନେ ପଚ୍ଚରୁଥିବା ପ୍ରଶ୍ନର ଉତ୍ତର ଦେଇପାରୁ ନଥିବା ସ୍ଥିତିରେ ଦେବାଳୟଗୁଡିକୁ ରଖି ଆମେ ହିଁ ତାହାକୁ ପ୍ରଶ୍ନାର୍ଥକ କରିଦେଉଛେ । ଆଧ୍ୟାତ୍ମିକ ରହସ୍ୟଗୁଡିକୁ ଦେବାଳୟଗୁଡିକର ପାଦେପାଦେ ସେଦିନର ଜ୍ଞାନୀମାନେ ଖଞ୍ଜିଥିବାବେଳେ, ସେଗୁଡିକୁ ଯେଉଁମାନେ ଖୋଜନ୍ତି ସେମାନଙ୍କୁ ସେହି ରହସ୍ୟଗୁଡିକ ଅଜଣା ରହିଯିବା ସମୟରେ ମରୁଭୂମିରେ ସବୁଜିମା ମିଳିଯିବା ଭଳି ଅପରୂପ ଆଧ୍ୟାତ୍ମିକକ ଗ୍ରନ୍ଥ ହୋଇ ଆମକୁ ମିଳିଯାଇଛି ଏହି "ଦେବାଳୟ ରହସ୍ୟ" ।

ଏହି ଗ୍ରନ୍ଥରେ ଦେବାଳୟର ମୁଖଶାଳାଠାରୁ ଆରମ୍ଭ କରି ଗର୍ଭଗୃହ ର ସାକାର ପ୍ରତିମା ପର୍ଯ୍ୟନ୍ତ ଏବଂ ପ୍ରତିମାର ପୂଜା ବିଧିରେ ଥିବା ପ୍ରତି କାର୍ଯ୍ୟକଳାପକୁ ସୁନ୍ଦରଶୈଳୀରେ, ଶାସ୍ତ୍ରବଦ୍ଧ ବିବରଣୀ ଦିଆଯାଇଛି । ଏପର୍ଯ୍ୟନ୍ତ କେହି ଖୋଲି କହିପାରି ନଥିବା ଆଧ୍ୟାତ୍ମିକ ରହସ୍ୟର ଉନ୍ମୋଚନ କରି ସର୍ବପ୍ରଥମେ ପ୍ରବୋଧାନନ୍ଦ ଯୋଗୀଶ୍ୱର ସାରା ପ୍ରପଞ୍ଚକୁ (ଦୁନିଆକୁ) ଜଣାଇଛନ୍ତି ।

ରଚୟିତା : ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**